ସନ୍ତରଣରେ ରକ୍ଷଭଙ୍କୁ ୨ ପଦକ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ଲୋକାର୍ପିତ

'ନବୀନ ଓଡ଼ିଶା'ର ନୂଆ ପରିଚୟ

ରାଜଧାନୀର ପ୍ରମୁଖ ଲ୍ୟାଣ୍ଡମାର୍କ ହେବ ବିଏସ୍‌ଏବିଟି

ଯାତ୍ରୀଙ୍କୁ ମିଳିବ ବିମାନବନ୍ଦର ଭଳି ସମସ୍ତ ସୁବିଧା

■ **ଭୁବନେଶ୍ୱର, ୧।୩ (ସମିସ):** ବାସ୍ତବ ରୂପ ନେଇଛି ରାଜ୍ୟବାସୀଙ୍କ ସ୍ୱପ୍ନ। 'ନବୀନ ଓଡ଼ିଶା'ର ନୂଆ ପ୍ରତୀକ ଭାବରେ ଆନ୍ତଃରାଜ୍ୟ ବରମୁଣ୍ଡା ବସ୍ ଟର୍ମିନାଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରକୁ ଗମନାଗମନରେ ଏହା ଏକ ନୂତନ ମାଇଲଖୁଣ୍ଟ ହୋଇଛି।

ଶୁକ୍ରବାର ସନ୍ଧ୍ୟାରେ '୫-ଟି' ଉପକ୍ରମରେ ନବନିର୍ମିତ ଏହି ବସ୍ ଟର୍ମିନାଲରୁ ବିଧିବଦ୍ଧ ଭାବରେ ବସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବସ୍ ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ବିମାନବନ୍ଦର ଭଳି ସୁବିଧାସୁଯୋଗ ରହିଛି। ଏହା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ସହ ରାଜଧାନୀ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବ। ସାରା ଓଡ଼ିଶାରେ ଏହି ବସ୍ ଟର୍ମିନାଲ ଏକ ନୂଆ ପରିଚୟ ସୃଷ୍ଟି କରିବ।

ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କୁ ଓଡ଼ିଶାର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି: ମୁଖ୍ୟମନ୍ତ୍ରୀ

ବସ୍‌ଷ୍ଟାଣ୍ଡ ନାମକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଛି। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ଏହି ବସ୍ ଟର୍ମିନାଲକୁ ତାଙ୍କ ନାମରେ ନାମିତ କରିଛନ୍ତି। ସ୍ୱାଧୀନତାର ଅମୃତ କାଳ ଅବସରରେ ବାବା ▶ପୃଷ୍ଠା-୧୦

ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଅଗ୍ରଗତିର ନିରବଚ୍ଛିନ୍ନ ସମୀକ୍ଷା

ରୂପାନ୍ତରଣର ବନ୍ଧାଣି କାର୍ତ୍ତିକ ପାଣ୍ଡିଆନ

■ **ଭୁବନେଶ୍ୱର, ୧।୩ (ସମିସ):** ବରମୁଣ୍ଡା ବସ୍‌ଷ୍ଟାଣ୍ଡ ରୂପାନ୍ତରଣ ପଛରେ ରହିଛି '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିରବଚ୍ଛିନ୍ନ ଉଦ୍ୟମ। ଏଠାରେ ପ୍ରତିଦିନ ଶହଶହ ବସ୍ ଓ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଯାତ୍ରୀଙ୍କ ଯାତାୟାତ ହୋଇଥାଏ। କ୍ରମବର୍ଦ୍ଧିଷ୍ଣୁ ଯାତ୍ରୀ ଓ ବସ୍ ସଂଖ୍ୟା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସୃଷ୍ଟି କରିଥିଲା ଗୁରୁତର ସମସ୍ୟା। ବସ୍ ପାର୍କିଂଠାରୁ ଆରମ୍ଭ କରି ଯାତ୍ରୀଙ୍କ ପ୍ରତୀକ୍ଷା, ଖାଦ୍ୟପେୟ ଆଦି କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ରାଜ୍ୟ ରାଜଧାନୀର ଏହି ଗମନାଗମନ ପ୍ରାଣକେନ୍ଦ୍ରର ରୂପାନ୍ତରଣ ନିମନ୍ତେ ଶ୍ରୀ ପାଣ୍ଡିଆନ ବ୍ୟକ୍ତିଗତ ଭାବରେ ଉଦ୍ୟମ ଆରମ୍ଭ କରିଥିଲେ। ଏହି ବସ୍‌ଷ୍ଟାଣ୍ଡକୁ ଏକ ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବସ୍ ଟର୍ମିନାଲ ନିର୍ମାଣ କ୍ଷେତ୍ରରେ ରହିଥିଲା ଅନେକ ବାଧା। ଏହି ବାଧାଗୁଡ଼ିକୁ ଧୀରେଧୀରେ ଦୂର କରାଯିବା ବେଳେ କୋଭିଡ୍ ମହାମାରୀ ଟର୍ମିନାଲର ନିର୍ମାଣ କ୍ଷେତ୍ରରେ ବାଧକ ହୋଇଥିଲା। ମାତ୍ର ଦୃଢ଼ ଇଚ୍ଛାଶକ୍ତି ସହ ନିଜେ ନିୟମିତ ଭାବରେ ଏହାର କାର୍ଯ୍ୟ ସମୀକ୍ଷା କରିଥିଲେ ଶ୍ରୀ ପାଣ୍ଡିଆନ। ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରଠାରୁ ନିୟମିତ ବ୍ୟବଧାନରେ ଶ୍ରୀ ପାଣ୍ଡିଆନ ନିର୍ମାଣ କାର୍ଯ୍ୟ, ଏହାର ଅଗ୍ରଗତି ଆଦି ବୁଲି ଦେଖୁଥିଲେ। ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ପରିଣତ ହୋଇଛି। ରୂପାନ୍ତରଣର ନେପଥ୍ୟ ନାୟକ ଶ୍ରୀ ପାଣ୍ଡିଆନଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

ନିୟମିତ ହେବେ ଗଣଶିକ୍ଷକ

ଓଟିଇଟି ପାସ୍ ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡର୍ ମାନ୍ୟତା ସହ ବାର୍ଷିକ ଇନ୍‌କ୍ରିମେଣ୍ଟ

■ **ଭୁବନେଶ୍ୱର,୧।୩(ସମିସ):** ଓଟିଇଟି ପାସ୍ କରିଥିବା ଗଣଶିକ୍ଷକମାନଙ୍କୁ ଏମ୍‌ଇଡି ଶିକ୍ଷକ(ଏକ୍ସ କ୍ୟାଡର) ଭାବେ ନିୟମିତ କରାଯିବ। ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକଙ୍କ ମାସିକ ପାରିଶ୍ରମିକ ୭ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ଗଣଶିକ୍ଷକଙ୍କ ପାଇଁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ମୋଟ୍ ୧୨,୧୧୩ ଜଣ ଗଣଶିକ୍ଷକ ଉପକୃତ ହେବେ। ତନ୍ମଧ୍ୟରେ ଓଟିଇଟି ପାଶ୍ କରିଥିବା ୧୪୭୨ ଗଣଶିକ୍ଷକ ଏବଂ ଓଟିଇଟି ପାଶ୍ କରିନଥିବା ୧୧୨୧ ଜଣ ଗଣଶିକ୍ଷକ ଉପକୃତ ହୋଇଛନ୍ତି। ଏହାସହିତ ଯେଉଁ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ମିଳୁନାହିଁ, ସେମାନଙ୍କ ମଧ୍ୟରୁ ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ଏହାଦ୍ୱାରା ସମୁଦାୟ ୯୫୨୦ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ଉପକୃତ ହେବେ। ସୂଚନାଯୋଗ୍ୟ ଯେ '୫-ଟି' ତଥା 'ନବୀନ ଓଡିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗଣଶିକ୍ଷକ ମାନେ ଏଥିପାଇଁ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି

ଆଇନ ଅଧିକାରୀଙ୍କ ଦୈନିକ ଓ ରିଟେନର୍ ଫି' ୫୦ ପ୍ରତିଶତ ବୃଦ୍ଧି

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମୋକଦ୍ଦମା ପରିଚାଳନା କରୁଥିବା ଅଣ-କ୍ୟାଡର୍ ଆଇନ ଅଧିକାରୀ ମାନଙ୍କର ଦୈନିକ ଓ ରିଟେନର୍ ବାବଦ ପ୍ରାପ୍ୟରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଆଇନ ଅଧିକାରୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଆଇନ ଅଧିକାରୀମାନଙ୍କ ଦୈନିକ ଓ ରିଟେନର୍ ବାବଦ ପ୍ରାପ୍ୟକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ପ୍ରାପ୍ୟ ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଅତିରିକ୍ତ ସରକାରୀ ଓକିଲ ଦୈନିକ ପ୍ରାପ୍ୟ ବାବଦ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ସେହିଭଳି ରିଟେନର୍ ବାବଦ ପ୍ରାପ୍ୟ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବାବେଳେ, ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। କାର୍ଯ୍ୟରତ ୭୪୦ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ଦୈନିକ ପ୍ରାପ୍ୟ ବାବଦରେ ୧,୧୦୦ ଟଙ୍କା ପାଉଥିବା ବେଳେ ▶ପୃଷ୍ଠା-୧୦

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ

■ **ବାଲେଶ୍ୱର, ୧।୩ (ସମିସ):** ଖେଳୁଖେଳୁ ପୋଖରୀରେ ପଡ଼ି ବୁଡ଼ିଗଲେ ଦୁଇ ଶିଶୁ। ବାଲେଶ୍ୱର ସଦର ଥାନା ପରିଖି ଫାଣ୍ଡି ଅଧୀନ କୟାକଦାଳ ଗ୍ରାମରେ ଶୁକ୍ରବାର ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁପୁତ୍ରଦ୍ୱୟ ହେଲେ, ନିତାଇ ମାଝୀଙ୍କ ଦେଢ଼ବର୍ଷର ପୁଅ ଧରମବୀର ଏବଂ ମୟୂରଭଞ୍ଜ ଖୁଣ୍ଟା ଅଞ୍ଚଳର ବାସିନ୍ଦା ଜଡ଼ା ମାଝୀଙ୍କ ଦୁଇବର୍ଷର ପୁଅ ଦୁଃଖିଆ ମାଝୀ। ନିତାଇଙ୍କ ଘରକୁ ତାଙ୍କ ଭଉଣୀ ତଥା ଜଡ଼ା ମାଝୀଙ୍କ ପତ୍ନୀ ବୁଲିବାକୁ ଆସିଥିଲେ। ଶୁକ୍ରବାର ଅପରାହ୍ଣରେ ଦୁହିଁଙ୍କ ଶିଶୁପୁତ୍ର ଏକାଠି ଖେଳୁଥିଲେ। ତେବେ ପରିବାରଲୋକଙ୍କ ଅଜାଣତରେ ଦୁହେଁ ନିକଟସ୍ଥ ପୋଖରୀରେ ପଶି ଯାଇଥିଲେ। ସେଠାରେ ଦୁଇଜଣଯାକ ବୁଡ଼ି ଯାଇଥିଲେ ହେଁ ପରିବାରଲୋକେ ଏ ସଂପର୍କରେ ଜାଣିପାରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଦୁହିଁଙ୍କୁ ପୋଖରୀରୁ ଉଦ୍ଧାର କରି ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ବିଧାୟକ ସ୍ୱରୂପ ଦାସ ଓ ବିଜେଡି ଯୁବ ସଙ୍ଗଠକ ବସନ୍ତ ପଣ୍ଡା ଡାକ୍ତରଖାନାରେ ପହଞ୍ଚି ପରିବାରଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

ଓଡ଼ିଶା ହେବ ପୂର୍ବ ଭାରତରେ ଶିଳ୍ପପୁଞ୍ଜୀ

୯ ଶିଳ୍ପ ପ୍ରକଳ୍ପର ଲୋକାର୍ପଣ, ୨୯ ଟିର ଭିତ୍ତିପ୍ରସ୍ତର ସ୍ଥାପନ

■ **ଭୁବନେଶ୍ୱର, ୧।୩ (ସମିସ):** ଗତ କିଛି ବର୍ଷ ହେଲା ଗୋଟିଏ ପରେ ଗୋଟିଏ ଶିଳ୍ପ ପ୍ରତିଷ୍ଠା ହେଉଛି, ପୂର୍ବ ଭାରତରେ ଶିଳ୍ପ ପୁଞ୍ଜରେ ପରିଣତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୯ଟି ଶିଳ୍ପ ପ୍ରକଳ୍ପର ଲୋକାର୍ପଣ କରିଥିବା ବେଳେ ୨୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହି ପ୍ରକଳ୍ପ ପାଇଁ ସମୁଦାୟ ୬୯୯୩ କୋଟି ଟଙ୍କା ବିନିଯୋଗ ହେବ ଏବଂ ୨୪,୫୦୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ୧୪ଟି ଜିଲ୍ଲାରେ ଏସବୁ ଶିଳ୍ପ ପ୍ରତିଷ୍ଠା ହେବ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମର ନିଷ୍ଠାପର ଉଦ୍ୟମ ଫଳରେ ଓଡ଼ିଶାରେ କେବଳ ଶିଳ୍ପ ଅଭିବୃଦ୍ଧି ଦ୍ୱାରାନ୍ୱିତ ହେଉ ନାହିଁ, ବରଂ ନୂଆ ଯୁଗର ଶିଳ୍ପ ପ୍ରତିଷ୍ଠା ହେଉଛି ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ସବୁଜ ଶକ୍ତି

ଉତ୍ପାଦନ ଉପକରଣ, ପୋଷାକ, ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ହେଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ଅନୁକୂଳ ନୀତି, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ସହିତ ସହଜରେ ବ୍ୟବସାୟ କରିବାରେ ଓଡ଼ିଶାର ଉନ୍ନତି ଆଧାରରେ ପୁଞ୍ଜିନିବେଶ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇପାରିଛି। ଓଡ଼ିଶା ପ୍ରତି ନିବେଶକ ଆକୃଷ୍ଟ ହେବାର ଆଉ ଏକ ପ୍ରମୁଖ କାରଣ ହେଉଛି ଏଠାରେ ଉପଲବ୍ଧ ଉଚ୍ଚ କୁଶଳୀ କର୍ମବଳ। ଆଜି ଲୋକାର୍ପିତ ହୋଇଥିବା ଏବଂ ଭିତ୍ତିପ୍ରସ୍ତର ରଖା ଯାଇଥିବା ଶିଳ୍ପ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଓଡ଼ିଶାର ସମୃଦ୍ଧି ଗତିଶୀଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ତଥା ଶକ୍ତି ବିଭାଗର ମନ୍ତ୍ରୀମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ଆଜି ସୁନ୍ଦରଗଡ଼ରେ ୨୯୭ କୋଟି ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଭାସ୍କର ଷ୍ଟିଲ୍ ଆଣ୍ଡ ଫେରୋ ଆଲୋଏ କାରଖାନାର ଲୋକାର୍ପଣ କରିଥିଲେ। ଏଠାରେ କମ୍ପାନୀ ୮୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ୨୯୯ କୋଟି ବ୍ୟୟରେ ମାଶ୍ ବାୟୋଫ୍ୟୁଏଲ୍ସ ଲିମିଟେଡ୍ ସୋନପୁରେ ୩୦୦ ଲୋକଙ୍କୁ ନିଯୁକ୍ତି ଦେଇ ଶସ୍ୟ ଆଧାରିତ ଇଥାନଲ୍ ଏବଂ ଶକ୍ତି ଉତ୍ପାଦନ କରିବ। ଚାହ୍ଲା ଇନଫ୍ରାଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୯୯ କୋଟି ଟଙ୍କା ▶ପୃଷ୍ଠା-୧୦

୪ ବିଭାଗରେ ୧୧୭୨ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟରେ ନୂତନ ଭାବେ ୧୧୭୨ ଜଣ ନିଯୁକ୍ତି ପାଇଛନ୍ତି। ତନ୍ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୯୯୭ ଜଣ ଏସ୍‌ଏସ୍‌ବି ଅଧ୍ୟାପକ ଅଧ୍ୟାପିକା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ୮୭ ଜଣ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ସମବାୟ ବିଭାଗରେ ୫୭ ଜଣ ସମବାୟ ସମିତି ନିରୀକ୍ଷକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଜିଲ୍ଲା ସ୍ତରୀୟ ବିଭିନ୍ନ ଗ୍ରୁପ୍-ସି ପଦରେ ୩୧ ଜଣ ନିଯୁକ୍ତି ପାଇଛନ୍ତି। ଲେକସେବା ଭବନର କନଭେନସନ୍ ହଲ୍ ଓ ରବିନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ସଦସ୍ୟଙ୍କୁ ସ୍ୱାଗତ କରିବା ସହ ନିଜ କାର୍ଯ୍ୟକ୍ଷେତ୍ରରେ ୫-ଟି ମନ୍ତ୍ରର ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେମାନଙ୍କ ପ୍ରତିଭା, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ବଳରେ କାର୍ଯ୍ୟକ୍ଷେତ୍ରରେ ଅଧିକ ଦକ୍ଷତା ଆଣିପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୧୦

ଶେଷ ସ୍ତରର ଲୋକଙ୍କୁ ସଶକ୍ତ କରିଛି '୫-ଟି' ଆଧାରିତ କାର୍ଯ୍ୟକ୍ରମ

ଲୋକକଥା

ରାଇଜ ପ୍ରଗତି ଯେଭଳି ଚାଲିଚି
କିଏ ବା ପାରିବ ରୋକି,
ବିରୋଧୀ ବାଲାଏ ଗୋଡ଼ ଟାଣି ଟାଣି
ସତେ ପଡ଼ିଲେଣି ଥକି !
କେତେବେଳେ ଯିବେ ଠକି,
ସ୍ଥିତି ଦେଖିବାକୁ ରହିଚି କେବଳ
ଚବିଶି ଭୋଅଟ ବାକି !!

ନାବାଳିକା ଦୁଷ୍କର୍ମ ମାମଲା
ବାପକୁ ୨୦, ପୁଅକୁ ୨୫ବର୍ଷ ଜେଲ୍

■ **କେନ୍ଦୁଝର, ୧।୩ (ସମିସ):** କେନ୍ଦୁଝର ସଦର ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟ ନାବାଳିକା ଅପହରଣ ଏବଂ ଦୁର୍ଷ୍କମ ମାମଲାର ବିଚାର କରି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ଶୁଭଶ୍ରୀ ତ୍ରିପାଠୀ ଅଭିଯୁକ୍ତ ବାପକୁ ୨୦ବର୍ଷ ଓ ପୁଅକୁ ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କେନ୍ଦୁଝର ସଦର ଥାନା ବିଜାଗୋଠ ଗ୍ରାମର ଦୋଳଗୋବିନ୍ଦ ସେଠୀ (୪୫) ଏବଂ ତାଙ୍କ ପୁଅ ବୁବୁନ ସେଠୀକୁ ଏହି ଦଣ୍ଡାଦେଶ ହୋଇଛି।

କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ମସିହା ଅକ୍ଟୋବର ୨୬ ତାରିଖରେ ଜଣେ ନାବାଳିକା ବାଂଶପାଳ ବଜାରରୁ ଫେରୁଥିବା ବେଳେ ବାଂଶପାଳ ନିକଟରୁ ବୁବୁନ୍ ଓ ତାର କିଛି ସାଙ୍ଗ ଏକ ବଲେରୋରେ ନାବାଳିକାଙ୍କୁ ଉଠାଇ ଯୋଡ଼ା ଥାନା ବିଲେଇପଦାକୁ ନେଇଯାଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ମଦ ପିଆଇ ଚେତାଶୂନ୍ୟ କରିଦେଇଥିଲେ। ଅଧରାତିରେ ନାବାଳିକାଙ୍କ ଚେତା ଫେରିବା ବେଳକୁ ସେ ରିମୁଳି ବାଇପାସରେ ଏକ ଟ୍ରକ୍ ମଧ୍ୟରେ ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା କିଛି କିନ୍ନର ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଚମ୍ପୁଆ ମେଡିକାଲକୁ ପଠାଇଥିଲେ। ଖବର ପାଇ ନାବାଳିକାଙ୍କ ବାପା ଚମ୍ପୁଆ ମେଡିକାଲରେ ପହଞ୍ଚି ଝିଅକୁ ଘରକୁ ନେଇଥିଲେ। ଏହି ଖବର ପାଇ ବୁବୁନର ମା', ଭଉଣୀ, ଭିଣୋଇ ନାବାଳିକାଙ୍କ ଘରକୁ ଯାଇ ଦୁହିଁଙ୍କୁ ବିବାହ କରିଦେବାକୁ କହି ସାଥୀରେ ନେଇ ଆସିଥିଲେ। ବାଂଶପାଳରେ ବୁବୁନର ବଡବାପା ଘରେ ଗୋଟିଏ ସପ୍ତାହ ରଖିବା ପରେ ସୁନ୍ଦରଗଡ଼ ଜିଲ୍ଲା ସରଗିଗଡ଼ରେ ଥିବା ଦୋଳଗୋବିନ୍ଦଙ୍କ ଘରକୁ ନେଇ ସେଠାରେ ନାବାଳିକାଙ୍କୁ ୪ ମାସ ରଖିଥିଲେ। ଏହାପରେ ପଞ୍ଚାୟତ ନିର୍ବାଚନ ଥିବାରୁ ▶ପୃଷ୍ଠା-୧୦

SIKSHA 'O' ANUSANDHAN

SAAT-2024

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechinical Engineering

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in

ମେ' ମାସରୁ ଭୁବନେଶ୍ୱର-କ୍ୱାଲାଲମ୍ପୁରକୁ ବିମାନ ସେବା

ଏଏଆଇକୁ ପ୍ରସ୍ତାବ ଦେଲା କମ୍ପାନୀ

■ **ଭୁବନେଶ୍ୱର, ୧।୩ (ସମିସ):** ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଭୁବନେଶ୍ୱର-କ୍ୱାଲାଲମ୍ପୁର ମଧ୍ୟରେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବ। ଆସନ୍ତା ମେ' ମାସରୁ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ କରିବା ଲାଗି ଏୟାର ଏସିଆ ଏୟାରଲାଇନ୍ସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛି। ବିଧିବଦ୍ଧ ଅନୁମତି ମିଳିବା ପରେ ବିମାନ ସେବା ଆରମ୍ଭ ହେବ ବୋଲି କୁହାଯାଇଛି। ରାଜ୍ୟ ସରକାର ନିଜ ଉଦ୍ୟମରେ ଭୁବନେଶ୍ୱରରୁ ଦୁବାଇ, ମାଲେସିଆ ଓ ସିଙ୍ଗାପୁରକୁ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିବା ପରେ ଯାତ୍ରୀଙ୍କ ସଂଖ୍ୟା ବେଶ୍ ଉତ୍ସାହଜନକ ରହିଛି। ଫଳରେ ଏୟାର ଏସିଆ ସହିତ ଆଉ କିଛି କମ୍ପାନୀ ଓଡ଼ିଶାରୁ ବିଦେଶକୁ ବିମାନ ଉଡ଼ାଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଥମ କମ୍ପାନୀ ଭାବେ ଏୟାର ଏସିଆ ୨୦୧୭ ମସିହାରେ ଭୁ ବ ନେ ଶ୍ୱ ର - ▶ପୃଷ୍ଠା-୧୦



ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଦୀପକ କୁମାର ପୂର୍ବାଞ୍ଚଳ ଆଇଜି

ସିଦ୍ଧାର୍ଥ କାଟେରିଆ କେନ୍ଦ୍ରାପଡ଼ା, ବି.ଯୁଗଳ କିଶୋର ଖୋର୍ଦ୍ଧା ଏସ୍‌ପି

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ତାଳଚେର ଏନ୍‌ସିଆର ଏବଂ ଅନୁଗୁଳ ପୁଲିସ ତାଲିମ ପ୍ରତିଷ୍ଠାନରେ କାର୍ଯ୍ୟରତ ଆଇପିଏସ୍ ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ଭାବେ ଅବସ୍ଥାପିତ କରିଛନ୍ତି। ସେହିପରି ପୂର୍ବାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚ୍‌ର ସତ୍ୟବ୍ରତ ଭୋଇଙ୍କୁ ତାଳଚେର ଏନ୍‌ସିଆର ଏବଂ ଅନୁଗୁଳ ପିଟିସିକୁ ବଦଳି କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଏସ୍‌ପିଙ୍କୁ ମଧ୍ୟ ବଦଳି କରାଯାଇଛି। କେନ୍ଦ୍ରାପଡ଼ାଏସ୍‌ପି ବନୋଥା ଯୁଗଳ କିଶୋର କୁମାରଙ୍କୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡ଼ାକୁ ବଦଳି ହୋଇଛି। ଆଗକୁ ନିର୍ବାଚନ ଥିବାରୁ ବଦଳି ହୋଇଥିବା ଆଇପିଏସ୍‌ଙ୍କୁ ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି।

୭ ମହଲା କୋଠାରେ ନିଆଁ; ୪୫ ମୃତ

■ **ଢାକା, ୧।୩ (ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଠାକାର ଏକ ସାତ ମହଲା କୋଠାରେ ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ୪୫ ଜଣଙ୍କ ମୃତ୍ୟୁ ହୋଇଛି। ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବ ବୋଲି ଆଶଙ୍କା କରାଯାଉଛି। ଅଢ଼େଇ ଘଣ୍ଟାର କଠିନ ପରିଶ୍ରମ ପରେ ଦମକଳ ବାହିନୀ ନିଆଁ ଲିଭାଇବାରେ ସକ୍ଷମ ହୋଇଛି। ସୂଚନା ଅନୁଯାୟୀ ଉଦ୍ଧାରକାର୍ଯ୍ୟରେ ୧୫ଟି ଦମକଳ ବାହିନୀ ଲାଗିଥିଲା। ଗ୍ରୀନ କୋଜି କଟେଜ ନାମ ଏହି କୋଠାରୁ ୭୫ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪୨ ଜଣ ଚେତା ହରାଇ ଥିଲେ। ସମସ୍ତଙ୍କୁ ଢାକା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକଙ୍କ ମୃତଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ତେଣୁ ମୃତଦେହ ଚିହ୍ନଟ କରାଯାଇପାରି ନାହିଁ।

ବାଂଲାଦେଶ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ସାମନ୍ତ ଲାଲ ସେନ କହିଛନ୍ତି ଯେ ରାତି ପ୍ରାୟ ୯ଟା୩୦ରେ ପ୍ରଥମ ମହଲାରେ ଥିବା ରେସ୍ତୋରାଁରେ ନିଆଁ ଲାଗିଥିଲା। ପରେ ଏହା ଦ୍ରୁତଗତିରେ ଉପର ମହଲାକୁ ବ୍ୟାପି ଯାଇଥିଲା। ଏଠାରେ ଆଉ କିଛି ରେସ୍ତୋରାଁ ଏବଂ ପୋଷାକ ଦୋକାନ ମଧ୍ୟ ଥିଲା। ତେଣୁ ନିଆଁ ଭୟାବହ ରୂପଧାରଣ କରିଥିଲା। ରାତି ୧୨ଟା ୩୦ରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ମାମଲାର ତଦନ୍ତ ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଲୋକସଭା ନିର୍ବାଚନ

ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକା ଖୁବ୍‌ଶୀଘ୍ର

■ **ନୂଆଦିଲ୍ଲୀ, ୧।୩ (ସମିସ):** ଆଗାମୀ ଲୋକସଭା ନିର୍ବାଚନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୫୫ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ କରିଛି ବିଜେପି । ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ଘୋଷଣା କରାଯିବ । ଗତକାଲି ରାତି ପ୍ରାୟ ୧୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ବୈଠକ ପରେ ଦଳ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସହ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରଣାସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗୃହମନ୍ତ୍ରୀ ଅମିତ୍ ଶାହା ଗାନ୍ଧୀନଗର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲକ୍ଷ୍ନୌ, ସ୍ମୃତି ଇରାନୀ ଆମେଥିରୁ ଓ ଭୂପେନ୍ଦ୍ର ଯାଦବ ଭିବାନୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। କେନ୍ଦ୍ରମନ୍ତ୍ରୀ

ବାରଣାସୀରୁ ମୋଦୀ, ଗାନ୍ଧୀନଗରରୁ ଶାହା, ଲକ୍ଷ୍ନୌରୁ ରାଜନାଥ

ଆମେଥିରୁ ଲଢ଼ିବେ ସ୍ମୃତି ଇରାନୀ, ଭିବାନୀରୁ ଭୂପେନ୍ଦ୍ର ଯାଦବ

ସମ୍ବଲପୁରରୁ ଧର୍ମେନ୍ଦ୍ର ପ୍ରଧାନ, ପୁରୀରୁ ସମ୍ବିତ ପାତ୍ର ଚୂଡ଼ାନ୍ତ

ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଗୁନା-ଶିବପୁରୀ ବା ଗ୍ୱାଲିୟରରୁ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କୁ ଭୋପାଳ ବା ବିଦିଶାରୁ ଦଳ ପ୍ରାର୍ଥୀ କରିବ। ସର୍ବାନନ୍ଦ ସୋନୱାଲ ଦିବ୍ରୁଗଡ଼, ରବୀନ୍ଦ୍ର ରୈନା ରାଜୌରୀ-ଅନନ୍ତନାଗ, ମନୋଜ ତିୱାରୀ ଉତ୍ତରପୂର୍ବ ଦିଲ୍ଲୀ ଆସନ, ପରବେଶ ବର୍ମା ପଶ୍ଚିମ ଦିଲ୍ଲୀରୁ ପ୍ରାର୍ଥୀ ହେବେ। ଓଡ଼ିଶାର ଚୂଡ଼ାନ୍ତ ହୋଇଥିବା ଦୁଇ ଆସନ ମଧ୍ୟରୁ ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୁରୀରୁ ସମ୍ବିତ୍ ପାତ୍ର ନାମ ଥିବା ସୂଚନା ମିଳିଛି।

ବୈଠକରେ ବିଭିନ୍ନ ରାଜ୍ୟରେ ବିଜେପିର ବିଭିନ୍ନ ସହଯୋଗୀ ଦଳକୁ ଆସନ ବଣ୍ଟନ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଛି। ଉତ୍ତରପ୍ରଦେଶର ୮୦ ଲୋକସଭା ଆସନ ମଧ୍ୟରୁ ବିଜେପି ୭୪ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ସହଯୋଗୀ ଦଳଗୁଡ଼ିକୁ ୬ଟି ଆସନ ପ୍ରଦାନ କରିବ । ବିହାରରେ ଜେଡ଼ିୟୁ ସହ ଆସନ ବୁଝାମଣା ବୈଠକ ପରେ ପ୍ରାର୍ଥୀ ତାରିକା ଚୂଡ଼ାନ୍ତ ହେବ। ତେବେ ବିଜେପି କେବେ ବି ▶ପୃଷ୍ଠା-୧୦

୧୦୦ ଟପିବ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା

■ **ନୂଆଦିଲ୍ଲୀ, ୧।୩ (ସମିସ):** ଆଗାମୀ ଲୋକସଭା ନିର୍ବାଚନରେ ଅନ୍ୟୂନ ୧୦୦ ଆସନରେ ବିଜେପି ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦଳର କୋର କମିଟି ବୈଠକରେ ଏ ସଂକ୍ରାନ୍ତରେ ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନରେ ପ୍ରଥମଥର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭା ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି କେନ୍ଦ୍ରମନ୍ତ୍ରୀ ମିନାକ୍ଷୀ ଲେଖୀ ଓ ସ୍ମୃତି ଇରାନୀ ସେମାନଙ୍କର ଆସନ ବଜାୟ ରଖିବେ। ମାତ୍ର ଦର୍ଶନା ଜରଦେଶ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଅନ୍ନପୂର୍ଣ୍ଣା ଦେବୀ ଯାଦବ ଓ ରେଣୁକା ସିଂହଙ୍କ ପ୍ରାର୍ଥିତ୍ୱ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି।

ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଖଣିଜ ସମ୍ପଦରେ ଟିକସ ଲଗାଇବା ଅଧିକାର ରାଜ୍ୟର

■ ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଖଣିଜ ସମ୍ପଦ ଉପରେ ଟିକସ ଲଗାଇବାର କ୍ଷମତା ସଂସଦ ପାଖରେ ନାହିଁ। ସମ୍ବିଧାନ ଏହି କ୍ଷମତା ସଂସଦକୁ ଦେଇ ନାହିଁ। ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏଭଳି ଅଧିକାରକୁ ଦୁର୍ବଳ କରାଯିବା ଅନୁଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ଖଣି ନିଲାମରୁ ସଂଗ୍ରହ ରୟାଲଟିକୁ ଟିକସ ଭାବେ ଧରାଯିବ କି ନାହିଁ' ମାମଲାର ଶୁଣାଣି ସମୟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୯ ଜଣିଆ ଖଣ୍ଡପୀଠ ଗୁରୁବାର ଏହି ଟିପ୍ପଣୀ ଦେଇଥିଲେ। ଖଣ୍ଡପୀଠ କହିଛନ୍ତି ଯେ ସଂସଦ କେବଳ ଖଣିଜ ପଦାର୍ଥ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବା ପାଇଁ କିଛି ସୀମା ଧାର୍ଯ୍ୟ କରିପାରିବ। ସମ୍ବିଧାନର ନିୟମ ଅନୁଯାୟୀ ଖଣି ଉପରେ କର ଲଗାଇବାର ଶକ୍ତି ସଂସଦର ଅଛି ଏବଂ ରାଜ୍ୟର ନାହିଁ ବୋଲି ସଂସଦ କହିପାରିବ ନାହିଁ। ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ କ୍ଷମତା ଏବଂ କାର୍ଯ୍ୟ ବଣ୍ଟନ କରାଯାଇଛି।

ସିଜେଆଇନ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କୁ କହିଥିଲେ ଯେ ଖଣିଜ ସମ୍ପଦର ସୁରକ୍ଷା ପାଇଁ ଏଭଳି ଟିକସ ଲଗାଇପାରିବ ନାହିଁ। ଉଦାହରଣ ସ୍ୱରୂପ ଏହା ୨୦%ରୁ ଅଧିକ ହୋଇପାରିବ ନାହିଁ। କାରଣ ନିର୍ଦ୍ଦିଷ୍ଟ ଉପାୟରେ କର ଲଗାଇଲେ ଖଣିଜ ପଦାର୍ଥ ବିକାଶ ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ଏହି ଶୁଣାଣିରେ କୌଣସି ଫଳାଫଳ ବାହାରି ପାରି ନ ଥିଲା। ୫ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ପରିଚାଳନା) ନିୟମ, ୧୯୫୭ ଅଧିନରେ ଖନନ କରାଯାଇଥିବା ଦେୟ ରୟାଲଟି କର କି ନୁହେଁ ବୋଲି ବିଚାର କରୁଛନ୍ତି। ଗତ ୨୭ ତାରିଖରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।

DSPL-761

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ

ଏବଂ

୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବ୍ୟୟରେ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

୨ ମାର୍ଚ୍ଚ ୨୦୨୪ ॥ ଅପରାହ୍ନ ୪ଟା ୩୦

ଉଦ୍‌ଘାଟନ

କୁସୁମି ବ୍ୟାରେଜ୍, ନୟାଗଡ

ଭୂତଳ ପାଇପ୍ ଲାଇନ୍ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବଣ୍ଟନ ବ୍ୟବସ୍ଥା

କେନ୍ଦୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ଶଂଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ
ତିଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଫଟାଟାଙ୍ଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ କଟଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର

ଭିତ୍ତିପ୍ରସ୍ତର ସ୍ଥାପନ

ହାଡୁଆ ଡ୍ୟାମ୍ ଓ ହାଡୁଆ ଡ୍ୟାମ୍‌ର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, କଟକ ॥ କୁସୁମି ବ୍ୟାରେଜର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, ନୟାଗଡ ॥ ଡିମିରିଆ-ରାଉତପଡା ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ
ବୈଦେଶ୍ୱର-ଗୋପିନାଥପୁର ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ ॥ ଫଟକି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, ନବରଙ୍ଗପୁର ॥ ମାଲଗାଁ ବ୍ୟାରେଜ୍, ନବରଙ୍ଗପୁର ॥ ସତୀଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର

୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା

ଲାକଟିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଟେମୁରାପାଲ୍ଲୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଭାଲୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ ପୋଡାଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର
କୋହରାଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କୁଲୁ ଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାୟଗଡା ॥ ଚାଙ୍ଗିରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗିର
ଦମ୍-କିପାଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବଥର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଦୈତାରିମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବିଲେଇସାଥୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର
ଘଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ସେମେଲମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଡୁମେରବୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଗାଡିଆଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ବାରାହା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଧୋବେନ ଚଞ୍ଚରା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ପଖାନଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଲାମେର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ଟୁକୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ କୁଟିଙ୍ଗ ପଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଦଳକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୋନପୁର ॥ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନୁଗୋଳ
କତରାପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଟକ ॥ କପାସିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ ॥ ମଣନ୍ଦା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଲାଲିଆଛେଞ୍ଚଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କନ୍ଧମାଳ
ଡାହୁକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ପଥରଗଣ୍ଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ କଦଳିଝରଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ମାଣିକମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର
ସୁଖୁପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ଉତାଲିଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଝିଲିନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଶଳଡ଼ିହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ
ସୁନାମୁଦି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ନୂଆଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ ॥ କେଙ୍ଗଟି ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୁନ୍ଦରଗଡ

OIPR-32031/13/0018/2324

ଜଳସମ୍ପଦ ବିଭାଗ

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଆର୍‌ଏସ୍‌ପି ଏଜିଏମ୍‌ଙ୍କୁ ୨ବର୍ଷ କାରାଦଣ୍ଡ

■ **ଭୁବନେଶ୍ୱର, ୧।୩(ସମିସ):** ଜାଲ୍ କାଗଜପତ୍ର ଜରିଆରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ମାମଲାର ବିଚାର କରି ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ପୂର୍ବତନ ଏଜିଏମ୍ କେ. ବାଳଗଙ୍ଗାଧରଙ୍କୁ ୨ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ୨୩ ବର୍ଷ ପରେ ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ସିବିଆଇ ଦାଖଲ କରିଥିବା ଦସ୍ତାବିଜକୁ ଆଧାର କରି ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଏଥିସହ ଅଦାଲତ ଅଭିଯୁକ୍ତକୁ ୧୫ ହଜାର ଟଙ୍କା ଜୋରିମାନା ଦେବାକୁ କହିଛନ୍ତି। ଇତିମଧ୍ୟରେ ମାମଲାରେ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇ ସାରିଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ମାମଲାରେ ସମ୍ପୃକ୍ତ ଘରୋଇ ସଂସ୍ଥାର ମୁଖ୍ୟଙ୍କୁ ଅଦାଲତ ନିର୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ, ଆରଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍ ମରାମତି କାମ ପାଇଁ ଏକ ଘରୋଇ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିଲା। କାର୍ଯ୍ୟ ନ କରି ଜାଲ୍ ଗକାଗଜପତ୍ର ଜମା କରି ଉକ୍ତ ସଂସ୍ଥା ନାମରେ ୨୪ ଲକ୍ଷ ୪୧ ହଜାର ବିଲ୍ କରାଯାଇଥିଲା। ଅଭିଯୋଗ ହେବା ପରେ ଘଟଣାର ସିବିଆଇ ତଦନ୍ତ କରିଥିଲା। ବାଳଗଙ୍ଗାଧରଙ୍କ ସମେତ ମାମଲାରେ ଏକାଧିକ ଅଭିଯୁକ୍ତଙ୍କ ନାମରେ ସିବିଆଇ ୨୦୦୧ ନଭେମ୍ବର ୨୯ରେ ଅଦାଲତରେ ଅଭିଯୋଗ ଫର୍ଦ (ଚାର୍ଜସିଟ୍) ଦାଖଲ କରିଥିଲା।

କିଡ୍‌ନୀ ଦାନ କରି ଅମର ହେଲେ ଶିବୁ

ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହେଲା ଶେଷକୃତ୍ୟ

■ **ପଟ୍ଟାମୁଣ୍ଡାଇ, ୧।୩ (ସମିସ):** ମହାଯାତ୍ରାରେ ଯିବା ପରେ ନିଜର ୨ଟି ଯାକ କିଡ୍‌ନୀ ଦାନ କରି ଦୁଇଜଣଙ୍କୁ ନୂଆ ଜୀବନ ଦେଇଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ମହନପୁର ପଞ୍ଚାୟତ ନୟାକଟ ଗ୍ରାମର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଓମ୍ ଶିବୁ ଦାସ (୧୭)। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶିବୁଙ୍କ ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି। ବ୍ରେନ୍ ଟ୍ୟୁମରରେ ପୀଡ଼ିତ ଶିବୁ ୧୯ଦିନ ହେବ କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ସହ ସଂଘର୍ଷ କରି ହାରିଯିବା ପରେ ପରିବାରଲୋକ ତାଙ୍କର ଦୁଇଟିଯାକ କିଡ୍‌ନୀକୁ ଦାନ କରିଥିଲେ। ଏହା କରି ଶିବୁ ଦୁଇଟି ଅମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟ ହୋଇଛନ୍ତି। ତାଙ୍କ ଶେଷକୃତ୍ୟ ନିଜ ଗ୍ରାମ ଶ୍ମଶାନରେ ଶେଷ ହୋଇଛି। ଏକମାତ୍ର ପୁଅକୁ ହରାଇ ବାପା ରମେଶ ଚନ୍ଦ୍ର ଦାସ କହିଛନ୍ତି ଯେ ଅକାଳରେ ତା'ର ଜୀବନ ସିନା ଚାଲିଗଲା, ହେଲେ ସେ ଅନ୍ୟର ଦୁଇଟି ଜୀବନ ବଞ୍ଚାଇ ସମାଜ ପାଇଁ ଉଦାହରଣ ସାଜିଛି। ସରକାରଙ୍କ ଘୋଷଣା ପରେ ଅଙ୍ଗଦାନ କରିଥିବା ମୋ ପୁଅକୁ ଗାଁ ଶ୍ମଶାନରେ ତୋପ ସଲାମି ଦିଆଯାଇ ବିଦାୟ ଦିଆଯାଇଥିବାର ଦୃଶ୍ୟକୁ ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ଭୁଲିପାରିବି ନାହିଁ।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଥିଲେ ଶିବୁ। ତାଙ୍କର ଏକମାତ୍ର ଭଉଣୀ ମଧ୍ୟ ଏହି କଲେଜରେ ପାଠ ପଢୁଛନ୍ତି। ବାପା ରମେଶ ଜଣେ ଚାଷୀ। କିଛି ଦିନ ତଳେ ଶିବୁର ମୁଣ୍ଡ ଜୋର୍‌ରେ ବିନ୍ଧିବାରୁ ତାକୁ କଟକ ବଡମେଡିକାଲକୁ ନିଆଯାଇଥିଲା। ସେଠାରେ ବ୍ରେନ୍ ଟ୍ୟୁମର ଜଣାପଡ଼ିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ଗୁରୁବାର ଦିନ ମୃତ୍ୟୁ ଘଟିଥିଲା। ବାପା ରମେଶ ଶରୀର ଦାନ କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ବଡ଼ମେଡିକାଲରେ କେବଳ କିଡ୍‌ନୀ ଦୁଇଟିକୁ ନେବାକୁ ପରାମର୍ଶ ଦେଇଥିଲେ। ଶିବୁଙ୍କର କିଡ୍‌ନୀ ଦୁଇଟି ଡାକ୍ତର ନେଇଥିଲେ। ଗୋଟିଏ କିଡ୍‌ନୀକୁ ଭୁବନେଶ୍ୱର ଆପୋଲୋ ହସପିଟାଲକୁ ପଠାଯାଇଥିବା ବେଳେ ଅନ୍ୟଟିକୁ କଟକ ବଡ଼ମେଡ଼ିକାଲରେ ରଖାଯାଇଥିବାର ପରିବାର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ଶିବୁଙ୍କ ଘର ନୟାକଟରେ ପହଞ୍ଚି ଶିବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ଝିଅର ପଢ଼ିବା ପାଇଁ ସହାୟତା ଦିଆଯିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଆଜି ଶ୍ମଶାନରେ ଶେଷକୃତ୍ୟ ବେଳେ ବିଧାୟକ ଧ୍ରୁବ ସାହୁ, ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୁଭ୍ରାଂଶୁ ସାହୁ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

'ରାଜ୍ୟର ସବୁ ସ୍ଥାନରେ ଅଙ୍ଗଦାନ ଓ ସଂରକ୍ଷଣ ଭିତ୍ତିଭୂମି ସୃଷ୍ଟି କରାଯାଉ'

■ **ଭୁବନେଶ୍ୱର, ୧।୩ (ସମିସ):** ଜଟିଳ ଏବଂ ଅତ୍ୟନ୍ତ ଦୁଃଖଦ ସମୟରେ ବି କେନ୍ଦ୍ରାପଡ଼ାର ୧୮ ବର୍ଷୀୟ ଶିବୁ ଦାଶଙ୍କ ଅଙ୍ଗଦାନ ପାଇଁ ତାଙ୍କ ପରିବାରଲୋକ ଯେଉଁ ନିଷ୍ପତ୍ତି ନେଲେ, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଭାରତୀୟ ଶରୀର ଅଙ୍ଗଦାନ ସୋସାଇଟି (ବଡି ଆଣ୍ଡ ଅର୍ଗାନ୍ ଡୋନେସନ୍ ସୋସାଇଟି ଅଫ୍ ଇଣ୍ଡିଆ)ର ସଭାପତି ଡଃ ପ୍ରଭାସ ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ଶିବୁ ଦାଶଙ୍କ ପରିବାରଲୋକେ ସମାଜ ଆଗରେ ବହୁତ ବଡ଼ ଉଦାହରଣ ରଖିଛନ୍ତି। ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ପରିବର୍ତ୍ତନ ପାଇଁ ପାଣ୍ଠିର ଅଭାବ ରଖିନାହାନ୍ତି। ପରିଣାମସ୍ୱରୂପ ସ୍ୱାସ୍ଥ୍ୟ ସେବାରେ ବହୁତ ଉନ୍ନତି ଆସିପାରିଛି। ତେବେ ଏହି ସେବାର ପ୍ରଭାବ ଆହୁରି ତୃଣମୂଳସ୍ତରରେ ପହଞ୍ଚିବାର ଆବଶ୍ୟକତା ରହିଛି ଡଃ ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ଅଙ୍ଗଦାନ ନିମନ୍ତେ ମୃତକଙ୍କ ଶରୀରରୁ ଯକୃତ, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଭାଲ୍‌ବ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବାହାର କରିବା ଓ ତାହାକୁ ସଂରକ୍ଷଣ କରିବା ଲାଗି ରାଜ୍ୟରେ ଭିତ୍ତିଭୂମିର ଘୋର୍ ଅଭାବ ରହିଛି। ଏହି କାରଣରୁ ଅଙ୍ଗଦାନ ପ୍ରକ୍ରିୟା କେବଳ କଟକ ଓ ଭୁବନେଶ୍ୱର ମଧ୍ୟରେ ସୀମିତ ରହୁଛି। ରାଜ୍ୟର ଅନ୍ୟ ସ୍ଥାନରେ ଅଙ୍ଗ ବାହାର କରି ଅନ୍ୟର ଜୀବନରକ୍ଷା କରିବା ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ସ୍ୱାସ୍ଥ୍ୟ ବିଭାଗରେ ସୃଷ୍ଟି ହେଲା ୪୫ ବରିଷ୍ଠ ପାହ୍ୟା ପଦ

■ **ଭୁବନେଶ୍ୱର, ୧।୩(ସମିସ):** ସ୍ୱାସ୍ଥ୍ୟ ସେବାରେ ବର୍ଦ୍ଧିତ ଆବଶ୍ୟକତା ଓ ଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ମେଡିକାଲ ଆଣ୍ଡ ହେଲଥ୍ ସର୍ଭିସେସ୍ (ଓଏମ୍‌ଏଚ୍‌ଏସ୍) କ୍ୟାଡରରେ ୪୫ଟି ବରିଷ୍ଠ ଅଧିକାରୀ ପଦବୀ ସୃଷ୍ଟି କରିଛନ୍ତି। ଏଥିରେ ୧୨ଟି ସୁପର୍ ଟାଇମ୍ ପେ' ଗ୍ରେଡ୍ ପଦବୀ ଥିବା ବେଳେ ୩୩ଟି ସିନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ପଦବୀ ଅନ୍ତର୍ଭୁକ୍ତ। ସିଲେକ୍ସନ୍ ଗ୍ରେଡ୍-୧ (ଅତିରିକ୍ତ ନିର୍ଦ୍ଦେଶକ ସ୍ତର-୧)ରେ ୪୫ଟି ପଦବୀକୁ ଉଚ୍ଛେଦ କରାଯାଇ ସମାନ ସଂଖ୍ୟକ ନୂତନ ପଦବୀ ସୃଷ୍ଟି କରାଯାଇଛି।

କ୍ୟାଡର୍ ପୁନର୍ଗଠନ ପରେ ବରିଷ୍ଠ ପଦବୀ ସଂଖ୍ୟା ୧୫, ୭୭୪

ମେଡିକାଲ ଓ ଡେଣ୍ଟାଲ କଲେଜ ଶିକ୍ଷକଙ୍କୁ ମିଳିବ ଡିଏସିପି

ଏହି ପୁନର୍ଗଠନ ଫଳରେ ସୁପର୍ ଟାଇମ୍ ପେ' ଗ୍ରେଡ୍ ପଦବୀ ସଂଖ୍ୟା ୧୪କୁ ବୃଦ୍ଧି ପାଇଥିବା ବେଳେ ସିନିୟର୍ ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍ ପଦବୀ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ସୁପର୍ ଟାଇମ୍ ପେ' ଗ୍ରେଡ୍ ପାହ୍ୟାରେ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ପରିବାର କଲ୍ୟାଣ ନିର୍ଦ୍ଦେଶକ, ନର୍ସିଂ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ଆରଜିଏଚ୍ ନିର୍ଦ୍ଦେଶକ, ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ, ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ, ଏସ୍‌ଆଇଏଚ୍‌ଏଫ୍‌ଡବ୍ଲୁ ନିର୍ଦ୍ଦେଶକ ଆଦି ପଦବୀ ରହିଛି। ସେହିପରି ସିନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ପାହ୍ୟାରେ ସିଡିଏମ୍‌ଓ/ପିଏଚ୍‌ଓ, କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ, ଆରଜିଏଚ୍ ଅଧୀକ୍ଷକ ଆଦି ପଦବୀ ଅନ୍ତର୍ଭୁକ୍ତ। ଏହି ପୁନର୍ଗଠନକୁ ଅର୍ଥ ବିଭାଗର ମଞ୍ଜୁରୀ ମିଳିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଓଏମ୍‌ଏଚ୍‌ଏସ୍ କ୍ୟାଡରରେ ପୁନର୍ଗଠନ ପରେ ସମୁଦାୟ ୬ଟି ବରିଷ୍ଠ ପାହ୍ୟାରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୫, ୭୭୪ରେ ପହଞ୍ଚିଛି। ଏଥିରେ ସୁପରଟାଇମ୍ ପେ' ଗ୍ରେଡ୍ ପାହ୍ୟାରେ ୧୪ଟି ପଦବୀ ରହିଥିବା ବେଳେ ସିନିୟର ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍‌ରେ ୪୫ଟି, ସିଲେକ୍ସନ୍ ଗ୍ରେଡ୍ (ଅତିରିକ୍ତ ନିର୍ଦ୍ଦେଶକ)ରେ ୩୭୪ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଅପରପକ୍ଷେ ଜୁନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍‌ରେ ୮୯୫ଟି ପଦବୀ ରହିଥିବା ବେଳେ ଗ୍ରୁପ୍-ଏ (ସିନିୟର୍ ବ୍ରାଞ୍ଚ)ରେ ୧୭୦୯ ଏବଂ ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ) ରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୨୭୩୭ ରହିଛି। ବିଭାଗ ପକ୍ଷରୁ ଆଜି ପ୍ରକାଶିତ ଅନ୍ୟଏକ ବିଜ୍ଞପ୍ତିରେ ଓଏମ୍‌ଏଚ୍‌ଏସ୍ କ୍ୟାଡରରେ କାର୍ଯ୍ୟରତ ମେଡିକାଲ ଓ ଡେଣ୍ଟାଲ କଲେଜ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ପାଇଁ ଡାଇନାମିକ୍ କ୍ୟାରିୟର୍ ଆଡଭାନ୍ସମେଣ୍ଟ ପ୍ରୋଗ୍ରେସନ୍ (ଡିଏସିପି) ଲାଗୁ କରାଯିବ ବୋଲି କୁହାଯାଇଛି।

ନାଗାବଳୀରେ ବୁଡ଼ି ଦୁଇ ନାବାଳିକା ମୃତ

■ **ଜେକେପୁର/କୋଲନରା,୧।୩(ସମିସ):** ଶୁକ୍ରବାର ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଦୁଇ ନାବାଳିକାଙ୍କର ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ସାନଚାନ୍ଦିଲି ଗାଁ ନଦୀଘାଟରେ। ମୃତକମାନେ ହେଲେ ହେମାବତୀ ସୁନା (୧୨) ଓ ଅନୁ ଅବଦୁଲ (୧୦)। ମୃତ ହେମାବତୀ ଜେକେପୁରର ଗୋପବନ୍ଧୁ ସରକାରୀ ହାଇସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଥିବାବେଳେ ମୃତ ଅନୁ ସାନଚାନ୍ଦିଲି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଚାନ୍ଦିଲି ପୁଲିସ ପହଞ୍ଚି ତଦନ୍ତ କରିଛି।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଜିଏସ୍‌ଟି ସଂଗ୍ରହରେ ପୁଣି ରେକର୍ଡ କଲା ଓଡ଼ିଶା

ଭୁବନେଶ୍ୱର, ୧।୩(ସମିସ): ଗତ ଫେବୃଆରୀରେ ସର୍ବାଧିକ ଜିଏସ୍‌ଟି ସଂଗ୍ରହ କରାଯାଇଛି । ଏହି ମାସରେ ଓଡ଼ିଶା ୫୧୩୫.୮୧ କୋଟି ଟଙ୍କାର ଜିଏସ୍‌ଟି (କେନ୍ଦ୍ରୀୟଜିଏସ୍‌ଟି+ସମନ୍ୱିତ ଜିଏସ୍‌ଟି+ରାଜ୍ୟ ଜିଏସ୍‌ଟି+ଅତିରିକ୍ତ ଟିକସ) ସଂଗ୍ରହ କରିଛି । ଏହା ଏଯାବତ ସର୍ବାଧିକ ମୋଟ ଜିଏସ୍‌ଟି ସଂଗ୍ରହ । ଗତବର୍ଷ ଫେବୃଆରୀରେ ଏହି ପରିମାଣ ୪୫୧୯.୩୫ କୋଟି ଥିଲା । ପୂର୍ବାପେକ୍ଷା ଚଳିତ ବର୍ଷ ୧୩.୬୪% ଅଭିବୃଦ୍ଧି ହୋଇଛି । ମୋଟ ଜିଏସ୍‌ଟି ସଂଗ୍ରହରେ ଗତ ଆର୍ଥିକ ବର୍ଷ ତୁଳନାରେ ୧୧.୦୭% ବୃଦ୍ଧି ହୋଇଛି । ରାଜ୍ୟ ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରେଟ୍ କାର୍ଯ୍ୟାଳୟ ସୂତ୍ରରୁ ହସ୍ତଗତ ସୂଚନାନୁସାରେ ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସାଲା ବାବଦକୁ ଚଳିତ ବର୍ଷ ଫେବୃଆରୀରେ ଓଡ଼ିଶା ୨୨୯୫.୪୧ କୋଟି ଟଙ୍କା ପାଇଥିବା ବେଳେ ଗତବର୍ଷ ଫେବୃଆରୀରେ ଏହି ପରିମାଣ ୧୬୭୩.୯୭ କୋଟି ଟଙ୍କା ଥିଲା । ଏହି କ୍ଷେତ୍ରରେ ୩୭.୧୨% ଅଭିବୃଦ୍ଧି ହୋଇଛି । ଗତ ଫେବୃଆରୀ ସୁଦ୍ଧା ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ବାବଦକୁ ସଂଗ୍ରହ ପରିମାଣ ୨୧୮୪୬.୫୫ କୋଟି ଟଙ୍କା ରହିଥିବା ବେଳେ ଗତବର୍ଷ ଫେବୃଆରୀରେ ୧୬୭୧୦.୩୪ କୋଟି ଟଙ୍କା ଆଦାୟ ହୋଇଥିଲା । ଫଳରେ ଏ ବାବଦରେ ୩୦.୭୪% ଅଭିବୃଦ୍ଧି ହୋଇଛି । ସେହିପରି ରାଜ୍ୟ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନରେଟ୍ ଦ୍ୱାରା ପରିଚାଳିତ ସମସ୍ତ ଟିକସ ବ୍ୟବସ୍ଥା ଯଥା ରାଜ୍ୟ ଜିଏସ୍‌ଟି/ସମନ୍ୱିତ ଜିଏସ୍‌ଟି ଫଇସଲା, ଭାଟ, ବୃତ୍ତିଗତ କର ଆଦି ବାବଦରେ ଗତ ଫେବୃଆରୀରେ ୩୪୭୦.୭୫ କୋଟି ଟଙ୍କା ଆଦାୟ ହୋଇଛି । ଏହି କ୍ଷେତ୍ରରେ ପୂର୍ବାପେକ୍ଷା ୨୫.୫୦% ଅଭିବୃଦ୍ଧି ହୋଇଛି ।

ଏ ବର୍ଷ ଅସହ୍ୟ ତାତି, ବାରମ୍ବାର ଗ୍ରୀଷ୍ମ ପ୍ରବାହ

■ **ଭୁବନେଶ୍ୱର, ୧।୩(ସମିସ):** ଏଥର ଅସହ୍ୟ ତାତିରେ ଛଟ ପଟ ହେବେ ରାଜ୍ୟବାସୀ । ଟାଣ ଖରା ସାଙ୍ଗକୁ ବହିବ ଝାଞ୍ଜି ପବନ । ପୁଣି ତାହା ସହ ବାରମ୍ବାର ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ସ୍ଥିତି । କେବଳ ଦିନରେ ନୁହେଁ ରାତିରେ ବି ଗରମ ଗୁଳୁଗୁଳିରେ ଲୋକଙ୍କୁ ନିସ୍ତାର ମିଳିବ ନାହିଁ । ଆସନ୍ତା ମାର୍ଚ୍ଚ-ମେ' ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁରେ ଏଭଳି କିଛି ସ୍ଥିତି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆକଳନ ଜାରି କରାଯାଇଛି । ଦେଶରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ନେଇ ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରା ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି । ଏହାସହିତ ବିଭାଗ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ମାଧ୍ୟମରେ ଆସନ୍ତା ୩ ମାସରେ ଦିନ ଓ ରାତିରେ ତାପମାତ୍ରା ସହିତ ବର୍ଷା ସମ୍ପର୍କରେ ପୂର୍ବାନୁମାନ କରାଯାଇଛି ।

ଆଇଏମଡି ପକ୍ଷରୁ ଜାରି ରିପୋର୍ଟରେ ଦର୍ଶାଯାଇଛି ଯେ ଏଥର ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ଋତୁରେ ବାରମ୍ବାର ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବ । ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ବଢ଼ିବା ସହ ସ୍ୱାଭାବିକଠାରୁ ତାପମାତ୍ରା ଉପରେ ରହିବ । କେବଳ ଦିନରେ ନୁହେଁ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଉପରେ ରହିବ । ଅନ୍ୟପଟେ ଯଦିଓ ଗ୍ରୀଷ୍ମରେ ପ୍ରବଳ ତାତି ହେବ ବୋଲି ଆକଳନ କରାଯାଇଛି, ମାତ୍ର ଚଳିତ ମାର୍ଚ୍ଚ ମାସରେ ପଶ୍ଚିମା ଝଡ଼ ଜନିତ ବର୍ଷା ଯୋଗୁଁ ସାମାନ୍ୟ ଆଶ୍ୱସ୍ତି ମିଳିବ । ରାଜ୍ୟରେ ମାର୍ଚ୍ଚ ମାସରେ ବାରମ୍ବାର ପଶ୍ଚିମାଝଡ଼ ପ୍ରଭାବ ଯୋଗୁଁ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ । ତେଣୁ ମାର୍ଚ୍ଚରେ ସମ୍ଭବତଃ ଗରମ୍ କମ ରହିବ । ତେବେ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ଅନ୍ୟଜିଲ୍ଲା ତୁଳନାରେ ଅଧିକା ରହିବାକୁ ଥିବା ବେଳେ ଗଞ୍ଜାମ ସଂଲଗ୍ନ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ହଠାତ୍ ଗ୍ରୀଷ୍ମ ପ୍ରବାହ ସୃଷ୍ଟି ହୋଇପାରେ ବୋଲି ଆଇଏମଡି ଆକଳନ କରିଛି ।

୨୦୨୩ ଅପେକ୍ଷା ଚଳିତ ବର୍ଷରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିବ ବୋଲି ପୂର୍ବରୁ ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥାଙ୍କ ସମେତ ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଥିଲେ । ଏପ୍ରିଲ ପର୍ଯ୍ୟନ୍ତ ଏଲନିନୋ ଶକ୍ତିଶାଳୀ ରହିବାକୁ ଥିବାରୁ ଏହା ପ୍ରଭାବରେ ପ୍ରବଳ ହିଟ୍‌ୱେଭରେ ଜନଜୀବନ ଅସ୍ତବ୍ୟସ୍ତ କରିବ । ୨୦୨୩ରେ ସୃଷ୍ଟି ହୋଇଥିବା ଏଲ୍-ନିନୋ ଚଳିତ ବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ୍ ପର୍ଯ୍ୟନ୍ତ ସକ୍ରିୟ ରହିବ । ପୂର୍ବ ତଥ୍ୟ ଅନୁଯାୟୀ ଏଲ୍-ନିନୋ ସରିବା ପରେ ଏହାର ପ୍ରଭାବ ଅଧିକ ଦେଖାଯାଏଇଥାଏ । ଉଦାହରଣ ଭାବେ ୨୦୧୫ ବର୍ଷର ଏଲ୍-ନିନୋର ପ୍ରଭାବ ୨୦୧୬ ରେ ଅଧିକ ପଡ଼ିବା ସହ ସେହି ବର୍ଷ ପ୍ରବଳ ଗରମ ଅନୁଭୂତ ହୋଇଥିଲା । ତେଣୁ ଚଳିତ ବର୍ଷ ଏଲ୍‌ନିନୋ ପ୍ରଭାବ ଯୋଗୁଁ ପ୍ରବଳ ଗରମ ବର୍ଷ ହେବାକୁ ଯାଉଛି ଆକଳନ କରାଯାଉଛି ।

ଅନ୍ୟପଟେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାପରେ ତାପମାତ୍ରା ବିଶେଷ ପରିବର୍ତ୍ତନ ହେବାକୁ ନ ଥିବା ବେଳେ ପରବର୍ତ୍ତୀ ଦୁଇ ଦିନରେ କିଛି କିଛି ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଛି । ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ ରବିବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଏବଂ ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି ।



ଗ୍ରୀଷ୍ମ ପ୍ରବାହରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବାକୁ ମାର୍ଗଦର୍ଶିକା

ସାଙ୍ଗରେ ଆଣନ୍ତୁ ପାଣି ବୋତଲ

■ **ଭୁବନେଶ୍ୱର, ୧।୩(ସମିସ):** ରାଜ୍ୟରେ ଅନୁଭୂତ ହେଲାଣି ଖରାର ତାଉ । ଆଉ କିଛି ଦିନ ମଧ୍ୟରେ ଗ୍ରୀଷ୍ମପ୍ରବାହ ମଧ୍ୟ ଆରମ୍ଭ ହୋଇଯିବ । ଏଥିରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ସାମ୍ଭାବ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ, କଲେଜ ଓ ବୈଷୟିକ ଶିକ୍ଷା ନୁଷ୍ଠାନ ଗୁଡ଼ିକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଟିପ୍ସ ଦେବା ପାଇଁ ମଧ୍ୟ କୁହାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପିଇବା ପାଣି ବ୍ୟବସ୍ଥା କରିବାକୁ କୁହାଯାଇଛି । ନିରବଚ୍ଛିନ୍ନ ପିଇବା ପାଣି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ ଭିତରେ କିମ୍ବା ବାହାରେ ଥିବା ନଳକୂପ ସଜାଡ଼ିବା ଏବଂ ପର୍ଯ୍ୟାପ୍ତ ଓଆର୍‌ଏସ୍ ମହଜୁଦ ରଖିବାକୁ କୁହାଯାଇଛି । ଏହାସହ ଆଉଟଡୋର କାର୍ଯ୍ୟକ୍ରମ ନ କରିବାକୁ କୁହାଯାଇଛି । ସ୍କୁଲ ଓ କଲେଜ ଯିବା ବେଳେ ସାଙ୍ଗରେ ପାଣି ବୋତଲ ନବାକୁ ପରାମର୍ଶ ଦିଆଯାଇଛି ।

ପର୍ଯ୍ୟାପ୍ତ ପିଇବା ପାଣି, ଓଆର୍‌ଏସ୍ ମହଜୁଦ ରଖିବାକୁ ଗୁରୁତ୍ୱ

ଉଲିବୁରୁ ଖଣି ଦୁର୍ନୀତି ମାମଲା

ଦୀପକ ଗୁପ୍ତାଙ୍କ ବିଭିନ୍ନ ଠିକଣାରେ ଇଡି ଚଢ଼ଉ

■ **ଯୋଡ଼ା/ବଡ଼ବିଲ, ୧।୩ (ସମିସ):** ଯୋଡ଼ା ଖଣି କ୍ଷେତ୍ର ଅନ୍ତର୍ଗତ ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଏବଂ ତାଙ୍କର ଚାଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କାଦମାଙ୍କ ବିଭିନ୍ନ ଠିକଣାରେ କେନ୍ଦ୍ରୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ ଜାରି ରହିଛି । ଅଭିଯୁକ୍ତ ଦୀପକଙ୍କର ଭୁବନେଶ୍ୱର, ରାଉରକେଲା, ବଡ଼ବିଲ, କୋଲକାତା, ଝାରସୁଗୁଡା ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କାଦମାଙ୍କ ବିସରା ଡାହା କାର୍ଯ୍ୟାଳୟ, କାଦମାଓ୍ୱଲା ଇନ୍‌ସଲଭେନ୍ସି କାର୍ଯ୍ୟାଳୟ ସହ ବାସଭବନରେ ମଧ୍ୟ ଏହି ଚଢ଼ଉ ଶୁକ୍ରବାର ପୂର୍ବାହ୍ନଠାରୁ ଖବର ଲେଖାଯିବା ପର୍ଯ୍ୟନ୍ତ ଜାରି ରହିଥିବା ଦେଖିବାକୁ ମିଳିଛି । କଡ଼ା ସୁରକ୍ଷା ମଧ୍ୟରେ ଜାରି ରହିଥିବା ଏହି ଚଢ଼ଉରେ ଇଡି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରୁଛି । ଉଲିବୁରୁ ଖଣିରେ ବେଆଇନ ଖଣି ଖନନ ନେଇ ୧୮ ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ୨୦୧୩ ସେପ୍ଟେମ୍ବର ୪ରେ ଦୀପକ ଗୁପ୍ତାଙ୍କୁ କେନ୍ଦୁଝର ଭିଜିଲାନ୍ସ ବିଭାଗ ଗିରଫ କରିଥିଲା । ଦୀପକ ଗୁପ୍ତା ବିକେ ମହାନ୍ତିଙ୍କ ଉଲିବୁରୁଠାରେ ୩୫ ହେକ୍ଟର ପରିମିତ ଲୌହ ଖଣିର ପାୱାର ଅଫ୍ ଆଟର୍ଣ୍ଣି ନେଇ ୨୦୦୯ ମସିହାଠାରୁ ଖଣି ପରିସୀମା ବାହାରେ ଏବଂ ବିନା ଜଙ୍ଗଲ ଅନୁମୋଦନରେ ବ୍ୟାପକ ଖଣି ଖନନ କରି ଏହାକୁ ଦେଶ ବାହାରକୁ ରପ୍ତାନୀ କରିଆସୁଥିଲେ । ଗିରଫ ପରେ ଦୀର୍ଘ ୭ବର୍ଷ ଧରି ସେ ଜେଲରେ ରହିଥିବା ବେଳେ ବାରମ୍ବାର ତାଙ୍କର ଜାମିନ ଆବେଦନ ଖାରଜ ହୋଇଥିଲା । ତେବେ ୨୯ ସେପ୍ଟେମ୍ବର ୨୦୨୦ରେ ଉଚ୍ଚ ନ୍ୟାୟାଳୟ ୧ କୋଟି ଟଙ୍କା ନଗଦ ଜମା ସହ ୨କୋଟି ଟଙ୍କାର ସ୍ଥାନୀୟ ଜାମିନଦାର ବଦଳରେ ତାଙ୍କୁ ଜାମିନରେ ଛାଡ଼ିଥିଲେ ଏବଂ ସେ ରାଜ୍ୟ କିମ୍ବା ଦେଶ ବାହାରକୁ ଯେପରି ଯାଇନପାରନ୍ତି, ସେଥିପାଇଁ ତାଙ୍କର ପାସପୋର୍ଟ ଜବତ କରବା ସହ ଏକ ଚୁକ୍ତିନାମା ଦାଖଲ କରିଥିଲେ । ଏହି ଘଟଣାଟି ସେତେବେଳେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଏଥିରେ ୧୮ଶହ କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଥିବା ଆକଳନ କରାଯାଇଥିଲା । ଏହି ମାମଲାଟିରେ ଖଣି ଲିଜ୍ ହୋଲଡର ବିକେ ମହାନ୍ତି, ତତ୍କାଳୀନ ଖଣି ଉପନିର୍ଦ୍ଦେଶକ ମାନସ ରଞ୍ଜନ ମହାନ୍ତି, ଖଣି ଅଧିକାରୀ ହଳଧର ଦାସ, ସତ୍ୟବ୍ରତ ରାଉତ, ଜଗନ୍ନାଥ ମିଶ୍ର, କୃତ୍ତିବାସ ଗିରି, ରବୀନ୍ଦ୍ର ମହାନ୍ତି ଏହିପରି ୮ଜଣଙ୍କର ନାମରେ ମାମଲା ରୁଜୁ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ମାମଲାରେ ମୋଟ ୨୯ଜଣଙ୍କ ନାମରେ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ମାମଲା ଦାୟର କରାଯାଇଥିଲା; ଯାହା ଏବେ ମଧ୍ୟ ବିଚାରଧୀନ ରହିଛି ।

ଜେଇଇ ମେନ୍‌ରେ ଆଦର୍ଶ ବିଦ୍ୟାଳୟର ସଫଳତା

■ **ଭୁବନେଶ୍ୱର, ୧।୩(ସମିସ):** ଚଳିତ ବର୍ଷ ନ୍ୟାସନାଲ ଟେଷ୍ଟିଙ୍ଗ୍ ଏଜେନ୍ସି(ଏନ୍‌ଟିଏ) ପରିଚାଳିତ ଯୁଗ୍ମ ପ୍ରବେଶିକ ପରୀକ୍ଷା (ଜେଇଇ ମେନ୍)ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ପାଇଛନ୍ତି ।

ଏହି ପରୀକ୍ଷାରେ ମୋଟ୍ ୩୬ ଜଣ ଛାତ୍ରଛାତ୍ରୀ ୯୦ ପରସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ସେରଗଡ଼ ଆଦର୍ଶ ବିଦ୍ୟାଳୟର ବବୁଲ ପ୍ରଧାନ ସର୍ବାଧିକ ୯୯.୧୪୯ ପରସେଣ୍ଟାଇଲ୍ ମାର୍କ ରଖିଥିବାବେଳେ ୧୨ ଜଣ ଛାତ୍ର ୯୪ ପରସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି ରଖିଛନ୍ତି ।

ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତକରିଛନ୍ତି । ଏହାସହ ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଆନନ୍ଦପୁର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ତାଲା

ଆନନ୍ଦପୁର,୧୩(ସମିସ)

ଆନନ୍ଦପୁର କଚେରି ଛକଠାରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ନିୟମିତ ଠିକ୍ ସମୟରେ ଖୋଲୁନଥିବାରୁ ସାଧାରଣ ଲୋକେ ନାହିଁ ନଥିବା ହାନସ୍ତା ହେଉଥିବା ଅଭିଯୋଗ ହୋଇଛି। ଏହି ବିଭାଗର ଆନନ୍ଦପୁର ମୃତ୍ତିକା ସଂରକ୍ଷଣ ଅଧିକାରୀ ପଦବୀ ଦୀର୍ଘଦିନ ହେବ ଖାଲି ପଡିଥିବା ବେଳେ ଜଣେ ସହକାରୀ ଯନ୍ତ୍ରୀ ଏହି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଜଣାଯାଇଛି। ଆନନ୍ଦପୁର, ଘସିପୁରା ଓ ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ପ୍ରକଳ୍ପ ଗୁଡିକର ତଦାରଖ ପାଇଁ ୬ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ଆନନ୍ଦପୁର ସଦର ମହକୁମା ଠାରେ ଥିବା ଏହି ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟ ଅନେକ ସମୟରେ ତାଲା ପଡି ରହୁଥିବା ପରିଲକ୍ଷିତ ହୋଇଛି। ଏହି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀ ୬ କିଲୋମିଟର ଦୂର ମଧ୍ୟରେ ରହିବାକୁ ନିୟମ ଥିବା ବେଳେ ସୁଦୂର ବାଲେଶ୍ୱର ଓ ଭୁବନେଶ୍ୱରରୁ କର୍ମଚାରୀମାନେ ଆସୁଥିବା ଆଲୋଚନାରୁ ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡ ପ୍ରଶାସନର ଆଡୁଆଳରେ ରହିଯାଇଥିବା ଏହି କାର୍ଯ୍ୟାଳୟ ପ୍ରତି ପ୍ରଶାସନର ଦୃଷ୍ଟି ଗୋଚର ହେଉନଥିବାରୁ କର୍ମଚାରୀମାନଙ୍କ ମନମାନିରେ ଏହି କାର୍ଯ୍ୟାଳୟ ଚାଲିଥିବା ଅଭିଯୋଗ ହୋଇଛି। ନିୟୋଜିତ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ ଆଳରେ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟ ଅନେକ ସମୟରେ ବନ୍ଦ ରହୁଥିବାରୁ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଲୋକେ ହତାଶ ହୋଇ ଫେରୁଥିବା ବେଳେ ଆଜି ପଟିଲୋ ଓ ଶାଳଦେଇ ଅଞ୍ଚଳରୁ ଆସିଥିବା ଦୁଇଜଣ ଚାଷୀ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଅଫିସ କାର୍ଯ୍ୟାଳୟ ବନ୍ଦ ଥିବାରୁ ବାହାରେ ଠିଆ ହୋଇ ରହିଥିବା ପରିଲକ୍ଷିତ ହୋଇଛି। ଏନେଇ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଶିବାନୀ ମହାରଣାଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବାରୁ 'ମୁଁ ସରକାରୀ ଗ୍ରସ୍ତ କାର୍ଯ୍ୟରେ ଅଛି। ଦୁଇ ଜଣ କର୍ମଚାରୀ ଛୁଟିରେ ଅଛନ୍ତି ଓ ଅନ୍ୟ ୩ ଜଣ କର୍ମଚାରୀ କ୍ଷେତ୍ର ପରିଦର୍ଶନରେ ଥିବାରୁ କାର୍ଯ୍ୟାଳୟ ବନ୍ଦ ଅଛି' ବୋଲି ପ୍ରକାଶ କରିଥିଲେ। ତେବେ ଏହି କାର୍ଯ୍ୟାଳୟ ସରକାରୀ ନିର୍ଦ୍ଧାରିତ ସମୟରେ ନିୟମିତ ଖୋଲାଯିବା ପାଇଁ ଜଣେ ହେଲେ କର୍ମଚାରୀ ରହୁନଥିବାରୁ ଅଫିସରେ ତାଲା ପଡିବା ପରିସ୍ଥିତିକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପାଟଣା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ପାଟଣା,୧୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣାକୁ ଏନ୍‌ଏସି କରିବା ଦାବି ନେଇ ତହସିଲଦାର ଲୀଳାବତୀ ନାଏକଙ୍କୁ ପାଟଣା ଅଞ୍ଚଳର ବୁଦ୍ଧିଜୀବୀମାନେ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପାଟଣା ତହସିଲଦାର ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ, 'ୟ-ଟି' ଅଧକ୍ଷ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପଠାଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ପାଟଣା ଅଞ୍ଚଳର ବୁଦ୍ଧିଜୀବୀ ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ଅଜୟ କୁମାର ଦାଶ, ଲକ୍ଷ୍ମଣ କୁମାର ଦାଶ, ବିନୋଦ ବିହାରୀ ନାଏକ, ଦୁର୍ଗାଚରଣ ନାୟକ, ଅଜୟ କୁମାର ବେହେରା, ସହଦେବ ବେହେରା, ଯୁଧିଷ୍ଠିର ମହାନ୍ତି, ପ୍ରକାଶ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ହାଟଡିହୀକୁ ଏନ୍‌ଏସି କରିବାକୁ ଦାବି

ହାଟଡ଼ିହୀ,୧୩(ସମିସ): କେନ୍ଦୁଝର ଜିଲ୍ଲାର ହାଟଡିହୀ, ଛେନାପଦି ଏବଂ ମରେଗାଁ ବଜାର ଗୁଡ଼ିକ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଯାହାକି ଏପର୍ଯ୍ୟନ୍ତ ଏନ୍‌ଏସି ରୂପେ ସରକାରୀ ମାନ୍ୟତା ପାଇନାହିଁ। ହାଟଡିହୀ ଅଞ୍ଚଳରେ ଜେଏମ୍‌ଏଫସି କୋର୍ଟ, ତହସିଲ, ୩ଗୋଟି ବ୍ୟାଙ୍କ, ବ୍ଲକ୍, ସବ-ଟ୍ରେଜେରୀ, ଦମକଳ କେନ୍ଦ୍ର, ପିଏଚଡି ଅଫିସ, କୃଷି ଅଫିସ, ଆର୍‌ଆଇ ଅଫିସ, ଥାନା, ପଶୁ ଡାକ୍ତରଖାନା, ଆର୍‌ଡି ଅଫିସ, ଜଳସମ୍ପଦ ଅଫିସ, ୨ଟି କଲେଜ୍, ବିଇଓ ଅଫିସ୍, ଡାକ୍ତରଖାନା, ବିଦ୍ୟୁତ୍ ଅଫିସ, ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିର୍ମାଣାଧୀନ ଲାଇବ୍ରେରୀ ହଲ୍ ଭଳି ବିଭିନ୍ନ ଅଫିସ ଗଢ଼ିଉଠିଛି। ହାଟଡିହୀ ଅଞ୍ଚଳଟି ଏକ ପ୍ରକାର ଉନ୍ନତି ସହର ହୋଇଥିବା ବେଳେ ଏଠାରେ ଛେନାପଦି ଠାରୁ ମରେଗାଁ ଯାଏଁ ଅନେକ ସୁପ୍ରତିଷ୍ଠିତ ବ୍ୟବସାୟିକ କେନ୍ଦ୍ର ଗଢ଼ିଉଠିଛି। ଏହି ବ୍ୟବସାୟ ପ୍ରତିଷ୍ଠାନ ଏବଂ ସରକାରୀ ଅଫିସ ଗୁଡ଼ିକରେ ପ୍ରତିଦିନ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ହାଟଡିହୀ ପଞ୍ଚାୟତ ସହ ମରେଗାଁ ଓ ଶାସଙ୍ଗ ପଞ୍ଚାୟତର କିଛି ଅଂଶକୁ ମିଶାଇଲେ ଏହାର ଜନସଂଖ୍ୟା ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ହେବ। ତେଣୁ ଏହାକୁ ଏକ ଏନ୍‌ଏସି ଭାବେ ଘୋଷଣା କରିବାକୁ ଦାବି ହୋଇଛି।

ପୂର୍ବତନ ସମିତି ସମ୍ପାଦକଙ୍କୁ କାରାଦଣ୍ଡ

ଆନନ୍ଦପୁର,୧୩(ସମିସ): ଅଯୋଗ୍ୟ ଚାଷୀଙ୍କୁ ଋଣ ଛାଡ କରିବା ମାମଲାରେ କେନ୍ଦୁଝର ଜିଲ୍ଲା ଦେଓଗାଁ ସମବାୟ ସମିତିର ପୂର୍ବତନ ସମ୍ପାଦକ ଭାଗିରଥୀ ଭୂୟାଁଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରଶ୍ମିତା ଦଳେଇ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲ ବୋଲି କୋର୍ଟ ରାୟ ଦେଇଛନ୍ତି। ୨୦୦୮-୦୯ ରେ କେନ୍ଦ୍ର ସରକାର ଚାଷ ଋଣ ଛାଡ କରିଥିଲେ। ଋଣ ଛାଡ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାପଦଣ୍ଡ ନିର୍ଦ୍ଧାରଣ କରିଥିଲେ। ଶ୍ରୀ ଭୂୟାଁ ୨୦ ଜଣ ଅଯୋଗ୍ୟ ଚାଷୀଙ୍କଠ ନାମ ତାଲିକା ପଠାଇଥିଲେ। ଫଳରେ ସଂପୃକ୍ତ ୨୦ଜଣ ଚାଷୀଙ୍କୁ ୩ ଲକ୍ଷ ୨୪ ହଜାର ଟଙ୍କା ଋଣ ଛାଡ କରାଯାଇଥିଲା। ଏହି ଘଟଣାରେ ଭିଜିଲାନ୍ସ ନିଜଆଡୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଭିଜିଲାନ୍ସ କେଶ ନଂ ୫୦/୨୦୧୧ରେ ମାମଲା ରୁଜୁ ହୋଇଥିଲା। କୋର୍ଟ ୩୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆଜି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ

ସୋସୋ, ୧୩ (ସମିସ): ହାଟଡିହି ବ୍ଲକର ପଢିଆରାପଲ୍ଲି ନୋଡାଲ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବରିଷ୍ଠ ଶିକ୍ଷକ ମୋହନ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଏଲିମେଣ୍ଟାରି ଶିକ୍ଷକ ପୁରସ୍କାର ଭାବେ ଶ୍ରୀ ମହାନ୍ତି ବ୍ଲକସ୍ତରରେ ଜଣେ ମାତ୍ର ପୁରସ୍କୃତ ହୋଇଛନ୍ତି।

ରାସନ କାର୍ଡଧାରୀଙ୍କୁ ମିଳିଲା ଟଙ୍କା

ରାମଚନ୍ଦ୍ରପୁର,୧୩(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ପଞ୍ଚାୟତ ସଭାଗୃହରେ ରାସନକାର୍ଡ ଧାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସ୍ଥାନିୟ ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳଙ୍କ ସଂଯୋଜନାରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ ପଞ୍ଚାୟତର ମୋଟ ୧୩୨୦ ଜଣ ରାସନକାର୍ଡ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ସହ ଦୁଇଟି ବ୍ୟାଗ ପ୍ରଦାନ କରିଥିଲେ। ଏହି ପ୍ରୋତ୍ସାହନ ରାଶି ଗରିବ ଲୋକଙ୍କ ମନରେ ଅନେକ ଉତ୍ସାହ ଓ ଖୁସି ଆଣି ଦେଇଥିବା ବିଧାୟକ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରୋତ୍ସାହନ ରାଶି ପ୍ରଦାନ ରେ ପିଇଓ ଅଜୟକୁମାର ନାଏକ, ଗ୍ରାମରୋଜଗାର ସେବକ ପ୍ରିୟବ୍ରତ ମହାରଣା ଏବଂ ରାସନ ବଣ୍ଟନ ଦାୟିତ୍ୱରେ ଥିବା କିଚକେଶ୍ୱରୀ ଏବଂ ଗାୟତ୍ରୀ ଏସ୍‌ଏଚ୍‌ଜି ମହିଳା ସଦସ୍ୟମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

ଗିରିଗାଁ ସ୍କୁଲ୍ ଶିକ୍ଷକଙ୍କ ମାଡ଼ରେ ଛାତ୍ର ଭୟଭୀତ

ଆନନ୍ଦପୁର,୧୩(ସମିସ): ରାଜ୍ୟ ସରକାର ବିଦ୍ୟାଳୟ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବା ବେଳେ କେତେକ ବିଦ୍ୟାଳୟର ଶିକ୍ଷକମାନେ ଏହି ନିୟମକୁ ଉଲ୍ଲଙ୍ଘ କରୁଥିବାରୁ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ ହ୍ରାସ ପାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି କେନ୍ଦୁଝର ଜିଲ୍ଲା ସମଣା ପଞ୍ଚାୟତ ର ଗିରିଗାଁ ଶ୍ରୀଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର କେତେକ ଛାତ୍ରଙ୍କୁ ଶିକ୍ଷକଙ୍କ ନିଷ୍ଠୁର ମାଡ ଘଟଣାରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିକ୍ଷକଙ୍କ ଏପରି

ମାଡ଼ ଯୋଗୁ ଜଣେ ଛାତ୍ର ସମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ କେତେକ ଛାତ୍ର ମାଡ ଖାଇ ଆଜି ବିଦ୍ୟାଳୟକୁ ଆସିନଥିବା ଆଲୋଚନାର ବିଷୟ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଗତ ଗୁରୁବାର ବିଦ୍ୟାଳୟରେ କେତେକ ଛାତ୍ର ନିଜ ଖାତାରୁ କାଗଜ ଚିରି ଖେଳୁଥିବା ବେଳେ ବିଦ୍ୟାଳୟର ଜନୈକ ଶିକ୍ଷକ ଛାତ୍ରମାନଙ୍କୁ ମାଡ ମାରିଥିଲେ। ମାଡ ଖାଇଥିବା ଛାତ୍ରମାନେ ଭୟରେ ଘରକୁ ପଳାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି କେତେକ ଛାତ୍ର ଭୟଭୀତ ହୋଇ ବିଦ୍ୟାଳୟକୁ ଆସିନଥିବା ସୂଚନା ମିଳିଛି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବାରୁ ଶିକ୍ଷକଙ୍କ କାର୍ଯ୍ୟକଳାପ ନେଇ ହାଟଡିହି ଅତିରିକ୍ତ ଶିକ୍ଷାଧିକାରୀ ସ୍ନେହଲତା ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣାର ଅନୁଧ୍ୟାନ କରିଥିଲେ। ତେବେ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଯାଇଥିବା ପ୍ରକାଶ କରିଥିଲେ।

ଆକାଶବାଣୀର ବରିଷ୍ଠ ଘୋଷକ ସୁପାଇ ମୁର୍ମୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର,୧୩(ସମିସ): ଏବେ ବି ଲକ୍ଷ ଲକ୍ଷ ଶ୍ରୋତା ଆକାଶବାଣୀର କାର୍ଯ୍ୟକ୍ରମକୁ ଭଲ ପାଆନ୍ତି। ରେଡିଓ ମାଧ୍ୟମରେ ଶୁଣିବାର ପଦ୍ଧତି ପରିବର୍ତ୍ତନ ହୋଇଥିବା ବେଳେ ଏଫ୍‌ଏମ୍ ଏବଂ ମୋବାଇଲ ଆପ୍ ସହ ବିଭିନ୍ନ ଚାରିଚକିଆ ଯାନରେ ଆକାଶବାଣୀକୁ ଶୁଣି ହେଉଛି। ତେଣୁ କାର୍ଯ୍ୟକ୍ରମ ଉପସ୍ଥାପନା ସମୟରେ ସରଳ ଓ ସାବଲୀଳା ଶବ୍ଦରେ ଉପସ୍ଥାପନା କରିବାର ଆବଶ୍ୟକତା ସବୁ ସମୟରେ ରହିଛି ବୋଲି ବରିଷ୍ଠ ଘୋଷକ ସୁପାଇ ମୁର୍ମୁ ପ୍ରକାଶ କରିଛନ୍ତି। ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ଲୋକପ୍ରିୟ କାର୍ଯ୍ୟକ୍ରମ ହ୍ୟାଲୋ ଆକାଶବାଣୀ ପ୍ରସ୍ତୁତି ସମୟରେ ଶ୍ରୋତାଙ୍କ ଅନ୍ତରଙ୍ଗତା କେବେ ଭୁଲିବାର ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଗତ ୩୪ବର୍ଷ ଧରି ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ ବରିଷ୍ଠ ଘୋଷକ ଓ ଉପସ୍ଥାପକ ଭାବେ କାର୍ଯ୍ୟକରି ଗତକାଲି ଅବସର ନେଇଥିବା ସୁପାଇ ମୁର୍ମୁଙ୍କୁ ଆକାଶବାଣୀ କେନ୍ଦୁଝର କେନ୍ଦ୍ର ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସନ୍ଧ୍ୟା ସମୟରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଉପସ୍ଥାପକ, ଉପସ୍ଥାପିକା, ଘୋଷକ, ଘୋଷିକା ଓ ପ୍ରସାରଣ ସହଯୋଗୀଙ୍କ ତରଫରୁ ବିଦାୟକାଳୀନ ସଭାରେ ସୁପାଇ ମୁର୍ମୁଙ୍କ ସହ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଆଖେଶ୍ୱର ଝା, କାର୍ଯ୍ୟକ୍ରମ ନିଷ୍ପାଦକ ଅନିତା ତିର୍କୀ, ବରିଷ୍ଠ ଘୋଷକ ତୁଷାର ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଘୋଷକ ଭାସ୍କର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ସାହୁ, ଅଧ୍ୟାପିକା ସ୍ମୃତି ବାନାର୍ଜୀ, ବରିଷ୍ଠ ଉପସ୍ଥାପିକା ଇନ୍ଦୁମତୀ ପାତ୍ର ସମେତ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପକ, ଉପସ୍ଥାପିକା,ଘୋଷକ,ଘୋଷିକାମାନେ ନିଜର ବକ୍ତବ୍ୟ ରଖିଥିଲେ। ସୁର ନିକେତନର କଳାକାରମାନେ ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ବେହେରା ଓ ସୁନୀତା ପଟ୍ଟନାୟକଙ୍କ ସଂଯୋଜନାରେ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବାହ୍ନରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର କର୍ମଚାରୀମାନଙ୍କ ଦ୍ୱାରା ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦରଖଳାରେ ମାଗେ ପର୍ବ ଉଦ୍‌ଯାପିତ

ଆନନ୍ଦପୁର,୧୩(ସମିସ): ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତ ଦରଖଳା ଗ୍ରାମରେ ଆଦିବାସୀଙ୍କ ପାରମ୍ପରିକ ମାଗେ ପରବ ଅନୁଷ୍ଠିତ ହୋଇଛି। ଉଦଯାପନୀ ସମାରୋହରେ ବରିଷ୍ଠ ବିଜେପି ନେତା ଭଗବାନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ଧନେଶ୍ୱର ମୁଣ୍ଡା, ସମ୍ପାଦକ ସନାତନ ମହାକୁଡଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ମହେନ୍ଦ୍ର ତପନ, ସମାୟ ହୋ, ଦିନେଶ ତପନ, ସୁଦାମ ମହାକୁଡ, ବାଇଦ୍ର ମୁଣ୍ଡା, କାଇରୋ ହୋ, ସିଦୁ ମୁଣ୍ଡା, କନ୍ଧା ତପନ, ମାଲିକ ମୁଣ୍ଡା, ସମତି ତପନ, ବାନୁ ବନ୍ଦ୍ରା, ଯାତ୍ରୀ ମହାକୁଡ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ମୁନି ମହାରଣା, ଲକ୍ଷ୍ମୀ ତପନ, ଦୁଶି ଗାଗରାଇ, ପାର୍ବତୀ ତପନ, ଭଗବାନ ହେମ୍ବ୍ରମ, ମାଣିକ ମୁଣ୍ଡା, ମୁଖିଆ ତପନ, ଗହ୍ଲା ମୁଣ୍ଡା, ସଣ୍ଡା ମୁଣ୍ଡା, ମାଟୁ ହୋ, ସିନ୍ଦୁ ମୁଣ୍ଡା, ପ୍ରଫୁଲ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ପାଟଣା ହାଟ ପଡ଼ିଆରେ ବିପଦଜନକ ଅବସ୍ଥାରେ ଆମ୍ବ ଗଛ

ପାଟଣା,୧୩(ସମିସ): ପାଟଣା ବଜାରରେ ଥିବା ହାଟ ପଡିଆରେ ଏକ ଆମ୍ବ ଗଛର ମୂଳ ଭାଗ ନଷ୍ଟ ହୋଇ ବିପଦଜନକ ଅବସ୍ଥାରେ ଥିବା ଦେଖାଯାଇଛି। ବହୁ ପୁରାତନ ଏହି ଗଛଟିର ମୂଳ ଅଂଶ ନଷ୍ଟ ହୋଇ ନିକଟରେ ଥିବା ହାଟ ପିଣ୍ଡି ଉପରେ ଲଟକି ରହିଛି। ଯେ କୌଣସି ସମୟରେ ଲୋକଙ୍କ ପାଇଁ ବିପଦ ସୃଷ୍ଟି ହୋଇପାରେ। ଏଠାରେ ବୁଧବାର ସାପ୍ତାହିକ ହାଟ ଅନୁଷ୍ଠିତ ହେଉଥିଲା ବେଳେ ପ୍ରତ୍ୟହ ପରିବା ବିକ୍ରି ହୋଇଥାଏ। ତେଣୁ କୌଣସି ମୁହୂର୍ତ୍ତରେ ବି ଅଘଟଣର ଆଶଙ୍କା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଆନନ୍ଦପୁର ଡାକ୍ତରଖାନାରେ କାୟାକଳ୍ପ ଟିମ୍

ଆନନ୍ଦପୁର,୧୩(ସମିସ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ଆଜି କାୟାକଳ୍ପ ପ୍ରକଳ୍ପର ଏକ ପ୍ରତିନିଧି ଦଳ ଆନନ୍ଦପୁର ଡାକ୍ତରଖାନା ପରିଦର୍ଶନ କରିଥିବା ଜଣାଯାଇଛି। ଏହି ପ୍ରତିନିଧି ଦଳରେ ଆସିଥିବା ୬ ଜଣ ଅଧିକାରୀ ଆନନ୍ଦପୁର ଡାକ୍ତରଖାନା ପରିସରରେ ଥିବା ବିଭିନ୍ନ ସେବାମୂଳକ ଗୃହ, ସଫେଇ ଓ ପରିମଳ ବ୍ୟବସ୍ଥା, ଡାକ୍ତରଖାନା ପରିଚାଳନା, ସେବିକାମାନଙ୍କର ରୋଗୀ ସେବା ସମ୍ପର୍କିତ କାର୍ଯ୍ୟକଳାପ, ଅଳିଆ ଆବର୍ଜନା ସଂଗ୍ରହ ଏବଂ ଡାକ୍ତରଖାନା ପରିସରରେ ଥିବା ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାର ଆଉଟଡୋର, ମହିଳା ଓ ପୁରୁଷ ୱାର୍ଡ, ଶବ ବ୍ୟବଚ୍ଛେଦ ଗୃହ, ସେବିକା ପ୍ରକୋଷ୍ଠ, ଔଷଧୀୟ ଉଦ୍ୟାନ, ସଫେଇ କର୍ମଚାରୀ, ସୁରକ୍ଷା କର୍ମଚାରୀ ଓ ହେଲ୍ପ ଡେସ୍କ , ଟିକେଟ କାଉନଟର, ରକ୍ତ, ମଳ ମୂତ୍ର ପରୀକ୍ଷାକେନ୍ଦ୍ରର ପରିଦର୍ଶନ କରି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ରୋଗୀସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ କାଳରେ ଆନନ୍ଦପୁର ଡାକ୍ତରଖାନା ସୁପରିନଟେଣ୍ଡେଣ୍ଟ ଧନେଶ୍ୱର ସେଠୀ, ଡାକ୍ତର କୃଷ୍ଣଚନ୍ଦ୍ର ଦାଶ, ଡାକ୍ତର ସପନ ଦାଶ, ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ଆନନ୍ଦପୁର ସଂସ୍କୃତି ଭବନ ଉଦ୍‌ଘାଟିତ

**ଆ

କର୍କଟ ନେଲା 'ମିସ୍ ଇଣ୍ଡିଆ ତ୍ରିପୁରା' ରିଙ୍କିଙ୍କ ଜୀବନ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ପୂର୍ବତନ 'ମିସ୍ ଇଣ୍ଡିଆ ତ୍ରିପୁରା' ରିଙ୍କି ଚକମାଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଦୁଇ ବର୍ଷରୁ ଅଧିକ ସମୟ ହେଲା ସ୍ତନ କର୍କଟରେ ପୀଡ଼ିତ ଥିଲେ। ଅସ୍ତ୍ରୋପଚାର ସତ୍ତ୍ୱେ ତାଙ୍କୁ ବଞ୍ଚା ଯାଇପାରି ନ ଥିଲା। ମୃତ୍ୟୁବେଳକୁ ତାଙ୍କୁ ୨୮ ବର୍ଷ ବୟସ ହୋଇଥିଲା। ସେ ୨୦୧୭ରେ ମିସ୍ ଇଣ୍ଡିଆ ପିଜାଣ୍ଟ 'ବ୍ୟୁଟି ୱିଥ୍ ଏ ପର୍ପୋଜ' ସମ୍ମାନ ଜିତି ଥିଲେ। ଏହି ପ୍ରତିଯୋଗିତା ମାନୁଷୀ ଛିଲର ଜିତିଥିଲେ।

ଗତ ମାସରେ ରିଙ୍କି ନିଜ ରୋଗ ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜର କଠିନ ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ସ୍ତନ କର୍କଟର ଅସ୍ତ୍ରୋପଚାର ପରେ ଏହା ଅନ୍ୟ ଅଙ୍ଗକୁ ବ୍ୟାପି ଯାଇଥିଲା। ପ୍ରଥମେ ଫୁସ୍‌ଫୁସ୍ ଏବଂ ପରେ ମସ୍ତିଷ୍କ କର୍କଟ ହୋଇଥିଲା। ଏହାର ଅସ୍ତ୍ରୋପଚାର ହେବ ବୋଲି ଉଲ୍ଲେଖ କରିଥିଲେ।

ଜେଏନ୍‌ୟୁରେ ୨ ଗୋଷ୍ଠୀ ମୁହାଁମୁହିଁ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଦିଲ୍ଲୀର ଜବାହାରଲାଲ ନେହେରୁ ୟୁନିଭର୍ସିଟି (ଜେଏନୟୁ)ର 'ସ୍କୁଲ୍ ଅଫ୍ ଲାଙ୍ଗୁଏଜେଜ'ରେ ନିର୍ବାଚନ କମିଟିର ସଦସ୍ୟ ଚୟନ କରିବାକୁ ନେଇ ଗୁରୁବାର ରାତିରେ ସଂଘର୍ଷ ହୋଇଛି। ଏବିଭିପି ଏବଂ ବାମ ଦଳ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଅନେକ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କୁ ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାର କିଛି ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ବ୍ୟକ୍ତି ଛାତ୍ରଙ୍କୁ ବାଡ଼ିରେ ପିଟୁଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓରେ ସାଇକେଲ ଫୋପଡ଼ା ଯାଉଥିବା ଦେଖାଯାଉଛି। ଉଭୟ ଗୋଷ୍ଠୀ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି।

ଆମେରିକାରେ ଶିଖଙ୍କୁ ହତ୍ୟା

ୱାଶିଂଟନ, ୧।୩ (ଏଜେନ୍ସି): ଆମେରିକା ଅଲବାମା ରାଜ୍ୟ ସେଲମା ସହର ସ୍ଥିତ ଏକ ଗୁରୁଦ୍ୱାର ବାହାରେ ଛିଡ଼ା ହୋଇଥିବାବେଳେ ଶିଖ୍ ସମ୍ପ୍ରଦାୟର ରାଜ ସିଂହ ଗୋଲ୍ଲିଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ସେ ଉତ୍ତରପ୍ରଦେଶ ବିଜନୌରର ବାସିନ୍ଦା ଥିଲେ। ଗତ ୧୪ ତାରିଖରେ ହତ୍ୟାକାଣ୍ଡ ଘଟିଥିବାବେଳେ ଏହା ପରଦିନ ପରିବାର ସଦସ୍ୟଙ୍କୁ ହତ୍ୟାର ସୂଚନା ଦିଆଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ପୁଲିସ ମୃତଦେହ ବ୍ୟବଚ୍ଛେଦ କରିନାହିଁ। ଏହାର କାରଣ ମଧ୍ୟ ଦର୍ଶାଯାଉ ନାହିଁ।

୩୯, ୧୨୫ କୋଟି ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରି

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଭାରତୀୟ ସେନାକୁ ଅଧିକ ମଜବୁତ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରାଳୟ ବଡ଼ ଚୁକ୍ତି କରିଛି। ମନ୍ତ୍ରାଳୟ ଶୁକ୍ରବାର ୩୯, ୧୨୫ କୋଟି ଟଙ୍କାର ପାଞ୍ଚୋଟି ସାମରିକ କ୍ରୟ ଚୁକ୍ତିରେ ସ୍ୱାକ୍ଷର କରିଛି। ରିପୋର୍ଟ ଅନୁଯାୟୀ ମିଗ-୨୯ର ଏରୋ ଇଞ୍ଜିନ କ୍ରୟ ଲାଗି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ, କ୍ଲୋଜ୍-ଇନ ଅସ୍ତ୍ରଶସ୍ତ୍ର ପ୍ରଣାଳୀ (ସିଆଇଡବ୍ଲ୍ୟୁଏସ୍) ଏବଂ ଉଚ୍ଚକ୍ଷମତାର ରାଡାର ଲାଗି ଲାର୍ସନ ଆଣ୍ଡ ଟର୍ବୋ ଲିମିଟେଡ ସହ ୨ଟି ଚୁକ୍ତି ହୋଇଛି। ସେହିପରି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ ପାଇଁ ବ୍ରହ୍ମୋସ୍ ଏରୋସ୍ପେସ ପ୍ରାଇଭେଟ ଲିମିଟେଡ ସହ ୨ଟି ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି।

୨୫ ବିଶେଷଜ୍ଞଙ୍କୁ ମିଳିପାରେ କେନ୍ଦ୍ରରେ ନିଯୁକ୍ତି

ନୂଆଦିଲ୍ଲୀ,୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ଆପଏଣ୍ଟମେଣ୍ଟସ କମିଟି ବୈଠକରେ ଘରୋଇ କ୍ଷେତ୍ରର ବିଶେଷଜ୍ଞ ଭାବେ ସୁନାମ ଅର୍ଜିଥିବା ୩ ଜଣଙ୍କୁ ଯୁଗ୍ମ ସଚିବ ଭାବେ ଓ ଅନ୍ୟ ୨୨ ଜଣଙ୍କୁ ନିର୍ଦ୍ଦେଶକ/ଉପସଚିବ ପଦବୀରେ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଦିଆଯିବା ପ୍ରସ୍ତାବ ଅନୁମୋଦିତ ହୋଇଛି। ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଦକ୍ଷ ଓ ଅତି ଯୋଗ୍ୟ ବ୍ୟକ୍ତିଙ୍କ ଉଦଯୋଗ ଦରକାର। ସେଥିପାଇଁ ଘରୋଇ କ୍ଷେତ୍ରରୁ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ପଦବୀ ଦେବା ନିମନ୍ତେ ସ୍ଥିର ହୋଇଛି। ସାଧାରଣତଃ ସଚିବ, ଯୁଗ୍ମ ସଚିବ,ଉପସଚିବ, ନିର୍ଦ୍ଦେଶକ ଆଦି ପଦରେ ଆଇଏଏସ, ଆଇପିଏସ, ଆଇଏଫଏସ ତଥା ଗ୍ରୁପ-ଏ ସର୍ଭିସେସ ଅଫିସରମାନଙ୍କୁ ବସାଯାଏ ଯେଉଁମାନେ ସରକାରୀ ନୀତି ନିର୍ଦ୍ଧାରଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ୟୁପିଏସସି ଦ୍ୱାରା ଘରୋଇ କ୍ଷେତ୍ରରୁ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଏପରି ଉଚ୍ଚ ସରକାରୀ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ଯେଉଁ ବ୍ୟବସ୍ଥାଟି ୨୦୧୮ ରୁ ଆରମ୍ଭ ହୋଇଛି ତାହାକୁ ଲେଟେରାଲ ଏଣ୍ଟ୍ରି ମୋଡ୍ କୁହାଯାଉଛି।

ଦୋହଲିଲା ବେଙ୍ଗାଲୁରୁ

କାଫେରେ ଆଇଇଡି ବିସ୍ଫୋରଣ; ୯ ଆହତ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ବେଙ୍ଗାଲୁରୁ କୁନ୍ଦଲହାଲି ସ୍ଥିତ ରାମେଶ୍ୱରମ କାଫେରେ ଶୁକ୍ରବାର ଦ୍ୱିପହରେ ବଡ଼ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୯ ଜଣ ଲୋକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣରେ ଆଇଇଡି ବ୍ୟବହାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି। ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହାର ସୂଚନା ମିଳିବା ପରେ ବୋମା ସ୍କ୍ୱାର୍ଡ, ଫରେନସିକ ଏବଂ ଏନଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିସ୍ଫୋରଣ ପରେ ପ୍ରଥମେ ଦମକଳ ବାହିନୀ ଏବଂ ହ୍ୱାଇଟଫିଲ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଉଭୟ ଟିମ୍ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିବା କହିଥିଲା। ରେଷ୍ଟୋରାଁର ଚୌକି ଟେବୁଲ, ଝରକାରେ ଲାଗିଥିବା କାଚ ଚାରିଆଡ଼େ ଛିନ୍ନଛତର ହୋଇ ପଡ଼ିଥିବା ଦେଖା ଯାଇଥିଲା। ଏହା ପରେ ବିଜେପିର ଦୁଇ ସାଂସଦ ବିସ୍ଫୋରଣ ଉପରେ ସନ୍ଦେହ ପ୍ରକଟ କରିଥିଲେ ଏବଂ ବୋମା ବିସ୍ଫୋରଣ କରାଯାଇଥିବା କହିଥିଲେ। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ବ୍ୟକ୍ତି ପ୍ରାୟ ୧୨ଟା ସମୟରେ ରେଷ୍ଟୋରାଁରେ ଏକ ବ୍ୟାଗ୍ ଛାଡ଼ି ଯାଇଥିଲେ। ଏହାର ଘଣ୍ଟାଏ ପରେ ବ୍ୟାଗ୍‌ରେ ରଖାଯାଇଥିବା ଆଇଇଡିରୁ ବିସ୍ଫୋରଣ ହୋଇଥିଲା। କାଫେରୁ ବ୍ୟାଟେରି, ଅଧା ପୋଡ଼ା ବ୍ୟାଗ୍ ଏବଂ କିଛି ଆଇଇଡି କାର୍ଡ ମିଳିଛି। ଏହି ମାମଲାରେ ରାଜନୀତି ନ କରିବା ପାଇଁ ସେ ବିରୋଧୀଙ୍କୁ ଅନୁରୋଧ କରିଛନ୍ତି। ଆଗକୁ ଏପରି ନ ହେବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି। ରାଜ୍ୟର ଗୃହମନ୍ତ୍ରୀ କହିଛନ୍ତି ଯେ ଏବେ ମାମଲାର ତଦନ୍ତ ଜାରି ରହିଛି। ପୁଲିସ ବେଆଇନ କାର୍ଯ୍ୟକଳାପନିରୋଧିଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଏବେ ଫରେନସିକ ରିପୋର୍ଟକୁ ଅପେକ୍ଷା କରାଯାଇଛି।

ବ୍ୟାଗ୍ ଛାଡ଼ି ଯାଇଥିଲା ଜଣେ ବ୍ୟକ୍ତି

ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ

ଅନ୍ୟପକ୍ଷରେ ବିଜେପି ସାଂସଦ ତେଜସ୍ୱୀ ସୁର୍ଯ୍ୟା ଏହି ମାମଲାରେ ସରକାରଙ୍କ ନିଶାଣ କରିଛନ୍ତି। ସେ କାଫେ ମାଲିକଙ୍କ ସହ କଥା ହୋଇଥିବା ଉଲ୍ଲେଖ କରିଛନ୍ତି। ଏହି ବିସ୍ଫୋରଣ ଉପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଦ୍ୱିପହର ଗୋଟାଏ ସମୟରେ ଜୋରଦାର ବିସ୍ଫୋରଣ ହୋଇଥଇଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ଚାରିଆଡେ କଳା ଧୂଆଁ ଦେଖିବାକୁ ମିଳିଥିଲା। ବିସ୍ଫୋରଣ ସମୟରେ କାଫେରେ ୩୫-୪୦ ଲୋକ ଥିଲେ।

ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ **ରାଜଭବନରେ ଦିଦିଙ୍କୁ ଭେଟିଲେ ମୋଦୀ**

ସନ୍ଦେଶଖାଲି ଅଭିଯୁକ୍ତଙ୍କୁ ବଞ୍ଚାଇବାକୁ ଚାହିଁଥିଲା ଟିଏମ୍‌ସି

କୋଲକାତା,୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏଠାରେ ଏକ ଜନସଭାରେ କହିଛନ୍ତି, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଓ ବହୁ ଲୋକଙ୍କ ଜମି ହଡ଼ପ ଅଭିଯୋଗରେ ଗିରଫ ହୋଇଥିବା ତୃଣମୂଳ କଂଗ୍ରେସ(ଟିଏମସି) ନେତା ଶାହାଜାହାଁ ଶେଖଙ୍କୁ ଖସାଇ

ଦେବା ପାଇଁ ରାଜ୍ୟର ମମତା ସରକାର ଯଥାସାଧ୍ୟ ଉଦ୍ୟମ କରିଥିଲେ। ସନ୍ଦେଶଖାଲିରେ ମହିଳା ନିର୍ଯ୍ୟାତିତ ହେଉଛନ୍ତି। ମମତା ବାନାର୍ଜୀ କେତେଖଣ୍ଡ ଭୋଟ ପାଇଁ ଅପରାଧୀକୁ ସୁରକ୍ଷା ଦେଉଛନ୍ତି ଯେତେବେଳେ କି କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଅଂଶୀଦାରମାନେ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ଭଳି ରହିବାକୁ ଉଚିତ ମଣିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆକ୍ଷେପ କରିଛନ୍ତି। ସେ କହିଛନ୍ତି, 'ସନ୍ଦେଶଖାଲିର ଘଟଣାରେ ସମଗ୍ର ଦେଶ ଦୁଃଖୀ ହୋଇଛି। ମା', ମାଟି ମାନୁଷ କହୁଥିବା ଦଳର କାର୍ଯ୍ୟ ଦେଖି ରାଜା ରାମମୋହନ ରାୟଙ୍କ ଆତ୍ମା ଆଜି କାନ୍ଦୁଥିବ। ନିର୍ଯ୍ୟାତିତାମାନେ ଯେତେବେଳେ ମମତା ଦିଦିଙ୍କୁ ସେମାନଙ୍କ ଦୁଃଖ କହିଲେ, ମମତା କୌଣସି ପ୍ରତିକାର କରିବା ତ ଦୂରର କଥା, ବଙ୍ଗ ଅଭିଯୁକ୍ତ ଶାହାଜାହାଁ ଶେଖର ସୁରକ୍ଷାର ସମସ୍ତ ବନ୍ଦୋବସ୍ତ କରିଛନ୍ତି। ଅଭିଯୁକ୍ତ ଅତ୍ୟନ୍ତ ପ୍ରଭାବଶାଳୀ କାହାରି ସହାୟତା ପାଉନଥିଲେ ପ୍ରାୟ ଦୁଇ ମାସ କିପରି ଆଇନର ପଞ୍ଜାରୁ ଖସି ରହିପାରିଲା।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସନ୍ଧ୍ୟାରେ ରାଜଭବନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଏଠାରୁ ବାହାରିବା ପରେ ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଦିଦି କହିଛନ୍ତି।

ମହାଦେବ ବେଟିଂ ଆପ୍ ମାମଲା

୫୮୦ କୋଟି ଟଙ୍କାର ଷ୍ଟକ୍ ଜବତ

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ଦୁବାଇରୁ ସଞ୍ଚାଳିତ ମହାଦେବ ଅନ୍ ଲାଇନ୍ ବେଟିଂ ବୁକ୍ ମାମଲାରେ ୬୦୦୦କୋଟି ଟଙ୍କାର ଅବୈଧ ଆୟ ଓ ମନିଲଣ୍ଡରିଂର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଆଜି(ଶକ୍ରବାର) କୁହାଯାଇଛି ଯେ ଅନଲାଇନ ଜୁଆ ଖେଳ(ବେଟିଂ) ଭଳି ଆର୍ଥିକ ଅପରାଧରୁ ଅର୍ଜିତ ୫୮୦ କୋଟି ୭୮ଲକ୍ଷ ଟଙ୍କା ହାୱାଲା ଜରିଆରେ ବିଦେଶକୁ ପଠାଯାଇଥିଲା । ସେହି ଅର୍ଥ ବିଦେଶରେ ଥିବା ବିଭିନ୍ନ ନକଲି ବା ନାମମାତ୍ର(ସେଲ) କମ୍ପାନୀର ଆକାଉଣ୍ଟରେ ଜମା କରାଯାଇ ତାହାକୁ ଫରେନ୍ ପୋର୍ଟଫୋଲିଓ ଇନଭେଷ୍ଟମେଣ୍ଟ(ଏଫପିଆଇ) ଭାବେ ଭାରତୀୟ ଷ୍ଟକ୍ ମାର୍କେଟରେ ନିବେଶ କରାଯାଇଛି। ଦୁବାଇରେ ରହି ହାୱାଲା କାରବାର ଚଳାଉଥିବା ହରିଶଙ୍କର ଟିବ୍ରିୱାଲ ସେହି ଏଫପିଆଇର ଅନ୍ତିମ ଲାଭାର୍ଥୀ ବୋଲି ଯାଞ୍ଚରୁ ଜଣାପଡ଼ିବା ପରେ ଇଡି ବର୍ତ୍ତମାନ ମନି ଲଣ୍ଡରିଂ ନିରୋଧ ଆଇନ-୨୦୦୨ ଅନୁଯାୟୀ ଉକ୍ତ ୫୮୦କୋଟି ୭୮ଲକ୍ଷ ଟଙ୍କାର ଷ୍ଟକ୍ ନିବେଶକୁ ଅଚଳ(ଫ୍ରିଜ)କରିଛି। ବୁଧବାର ଦିନ ଇଡି ପକ୍ଷରୁ ମହାଦେବ ଅନ୍ ଲାଇନ୍ ବେଟିଂ ବୁକ୍ ମାମଲାରେ ସନ୍ଦିଗ୍ଧ କୋଲକାତା, ଗୁରୁଗ୍ରାମ, ଦିଲ୍ଲୀ, ଇନ୍ଦୋର ଓ ରାୟପୁରର ଅନେକ ଠିକଣାରେ ଚଢ଼ଉ ଓ ଖାନତଲାସ କରାଯାଇ ୧କୋଟି ୮ଲକ୍ଷଟଙ୍କା ନଗଦ ଓ ୧କୋଟି ୭୮ଲକ୍ଷ ଟଙ୍କାର ଅଳଙ୍କାର ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଛି। ଏଥିପୂର୍ବରୁ ଇଡି ଏହି ବେଆଇନ ବେଟିଂ ଓ ମନିଲଣ୍ଡରିଂ ମାମଲାରେ ୫୭୨ କୋଟି ୪୧ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଜବତ କରିଥିବାରୁ ୫୮୦କୋଟି ୭୮ଲକ୍ଷ ଟଙ୍କାର ଷ୍ଟକ୍ ନିବେଶକୁ ଫ୍ରିଜ କରାଯିବା ପରେ ଏହି ମାମଲାରେ ଏଯାବତ ମୋଟ ୧୨୯୬ କୋଟି ୫ଲକ୍ଷ ଟଙ୍କାର ଷ୍ଟକ୍, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତଥା ନଗଦ (କ୍ୟାସ) ଜବତ ହେଲାଣି। ଅନ୍ୟପକ୍ଷରେ ଇଡି ଆପ୍‌ର ମୁଖ୍ୟ ଅପରେଟର ଗିରୀଶ ତଲରେଜାକୁ ଭୋପାଳରୁ ଗିରଫ କରିଛି।

ନେତାଙ୍କ କାନ୍ଧରେ ଚିପ୍ ଲଗାଇବୁ କି: ସିଜେଆଇ

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ବେଞ୍ଚରେ ଆଜି ପହଞ୍ଚିଥିଲା ଏକ ବିଚିତ୍ର ଆବେଦନ। ସୁରିନ୍ଦର କୁନ୍ଦ୍ରା ନାମକ ବ୍ୟକ୍ତି ଆବେଦନ କରିଥିଲେ ଯେ ସମସ୍ତ ସାଂସଦ ଓ ବିଧାୟକଙ୍କୁ ଡିଜିଟାଲୀ ମନିଟର କରାଯିବାର ବ୍ୟବସ୍ଥା ପାଇଁ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ। ସିଜେଆଇ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ, କ'ଣ ସମସ୍ତ ସାଂସଦ ଓ ବିଧାୟକଙ୍କ କାନ୍ଧରେ ମାଇକ୍ରୋଚିପ୍ ଖଞ୍ଜିଦେବା? ସାଂସଦ ଓ ବିଧାୟକମାନଙ୍କର ବି ଗୋପନୀୟତାର ଅଧିକାର ରହିଛି। କିପରି ସେମାନଙ୍କୁ ଡିଜିଟାଲୀ ମନିଟର କରିହେବ? ଏଭଳି ଅଜବ ପିଟିସନ୍ ଆଣି ଅଦାଲତଙ୍କ ସମୟ ନଷ୍ଟ କରିଥିବାରୁ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିପାରେ। ତେବେ ତୁମକୁ ଜରିମାନା କରାଯାଉନାହିଁ ବୋଲି କହି ସିଜେଆଇ ପିଟିସନକୁ ନାକଚ କରିଥିଲେ।

ସମ୍ପୂର୍ଣ୍ଣ ମଣିପୁରରେ ଆଫସ୍ପା ଲଗାଇବାକୁ ପ୍ରସ୍ତୁତି

ଇମ୍ଫାଲ, ୧।୩ (ଏଜେନ୍ସି): ମଣିପୁର ପୁଲିସ କର୍ମଚାରୀ ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିବା ପରେ ରାଜ୍ୟର ସ୍ଥିତି ପୁଣି ଉତ୍ତେଜନାପୂର୍ଣ୍ଣ ହୋଇଯାଇଛି। ଇମ୍ଫାଲ ଭ୍ୟାଲି ଏବଂ ଏହାର ଆଖପାଖରେ ସ୍ଥିତି ବିଗଡିବାରେ ଲାଗିଛି। ଏହି ସବୁ ଅଞ୍ଚଳ ଆଫସ୍ପା କାର୍ଯ୍ୟକାରୀ ହେଉ ନ ଥିବା ୧୯ ଥାନା ଅଧିନରେ ରହିଛି। ଏପରି ସମୟରେ ସରକାର ସାରା ରାଜ୍ୟରେ ଆଫସ୍ପା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂହଙ୍କ ସହ ବୈଠକ ପରେ ୬ ହିଂସାଗ୍ରସ୍ତ ଜିଲ୍ଲାର ଜିଲ୍ଲାପାଳ ଶାନ୍ତି ପ୍ରତିଷ୍ଠା ଲାଗି ଆସାମ ରାଇଫଲ୍ସ ଏବଂ ସେନା ମାଗିଛନ୍ତି। ଏଗୁଡିକ ମଧ୍ୟରେ ଥାଉବାଲ, କାଙ୍ଗପୋକପି, ଚୁରାଚାନ୍ଦପୁର, ବିଷ୍ଣୁପୁର, ଟେଙ୍ଗୋନପୋଲ ସାମିଲ ରହିଛି। ୫ ତାରିଖ ସୁଦ୍ଧା ସେନା ମୁତୟନ କରିବାକୁ ପ୍ରଶାସନ ଦାବି କରିଛି।

ହିମାଚଳ ସରକାରରୁ ଟଳିନି ସଙ୍କଟ

ସିମଲା, ୧।୩ (ଏଜେନ୍ସି): ହିମାଚଳ ପ୍ରଦେଶ ସରକାରରେ ଦେଖା ଯାଇଥିବା ସଙ୍କଟର ସମାଧାନ ପାଇଁ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରୁଙ୍କୁ ରାଜ୍ୟକୁ ପଠା ଯାଇଥିଲା। ସେ ଗୁରୁବାର ସରକାରରେ ଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି କହିଥିଲେ। ମାତ୍ର ଏହାର ଦିନକ ପରେ ଶୁକ୍ରବାର ପୁଣି ଛକାପଞ୍ଜା ଆରମ୍ଭ ହୋଇଗଲାଣି। ଏହାକୁ ଦେଖିଲେ ସରକାରଙ୍କ ଉପରୁ ସଙ୍କଟ ଟଳି ନାହିଁ ବୋଲି ଜଣାପଡୁଛି। ସୂଚନା ଅନୁଯାୟୀ ଆଜି ସଚିବାଳୟରେ କ୍ୟାବିନେଟ ବୈଠକ ଚାଲିଥିଲା। ଏହି ସମୟରେ ହଠାତ୍ ମୁଖ୍ୟମନ୍ତ୍ରୀ ବୈଠକକୁ ସ୍ଥଗିତ କରି ଦେଇଥିଲେ। ପରେ ଅନ୍ୟମନ୍ତ୍ରୀଙ୍କ ସହ ସଙ୍ଗେ ସଙ୍ଗେ ବିଧାନସଭାକୁ ଚାଲି ଯାଇଥିଲେ। ଏଠାରେ ଅଯୋଗ୍ୟ ଘୋଷଣା କରାଯାଇଥିବା ବିଧାୟକଙ୍କୁ ନେଇ ଚର୍ଚ୍ଚା ହୋଇଥିବା କୁହାଯାଉଥିବାବେଳେ ସ୍ଥିତି ଅନ୍ୟ କିଛି ସୂଚାଉଛି।

ତମାଖୁ କମ୍ପାନୀର ୨୦ ଜାଗାରେ ଚଢ଼ଉ

ମିଳିଲା ୧୦୦ କୋଟିର କାର୍, ୫ କୋଟି ଟଙ୍କା

କାନପୁର, ୧।୩ (ଏଜେନ୍ସି): ତମାଖୁ କମ୍ପାନୀ ବଂଶାଧର 'ଏକ୍ସପୋର୍ଟ୍ସ ପ୍ରାଇଭେଟ' ଲିମିଟେଡ'ର କାନପୁର ସ୍ଥିତି ମୁଖ୍ୟାଳୟରେ ଆୟକର ବିଭାଗ ଚଢ଼ଉ କରିଛି। କମ୍ପାନୀର ଦିଲ୍ଲୀ, ମୁମ୍ବାଇ, ଗୁଜରାଟ ସମେତ ୨୦ ଠିକଣାରେ ଚଢ଼ଉ କରାଯାଇଛି। ଗୁରୁବାର ଆରମ୍ଭ ହୋଇଥିବା ଏହି ଚଢ଼ଉ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କମ୍ପାନୀ ମାଲିକ କେକେ ମିଶ୍ରାଙ୍କ ଦିଲ୍ଲୀ ସ୍ଥିତ କୋଠାରୁ ୧୦୦ କୋଟିରୁ ଅଧିକ ଟଙ୍କାର କାର୍ ମିଳିଛି। ଏଥିରେ ୬୦ କୋଟିରୁ ଅଧିକ ଟଙ୍କାର ବିଳାସପୂର୍ଣ୍ଣ ଗାଡ଼ି ସାମିଲ ରହିଛି। ଏହି ଗାଡ଼ି ମଧ୍ୟରେ ରୋଲ୍ସ-ରୟସ, ଫ୍ୟାଣ୍ଟମ, ଲାମ୍ବୋର୍ଘିନି, ଫେରାରି, ମ୍ୟାକଲରେନ ସାମିଲ ରହିଛି। ସେହିପରି ୧୦୦ କୋଟିରୁ ଅଧିକ ଟଙ୍କାର ଟିକସ ଚୋରି ସାମ୍ନାକୁ ଆସିଛି। ଏହା ସହିତ ୫ କୋଟି ଟଙ୍କା ଏବଂ କୋଟି କୋଟି ଟଙ୍କାର ବେନାମି ସମ୍ପତ୍ତି ମିଳିଛି। ଆୟକର ବିଭାଗର ସୂଚନା ଅନୁଯାୟୀ କମ୍ପାନୀ କାନପୁରର ପ୍ରମୁଖ ଗୁଟଖା କମ୍ପାନୀଙ୍କୁ ମାଲ୍ ଦେଉଥିଲା। ଏହି କମ୍ପାନୀ କେବଳ ୨୦ରୁ ୨୫ କୋଟି ଟଙ୍କାର କାରବାର ଦେଖାଇ ଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ୧୫୦ କୋଟି ଟଙ୍କାର କାରବାର ସାମ୍ନାକୁ ଆସିଲାଣି। ଜାଲ କମ୍ପାନୀ ବନାଇ ନକଲି ଚେକ୍ କ

ଟେଲିଭିଜନ୍ ହେଉଛି ମନୋରଞ୍ଜନର ଏପରି ଏକ ମାଧ୍ୟମ, ଯାହା ଏକା ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ହସାଏ, କିନ୍ତୁ ନିଜେ ଏକାକୀତ୍ୱର ଯାତନା ସହେ।
- ଟି ଏସ୍ ଇଲିଅଟ୍

ସକାଳ
THE SAKALA

ଅର୍ଥକରୀ ଫସଲ ଚାଷକୁ ଗୁରୁତ୍ୱ ଦିଆଯାଉ

ଆବୁଧାବିରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ର କୃଷିକ୍ଷେତ୍ର ସହାୟତା ସଂକ୍ରାନ୍ତ ଆଲୋଚନା ଜାରି ରହିଥିବା ବେଳେ ଭାରତରେ ଚାଷୀମାନେ ନିଜର ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି। ଡବ୍ଲୁଟିଓ ଆଲୋଚନାରେ ଭାରତ ବିଭିନ୍ନ ଫସଲର ସରକାରୀ ମହଜୁଦ ପରିମାଣର ସୀମା ନିର୍ଦ୍ଧାରଣ ଓ ସୀମାଶୁଳ୍କ ଛାଡ଼ ସୀମା ବୃଦ୍ଧି ନୀତିର ସମୟ ସୀମା ଆଉ ବୃଦ୍ଧି ନ କରିବାକୁ ଚାହିଁ ଏହା ଉପରେ ଏକ ସମାଧାନ ସୂତ୍ର ବାହାର କରିବାକୁ ଚାପ ପ୍ରୟୋଗ କରୁଛି। ବିଶ୍ୱ ବାଣିଜ୍ୟ ସଂଗଠନର ଅନେକ ନିୟମ ଏବେ ପରିବର୍ତ୍ତିତ ସମୟର ଆବଶ୍ୟକତା ପୂରଣ କରୁନାହିଁ। କୃଷିକ୍ଷେତ୍ର ପାଇଁ କେତେ ରିହାତି ଦିଆଯିବା ଉଚିତ, ଗୋଟିଏ ଦେଶ ତାହାର ଚାଷୀଙ୍କଠାରୁ କେତେ ପରିମାଣର ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଫସଲ ସଂଗ୍ରହ କରି ମହଜୁଦ ରଖିପାରିବ; ଗୋଟିଏ ଦେଶ କେତେ କୃଷିଜାତ ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି କରିବ, ଚାଷୀ କେତେ ରିହାତି ବା ସହାୟତା ପାଇବେ ତାହା ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟ ଆଇନର ଗଣ୍ଡି ଭିତରେ ସୀମାବଦ୍ଧ ହୋଇ ରହିବା ସମ୍ଭବ ନୁହେଁ। ଭାରତ ଚାଷବାସ ଓ ଇ-କମର୍ସ କ୍ଷେତ୍ରରେ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମରେ କିଛି ସଂସ୍କାର ଓ ରିହାତି ଲୋଡୁଛି। ଚୀନ୍ ସମେତ ୧୨୦ ଦେଶ ମଧ୍ୟ ବିଶ୍ୱ ବାଣିଜ୍ୟ ସଂଗଠନର ନୀତି ନିୟମରେ ପରିବର୍ତ୍ତନ ଚାହୁଁଛନ୍ତି। ତେବେ ଆମେରିକା ଓ ୟୁରୋପର ଧନାଢ୍ୟ ତଥା ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କ ବିରୋଧ ଯୋଗୁଁ ଏ କ୍ଷେତ୍ରରେ କୌଣସି ସମାଧାନ ସୂତ୍ର ବାହାରି ପାରୁନାହିଁ।

ଭାରତ ଭଳି ଜନବହୁଳ ଦେଶ ନିଜର ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତାର ସୁରକ୍ଷା ପାଇଁ ବିପୁଳ ପରିମାଣର ଖାଦ୍ୟଶସ୍ୟ ମହଜୁଦ କରି ରଖିବାକୁ ଚାହୁଁଛନ୍ତି। କିନ୍ତୁ ଡବ୍ଲୁଟିଓ ନିୟମରେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି। ଅନେକ ପାଶ୍ଚାତ୍ୟ ଦେଶ ଏହାକୁ ଏହି ସୀମା କଟକଣାକୁ ବିରୋଧ କରୁଛନ୍ତି। ତେଣୁ ଏହାକୁ ନେଇ ଆବୁଧାବିରେ ରୀତିମତ ଏକ ଲଢ଼େଇ ଚାଲିଛି ଏବଂ ଆୟୋଜକମାନେ ବୈଠକର ମିଆଦକୁ ଦୁଇଦିନ ବଢ଼ାଇ ଦେଇଛନ୍ତି। ଆଶା କରାଯାଉଛି ଯେ ଭାରତର ଦାବି ଉପରେ କିଛି ଗୋଟେ ସମାଧାନ ସୂତ୍ର ବାହାରିବ।

ଭାରତରେ ବର୍ଷକୁ ବର୍ଷ ଖାଦ୍ୟ ଶସ୍ୟ ଉତ୍ପାଦନ ବଢୁଛି ଏବଂ ଚାଷୀମାନେ ଏହାକୁ ଧାର୍ଯ୍ୟ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ ସରକାରଙ୍କୁ ବିକିବାକୁ ଚାହୁଁଛନ୍ତି। ଚାଷୀ ସଂଗଠନମାନେ ମଧ୍ୟ ଏମ୍ଏସ୍ପିକୁ ସାମ୍ବିଧାନିକ ଗ୍ୟାରେଣ୍ଟି ଦେବାକୁ ଚାହୁଁଛନ୍ତି। ସେମାନେ କିନ୍ତୁ ବୁଝୁନାହାନ୍ତି ଯେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ଏକ ସଦସ୍ୟ। ତେଣୁ ଖାଦ୍ୟ ଶସ୍ୟ ସଂଗ୍ରହ ଓ ମହଜୁଦ ଉପରେ ତା'କୁ ଏହି ଆନ୍ତର୍ଜାତିକ ସଂସ୍କାର ନିୟମ ମାନିବାକୁ ହେବ। ଦ୍ୱିତୀୟତଃ, କୃଷିକ୍ଷେତ୍ରକୁ ରିହାତି, ଏମ୍ଏସ୍ପି ଓ ଚାଷୀଙ୍କୁ ବିଭିନ୍ନ ରିହାତି ଦେବାରେ ସରକାର ମନଇଚ୍ଛା ସବୁ କିଛି କରିପାରିବେ ନାହିଁ। ଏଥିପାଇଁ କିଛି ଆନ୍ତର୍ଜାତିକ ଆଇନ ପ୍ରତିବନ୍ଧକ ସୃଷ୍ଟି କରୁଛି। ସର୍ବୋପରି ଚାଷୀଙ୍କ ସବୁ ଉତ୍ପାଦକୁ ସରକାର ନିର୍ଦ୍ଧାରିତ ଲାଭଜନକ ମୂଲ୍ୟରେ କିଣିବା ଆଦୌ ସମ୍ଭବ ନୁହେଁ। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କେତେକ ଚାଷୀ ସଂଗଠନ ଓ କୃଷକ ନେତା ଏହି ପ୍ରସଙ୍ଗରେ ସରକାରଙ୍କ ସହ ମୂଲଚାଲ କରୁଛନ୍ତି। ସେମାନଙ୍କର ଧାରଣା ନିର୍ବାଚନ ଚାପରେ ସରକାର ହୁଏତ ମୁଣ୍ଡ ନିଆଁଇବେ। ତେବେ ସମ୍ପୃକ୍ତ ଆନ୍ଦୋଳନକାରୀ ଓ ଚାଷୀ ନେତା ବୁଝିପାରୁ ନାହାନ୍ତି ଯେ ସେମାନେ ସମଗ୍ର ଭାରତର ଚାଷୀକୁଳର ପ୍ରତିନିଧିତ୍ୱ କରୁନାହାନ୍ତି। କେବଳ ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶର କିଛି ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦେଶର ଅନ୍ୟଭାଗର ଚାଷୀମାନେ ଏ ଅବାସ୍ତବ ଦାବି ଓ ଆନ୍ଦୋଳନରୁ ଦୂରେଇ ରହି ଆପଣା କାମରେ ବ୍ୟସ୍ତ ଅଛନ୍ତି।

ଏଭଳି ସ୍ଥିତି ଭାରତର 'ନିତି' ଆୟୋଗ ଦେଶରେ ଗହମ ଓ ଧାନର ସଂଗ୍ରହ ନୀତି ଏବଂ ଏମ୍ଏସ୍ପି ବ୍ୟବସ୍ଥାର ସମୀକ୍ଷା କରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଆୟୋଗର ସୁପାରିସ ବାସ୍ତବବାଦୀ ମନେ ହୁଏ। ଆୟୋଗ ପକ୍ଷରୁ କୁହାଯାଇଛି ଦେଶରେ ଏବେ ବିଭିନ୍ନ ପୁଷ୍ଟିକର ଶସ୍ୟ (ନ୍ୟୁଟ୍ରି ସିରିଅଲ୍), ଡାଲି ଓ ତୈଳବୀଜର ଚାହିଦା ବଢ଼ିଛି। ଧାନ ଓ ଗହମ ଆବଶ୍ୟକତାଠାରୁ ବହୁ ଅଧିକ ଉତ୍ପାଦିତ ହେଉଛି। ଏହି ଖାଦ୍ୟ ଶସ୍ୟ ଚାଷ ବ୍ୟୟ ବହୁଳ, ଅଧିକ ପାଣି, ସାର ଓ କୀଟନାଶକ ଲୋଡ଼େ। ଖର୍ଚ୍ଚ ତୁଳନାରେ ଏହାର ଲାଭ କମ୍ ରହେ। ତେଣୁ ଏହା ଉପରେ ଅଧିକ ଏମ୍ଏସ୍ପି ଦେଇ ଏହି ଚାଷକୁ ଉତ୍ପାଦିତ କରାଯାଇ ପାରିବ ନାହିଁ। ଯେତିକି ଦରକାର ଘରୋଇ ଆବଶ୍ୟକତା ପୂରଣ ପାଇଁ ସେତିକି ଉତ୍ପାଦନ କରାଯିବା ଆବଶ୍ୟକ।

ଅପରପକ୍ଷରେ ଖାଉଟିଙ୍କ ଖାଦ୍ୟ ରୁଚି କ୍ରମଶଃ ବଦଳୁଛି। ସେମାନେ ଭାତ ଓ ରୁଟି ପରିବର୍ତ୍ତେ ନ୍ୟୁଟ୍ରି, ସିରିୟଲସ ଯଥା ବିଭିନ୍ନ ପ୍ରକାର ମିଲେଟ୍ସ, ଚଣା, ତୈଳବୀଜ ଓ ଡାଲିଜାତୀୟ ଶସ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ନିତି ଆୟୋଗର ତଥ୍ୟ ଅନୁସାରେ ୨୦୪୭ ଯାଏଁ ଏସବୁ ଫସଲର ଚାହିଦା ବଢ଼ିବ। ଏପରିକି ପିଆଜ, ରସୁଣ ଓ ମସଲା ଜାତୀୟ ଫସଲ ଚାଷ ଏବେ ଅଧିକ ଅର୍ଥକରୀ ସାବ୍ୟସ୍ତ ହେଉଛି। ତେଣୁ ସମୟକ୍ରମେ ଏହା ଉପରେ ସରକାର ଅଧିକ ଏମ୍ଏସ୍ପି ଦେବାକୁ ବାଧ୍ୟ ହୋଇପାରନ୍ତି। ଏହା ଫଳରେ ଧାନ, ଗହମ ଓ ଆଖୁ ଭଳି ବ୍ୟୟବହୁଳ ଫସଲର ଚାଷ କମିବାକୁ ବାଧ୍ୟ ହେବ। ବିଶ୍ୱର ସବୁ ଦେଶରେ କୃଷିକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ଚାଷୀମାନେ ସରକାରଙ୍କଠାରୁ ନାନା ପ୍ରକାର ରିହାତି ଓ ସହାୟତା ମାଗୁଛନ୍ତି। ତେବେ ଏହାର ମଧ୍ୟ ଏକ ସୀମା ରହିଛି। ତାକୁ ଟପିବା ଦେଶର ଅର୍ଥନୀତି ପାଇଁ ସମ୍ଭବ ନୁହେଁ।

ଭାରତ ସରକାର ଦେଶର କୃଷକମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ରାଜକୋଷକୁ ପ୍ରାୟ ଖୋଲି ଦିଆଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତା' ସତ୍ତ୍ୱେ ସରକାରଙ୍କ ଉପରେ ଅଧିକ ଚାପ ପକାଇବା ଅନୁଚିତ। ସରକାର ଏବେ ଚାଷୀଙ୍କୁ ଶସ୍ତା ମୂଲ୍ୟରେ ସାର ଯୋଗାଇବା ପାଇଁ ୨୪୪୨୦ କୋଟି ଟଙ୍କାର ଏକ ରିହାତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଶ୍ୱ ବଜାରରେ ବିଭିନ୍ନ ପ୍ରକାର ରାସାୟନିକ ସାରର ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତ ସରକାର ଆସନ୍ନ ଖରିଫ ଋତୁରେ ଚାଷୀଙ୍କୁ ପୁରୁଣା ମୂଲ୍ୟରେ ସାର ଯୋଗାଇ ଦେବେ। ୨୦୨୪-୨୫ ଖରିଫ ବର୍ଷ ପାଇଁ ଏହି ରିହାତି ଦିଆଯିବ।

ଚାଷୀଙ୍କ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ଆସିଛି। କେନ୍ଦ୍ର ସରକାର ଧାନ ଓ ଗହମର ଏମ୍ଏସ୍ପି ମୂଲ୍ୟ ନିତି ଆୟୋଗର ସୁପାରିସ କ୍ରମେ ସମୀକ୍ଷା କରନ୍ତୁ ବା ନ କରନ୍ତୁ, ଚାଷୀ କିନ୍ତୁ ଚାହିଦା ଥିବା ଅଣଧାନ ଓ ଅଣଗହମ ଅର୍ଥକରୀ ଫସଲ ଅଧିକ ଚାଷ କରି ଲାଭବାନ ହେବାକୁ ଉଦ୍ୟମ କରିବା ଆବଶ୍ୟକ। ଧାନ, ଗହମ ଓ ଆଖୁ ଆଦି ଆବଶ୍ୟକତା ଅନୁସାରେ ଚାଷ ହେଉ ଏବଂ ଅନ୍ୟ ଅର୍ଥକରୀ ଫସଲକୁ ଅଗ୍ରାଧିକାର ଦିଆଯାଉ। ଏହା ସମୟର ଆହ୍ୱାନ। ଏଥର ଖରିଫରୁ ଏ ପ୍ରକ୍ରିୟା ଆରମ୍ଭ ହେଉ।

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ରିଲାଏନ୍ସ-ଡିସନି ମିଶ୍ରଣ ପ୍ରସଙ୍ଗ

ଟିଭି ଓ ଓଟିଟି ଜଗତର ନୂତନ ଯୁଗ

ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଭାରତୀୟ ଟେଲିଭିଜନ ଓ ମନୋରଞ୍ଜନ ଶିଳ୍ପର ତିନି ପ୍ରମୁଖ ସଦସ୍ୟ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍', ଏହାର ପରିଚାଳନାଧୀନ 'ଭାୟାକମ ୧୮ ମିଡିଆ' ଓ ଯୁକ୍ତରାଷ୍ଟ୍ର ଆମେରିକାଭିତ୍ତିକ 'ଦି ୱଲଟ୍ ଡିସ୍ନି କର୍ପୋରେସନ' ୨୮ ଫେବୃୟାରୀ ୨୦୨୪ରେ ବ୍ୟବସାୟ ମିଶ୍ରଣ ନିମନ୍ତେ ଚୁକ୍ତି କରିଥିବା ଘୋଷଣା ହୋଇଛି। ୨୦୨୩ର ଆୟ ବିଚାରକୁ ନେଲେ ରିଲାଏନ୍ସ ଓ ଡିସ୍ନିର ଆୟ ପ୍ରାୟ ୨୩, ୩୨୧ କୋଟି ଟଙ୍କା। 'ବିଜିନେସ ଷ୍ଟାଣ୍ଡାର୍ଡ'ର ତଥ୍ୟ ଅନୁଯାୟୀ, ଭାରତୀୟ ଗଣମାଧ୍ୟମରେ ଏହି ଦୁଇ କମ୍ପାନୀର ମିଳିତ ରାଜସ୍ୱ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗତବର୍ଷ ରାଜସ୍ୱ ଆଦାୟରେ 'ଗୁଗୁଲ ଇଣ୍ଡିଆ' ୨୮, ୦୪୦ ଟଙ୍କା ସହ ପ୍ରଥମ ସ୍ଥାନରେ ଥିବା ବେଳେ ତୃତୀୟ ସ୍ଥାନରେ ଥିବା ମେଟା ୧୮, ୩୦୮ କୋଟି ଟଙ୍କା ରାଜସ୍ୱ ପାଇଥିଲା। ଫେବୃୟାରୀ ୨୦୨୪ର ଚୁକ୍ତି ଅନୁଯାୟୀ, ରିଲାଏନ୍ସ ଓ ଡିସ୍ନିର ମିଶ୍ରଣ ସୁଚାରୁ ରୂପେ କାର୍ଯ୍ୟକାରୀ ହେଲେ ସର୍ବବୃହତ ଟେଲିଭିଜନ ପ୍ରତିଷ୍ଠାନର ମାନ୍ୟତା ଲାଭ କରିବ।

କରୋନା ମହାମାରୀ ପରବର୍ତ୍ତୀ ପରିବେଶରେ ମାଦା ବ୍ୟବସାୟକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ମଞ୍ଚଗୁଡିକର ମିଶ୍ରଣ ଅବଶ୍ୟମ୍ଭାବୀ। ଏକପକ୍ଷରେ ଟେଲିଭିଜନ ମଞ୍ଚରେ ବିଜ୍ଞାପନ ରାଜସ୍ୱ କ୍ରମାଗତଭାବେ କମି ଚାଲିଥିବା ତଥା ଭବିଷ୍ୟତରେ ମଧ୍ୟ ଅନୁରୂପ ଧାରା ବଳବତ୍ତର ରହିବା ଆକଳନ କରାଯାଉଥିବା ବେଳେ ଅପରପକ୍ଷରେ ଡିଜିଟାଲ ମଞ୍ଚର ବିକାଶ ନିମନ୍ତେ ଅର୍ଥ ଆବଶ୍ୟକ ପଡୁଛି। ଏହି ଗୋଲକଧନ୍ଦାରୁ ମୁକ୍ତି ପାଇବା ନିମନ୍ତେ ଗଣମାଧ୍ୟମ ମଞ୍ଚଗୁଡିକ ମିଶ୍ରଣକୁ ଗୁରୁତ୍ୱ ଦେଉଛନ୍ତି। ଆଲୋଚ୍ୟ ଚୁକ୍ତି ଘୋଷଣା ପୂର୍ବରୁ ଜାପାନର ସୋନୀ କର୍ପୋରେସନ ଓ ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜ ମିଶ୍ରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ବ୍ୟବସାୟ ପରିଚାଳନା ମତଭେଦ ହେତୁ ସେଥିରେ ଅଗ୍ରଗତି ଘଟି ନଥିଲା।

ରିଲାଏନ୍ସ-ଡିସନି ବୁଝାମଣା ଅନୁଯାୟୀ ମିଶ୍ରଣ ପରେ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍'ର ୧୬.୩୪ ପ୍ରତିଶତ, ରିଲାଏନ୍ସ ପରିଚାଳନାଧୀନ 'ଭାୟାକମ୧୮'ର ୪୬.୮୨ ପ୍ରତିଶତ ଏବଂ 'ଡିସନି'ର ୩୬.୮୪ ପ୍ରତିଶତ ଅଂଶଧନ ରହିବ। ରିଲାଏନ୍ସର 'ନେଟୱାର୍କ୧୮', 'ଭାୟାକମ୧୮' ଓ 'ଡିସନି' ମିଶ୍ରଣରେ କଲର୍ସ, ଷ୍ଟାରପ୍ଲସ, ଷ୍ଟାର ଗୋଲଡ୍ ଭଳି ମନୋରଞ୍ଜନ ତଥା ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ୧୮ ଭଳି କ୍ରୀଡ଼ା ଚ୍ୟାନେଲ ସାଙ୍ଗକୁ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଷ୍ଟ୍ରିମିଂ ମଞ୍ଚ ଏକତ୍ର ପରିଚାଳିତ ହେବ। ମିଳିତଭାବେ ଭାରତରେ ପ୍ରାୟ ୭୫ କୋଟି ଉପଭୋକ୍ତାଙ୍କ ନିକଟରେ ପହଞ୍ଚି ପାରିବ। ରିଲାଏନ୍ସ-

ଡିସନି ମିଶ୍ରଣକୁ ପ୍ରାୟ ସତୁରି ହଜାର କୋଟି ଟଙ୍କା ମୂଲ୍ୟାୟନ କରାଯାଉଛି।

ରିଲାଏନ୍ସ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ-ଡିସନିର ମିଶ୍ରଣ ପରେ ଉଦୟ ଶଙ୍କର ଉପସଭାପତି ରୂପେ ଅବସ୍ଥାପିତ ହୋଇ କାର୍ଯ୍ୟଭାର ତୁଲାଇବେ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଆମ୍ବାନୀଙ୍କ ପତ୍ନୀ ନୀତା ଆମ୍ବାନୀ ଅଧ୍ୟକ୍ଷ ପଦରେ ରହିବେ। ଭାରତୀୟ ଟେଲିଭିଜନ ଇତିହାସ ପୃଷ୍ଠାରେ ଉଦୟ ଶଙ୍କର ଏକ ଚର୍ଚ୍ଚିତ ନାମ। ସେ 'ଷ୍ଟାର ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ୨୦୦୭ରୁ ୨୦୨୦ ଯାଏଁ କାର୍ଯ୍ୟ କରିଥିଲେ। କୁହାଯାଏ ଯେ ୨୦୦୭ରେ ଷ୍ଟାର ଇଣ୍ଡିଆର ଆୟ ୧, ୬୦୦ କୋଟି ଟଙ୍କା ଥିବା ବେଳେ ୨୦୧୮ରେ ୧୮, ୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା। ଏହାର ଶ୍ରେୟ ଉଦୟ ଶଙ୍କରଙ୍କ ପରିଚାଳନା ଚାତୁର୍ଯ୍ୟକୁ ଯାଏ। ଉଦୟ ଶଙ୍କର ୨୦୨୪ରେ ୬୧ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଦେଶର ଦ୍ୱିତୀୟ ବୃହତ ଗଣମାଧ୍ୟମ ସଂସ୍ଥାକୁ ସେ କିପରି ଚଳାଇବେ ତାହା ସମୟ କହିବ। ତେବେ ରିଲାଏନ୍ସ ମାଲିକାନାରେ ମହାମାରୀ ପରବର୍ତ୍ତୀ ପରିବେଶରେ ଡିଜିଟାଲ ମଞ୍ଚର ଆଦର ବଢୁଥିବା ଏବଂ ଟେଲିଭିଜନ ବିଜ୍ଞାପନ ଆୟ ଶିଥିଳ ପଡ଼ିଆସୁଥିବା ଅର୍ଥନୀତି ପ୍ରତି ଗଣମାଧ୍ୟମ ସମୀକ୍ଷକମାନେ ତୀକ୍ଷଣ ଦୃଷ୍ଟି ରଖିବେ। କେତେକ ଆଶା କରୁଛନ୍ତି ରିଲାଏନ୍ସ ଡିଜିଟାଲ ମଞ୍ଚ ପ୍ରତି ଗୁରୁତ୍ୱାରୋପ କରିବ। କୃତ୍ରିମ ବୁଦ୍ଧିମତ୍ତା ଭଳି ପ୍ରଯୁକ୍ତି କୌଶଳ ଉପଯୋଗରେ ଦର୍ଶକଙ୍କ ରୁଚିକେନ୍ଦ୍ରିକ ପ୍ରଦର୍ଶନ ପ୍ରତି ଧ୍ୟାନ ଦିଆଯିବ। ବିଜ୍ଞାପନ ବଦଳରେ ଗ୍ରାହକ ଦେୟ ରାଜସ୍ୱର ମୁଖ୍ୟ ସୂତ୍ର ପାଲଟିବ।

ଟେଲିଭିଜନ ଦର୍ଶକମାନଙ୍କ ରୁଚି କ୍ରମଶଃ ବଦଳିବାରେ ଲାଗିଛି। ଅଧିକ ସଂଖ୍ୟକ ସ୍ମାର୍ଟ ଟେଲିଭିଜନ ବ୍ୟବହାର ପରେ ଓଟିଟି ମଞ୍ଚର ଆଦର ବଢ଼ିଛି। ରିଲାଏନ୍ସ ହାତରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଆପ ଥିବା ହେତୁ ସେହି ମଞ୍ଚଗୁଡ଼ିକର ଗୁଣାତ୍ମକ ଅଭିବୃଦ୍ଧି ପ୍ରାଧାନ୍ୟ ପାଇପାରେ। ଆଲୋଚ୍ୟ ମିଶ୍ରଣରେ ରିଲାଏନ୍ସର ୫୮ ଗୋଟି ଚ୍ୟାନେଲ ସହ ଡିସନିର ଷ୍ଟାର ପ୍ଲସ ସହ ୭୦ ଗୋଟି ଚ୍ୟାନେଲ ସାମିଲ ହେବେ। ଏହାର ଦର୍ଶକ ସଂଖ୍ୟା ସମଗ୍ର ଦେଶର ମୋଟ ଟେଲିଭିଜନ ଦର୍ଶକ ସଂଖ୍ୟାରେ ୩୨ ପ୍ରତିଶତ ଯାଏଁ ସମ୍ପ୍ରସାରିତ ହେବ।

ବ୍ୟାବସାୟିକ ଦିଗରୁ ଗଣମାଧ୍ୟମ ମଞ୍ଚଗୁଡ଼ିକର ଏକତ୍ରୀକରଣ ବାଧ୍ୟବାଧକତାରେ ପରିଣତ ହୋଇଥିବା ବେଳେ ଏହି ବ୍ୟବସ୍ଥା ଗଣତନ୍ତ୍ର ପ୍ରତି ବିପଦର କାରଣ ରୂପେ ବିଚାର କରାଯାଏ। ଏକକ ମାଲିକାନା ଗଣମାଧ୍ୟମ ସ୍ୱାଧୀନତାର ପରିପନ୍ଥୀ। ବିବିଧତା ଗଣତନ୍ତ୍ରକୁ ପରିପୁଷ୍ଟ କରିଥାଏ। କିନ୍ତୁ ଏକତ୍ରୀକରଣ ଧ୍ୱନିକରଣ ଦିଗରେ ଗତି କରିପାରେ। ଆଲୋଚ୍ୟ ଯୌଥ ଉଦ୍ୟୋଗରେ ରିଲାଏନ୍ସ ୧୧, ୫୦୦ କୋଟି ଟଙ୍କା ନିବେଶ କରିବା ସୂଚିତ ହୋଇଛି। ଏତେ ପରିମାଣର ଆର୍ଥିକ କ୍ଷମତା ପ୍ରତିଯୋଗୀ ଚ୍ୟାନେଲଗୁଡ଼ିକ ନିମନ୍ତେ ବ୍ୟବସାୟରେ ବିଘଟନର କାରଣ ପାଲଟିପାରେ।

ହିନ୍ଦୀ ସମେତ ମରାଠୀ ଓ କନ୍ନଡ଼ ଭଳି ଆଞ୍ଚଳିକ ଭାଷାରେ ଉଭୟ 'ଭାୟକମ୧୮' ଓ 'ଡିସନି ଷ୍ଟାର' ଟେଲିଭିଜନ ଚ୍ୟାନେଲଗୁଡ଼ିକର ଲୋକାଦୃତି ରହିଛି। 'ଭାୟାକମ୧୮' ଓଡ଼ିଆ ସମେତ ଆଠଗୋଟି ଆଞ୍ଚଳିକ ଭାଷାରେ ଚ୍ୟାନେଲ ପ୍ରସାରିତ ହେଉଛି। ସେହିପରି 'ଡିସନି'ର ମଧ୍ୟ ଆଠଗୋଟି ଆଞ୍ଚଳିକ ଭାଷାରେ ଟେଲିଭିଜନ ଚ୍ୟାନେଲ ଉପଲବ୍ଧ। ଆଲୋଚ୍ୟ ମିଶ୍ରଣରେ ଆଞ୍ଚଳିକ ଭାଷାର ଚ୍ୟାନେଲଗୁଡ଼ିକର ଆର୍ଥିକ ନିବେଶ ବୃଦ୍ଧି ହେଲେ ଗୁଣାତ୍ମକ ବିକାଶ ଆଶା କରାଯାଇପାରେ। ରିଲାଏନ୍ସ-ଡିସନି ମିଶ୍ରଣ ପରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଦୁଇଗୋଟି ଓଟିଟି ମଞ୍ଚ ଜିଓ ଗ୍ରାହକମାନଙ୍କୁ ମାଗଣା ମିଳିପାରେ। ହିସାବ ଅନୁଯାୟୀ ଡିସନି-ହଟଷ୍ଟାର ୩ କୋଟି ୮୩ ଲକ୍ଷ ଓ ଜିଓ ସିନେମା ୨ କୋଟି ୩୭ ଲକ୍ଷ ଉପଭୋକ୍ତା ରହିଛନ୍ତି।

ରିଲାଏନ୍ସ-ଡିସନି ମିଶ୍ରଣ ପର୍ବ ୨୦୨୪ ଶେଷ କିମ୍ବା ୨୦୨୫ ଆରମ୍ଭ ସୁଦ୍ଧା ସାରିବା ଲକ୍ଷ୍ୟ ରଖାଯାଇଥିବା ଜଣାଯାଏ। ଭାରତରେ ଗଣମାଧ୍ୟମ ପରିସରରେ ଏକ ଶକ୍ତିଶାଳୀ ମଞ୍ଚ ଆବିର୍ଭାବରେ ପ୍ରତିଯୋଗୀ ମଞ୍ଚଗୁଡ଼ିକର ବ୍ୟାବସାୟିକ ଢାଞ୍ଚା ପରିବର୍ତ୍ତନ ଆବଶ୍ୟକ କରିବ। ଅପରପକ୍ଷରେ ଏକତ୍ରୀକରଣ ଓ ଧ୍ୱନିକରଣ ଦର୍ଶକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆନଯାଇପାରେ। ଜିଓ ଫୋନ ଉପଭୋକ୍ତାମାନଙ୍କୁ ଜିଓ ସିନେମା ଓ ଡିସନୀ ହଟଷ୍ଟାର ମାଗଣାରେ ସେବା ପ୍ରଦାନ କରାଗଲେ ପ୍ରତିଯୋଗୀ ଛୋଟ ଓଟିଟି ମଞ୍ଚଗୁଡ଼ିକୁ ନିଜ କାର୍ଯ୍ୟକ୍ରମର କିଛି ଅଂଶ ମାଗଣାରେ ଦର୍ଶକ ମହଲରେ ଉପଲବ୍ଧ କରାଇବା ବାଧ୍ୟବାଧକତାରେ ପରିଣତ ହୋଇପାରେ। ରିଲାଏନ୍ସ-ଡିସନି ମିଶ୍ରଣ ଭାରତୀୟ ଗଣମାଧ୍ୟମ ପରିବେଶରେ ପରିବର୍ତ୍ତନର ସୁଦୂରପ୍ରସାରୀ ପ୍ରଭାବ ଆଶା କରାଯାଇପାରେ।

ଲୋକମତ

ବାଇକ୍ ରାଲିରେ ନିୟମାବଳୀ

ଆଗକ

ଆଜିର ରାଶିଫଳ

ମେଷ: ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଶୁଭ। ଅଫିସ୍‌ରେ ପ୍ରଶଂସିତ ହୋଇପାରନ୍ତି। ବ୍ୟକ୍ତିଗତ ଜୀବନରେ କୌଣସି ସମସ୍ୟାର ସରଳ ସମାଧାନ କରିପାରିବେ। ଅଯଥା କଳି ଝଗଡାରୁ ବଞ୍ଚି ରୁହନ୍ତୁ।

ବୃଷ: ମନ ଚାହୁଁଥିବା କାର୍ଯ୍ୟ କରିବେ। କୋର୍ଟ କଚେରୀ ମାମଲାରୁ ବିଜୟ ଲାଭ କରିବେ। ଯେକୌଣସି ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଧ୍ୟାନ ଦିଅନ୍ତୁ।

ମିଥୁନ: ସମସ୍ତ ବାଧାବିଘ୍ନ ଦୂର ହେବ। ସାମାଜିକ ମାନ ସମ୍ମାନ ବୃଦ୍ଧି ପାଇବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାର ଲୋକଙ୍କ ସହଯୋଗ ରହିବ। ଜମି ଜମା ବିବାଦରୁ ଦୂରେଇ ରୁହନ୍ତୁ।

କର୍କଟ: ଆଜିର ଦିନଟି ସବୁଠୁ ଭଲ। ଅଚାନକ ଧନ ପ୍ରାପ୍ତି ହେବ। ପୁରୁଣା ନିବେଶରୁ ଅର୍ଥ ଫେରି ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ ସଫଳ ହେବେ। ନିଜ ପ୍ରିୟଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଗୁରୁତ୍ୱ ଦିଅନ୍ତୁ।

ସିଂହ: ନୂତନ କାର୍ଯ୍ୟ କରିବେ। ଆର୍ଥିକ ମାମଲାରେ ସମସ୍ୟା ଦେଖାଦେବ। ଅଫିସ୍ ରାଜନୀତିରୁ ଦୂରେଇ ରୁହନ୍ତୁ। ନିଜ ଲୋକଙ୍କ କଥାକୁ ଅଣଦେଖା କରନ୍ତୁନି। ଚାକିରି ଖୋଜୁଥିବା ଲୋକ ସାକ୍ଷାତକାରରେ ସଫଳ ହେବେ।

କନ୍ୟା: ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ।

ତୁଳା: ଅଚାନକ ଦୂର ସ୍ଥାନ ଯାତ୍ରା କରିପାରନ୍ତି। କୋର୍ଟ-କଚେରୀ ମାମଲାରୁ ମୁକ୍ତି ମିଳିବ। ବୈବାହିକ ଜୀବନରେ ସମସ୍ୟା ଦେଖାଦେବ। ସମ୍ପର୍କୀୟଙ୍କ ମଧ୍ୟରେ ଧନକୁ ନେଇ ବାଦ ବିବାଦ ଉପୁଜିପାରେ।

ବିଛା: ଆୟ ବୃଦ୍ଧି ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ। ନୂଆ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ। ଅଯଥା କଳି ଝଗଡ଼ା କରନ୍ତୁନି। ମନର ମଣିଷଙ୍କ ପାଖେ ନିଜ ମନର କଥାକୁ ପରିପ୍ରକାଶ କରିବାରେ ସଙ୍କୋଚ କରନ୍ତୁନି।

ଧନୁ: ଆର୍ଥିକ ମାମଲାରେ ଭାଗ୍ୟଶାଳୀ ରହିବେ। ଅଫିସ୍‌ରେ ଉଚ୍ଚ ପଦସ୍ଥକାରୀ ପ୍ରଶଂସା କରିବେ। ମନ ଅଶାନ୍ତ ରହିବ। ମହିଳାମାନେ ଧର୍ମପରାୟଣା ହେବେ।

ମକର: ପରିବାରରେ ଅଧିକ ଦାୟିତ୍ୱ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଅଧିକ ସମୟ ଯାଏଁ କାର୍ଯ୍ୟ କରିବେ। ଚାପ ଭିତରେ ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅନ୍ତୁ। ସାମାଜିକ ପଦପ୍ରତିଷ୍ଠା ବୃଦ୍ଧି ହେବ।

କୁମ୍ଭ: ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

ମୀନ: ଆଖିବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

DISTRICT PROJECT OFFICE

SAMAGRA SHIKSHA, NUAPADA

Phone: 06678-225295 E-mail:-dpcnuapadassa.opepa@nic.in

RECRUITMENT NOTICE

No. 476 / Date 01.03.2024

VI-13/24-G.E.

Applications are invited from interested eligible female candidates for filling up of the posts of Part- Time Teachers in different KGBVs under District Project Office, Samagra Shiksha Nuapada district on "Contractual basis with consolidated remuneration as mentioned against each. The last date for submission of application is 16.03.2024, 5.00 PM. Application forms and details of advertisement can be downloaded from the district official website www.nuapada.nic.in and www.osepa.odisha.gov.in The undersigned reserves the right to cancel any or all the applications without assigning any reason thereof.

Sd/- District Education Office-cum-DPC
Samagra Shiksha, Nuapada

A-1640

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUBARNAREKHA IRRIGATION DIVISION N0-1, JHARPOKHARIA
At/PO:-Sankucha, Via:- KM Katta, Dist:-Mayurbhanj
Mail id.sidivision1@gmail.com

Government of Odisha "e" PROCUREMENT NOTICE
1st Corrigendumto Bid Identification No.03/ 23-24 of
S.E,S.I.Division No-I, Jharpokharia

With reference to the Bid Identification no 03/23-24 of SE,SI Division No-I Jharpokharia the tender invited for the work at SI No 6 Construction of WBM Road from Rabindra Sethi Minor Canal Culvert to Sudam Sahi at Village Nodhabani under R & R assistance of Haladia Reservoir in Subarnarekha Irrigation Project with an estimated cost amounting to Rs 6.28 Lakhs is hereby cancelled due to error in uploading.

Superintending Engineer
Subarnarekha Irrigation Division No-I,
Jharpokharia

OIPR-32085/11/0007/2324

A-1642

OFFICE OF THE SUPERINTENDING ENGINEER
TELENGIRI CANAL DIVISION, AT/PO: AMBAGUDA
DISTRICT: KORAPUT (ODISHA)
e-mail Id: setcdambaguda@gmail.com

QUOTATION CALL NOTICE NO. 02/2023-24 DATED 29/02/2024

1) Sealed quotations are invited from interested reputed Travel Agencies/Tour Operator/Private individuals for providing following types of vehicles, which shall conform to the Terms and Conditions attached there to for official use in Telengiri Canal Division, Ambaguda/ Office of the Chief Engineer & Basin Manager, Indravati & Kolab Basin, Bariniput / Office of the Additional Chief Engineer, Upper Kolab Project, Briniput on monthly rent basis. The bidder (s) can furnish offer for either any or all types of the vehicles, but separate quotation form for individual vehicle should be furnished.

(i) 2 (Two) Nos. of AC TUV300/ Bolero/ Sumo Gold/Ertiga diesel driven vehicles / Vehicles of similar model and segment having sitting capacity not more than ten including driver.

(ii) 2 (Two) Nos. of Zest/Tigor/Swift Dzire / Xcent / Etios petrol driven vehicles/ Vehicles of similar model and segment.

2) The quotation completed in all respect should reach the undersigned on or before 11/03/2024 by 12:30 PM and shall be opened on the same day at 1:00 PM in presence of the bidders or their authorised representatives who wish to be present.

3) The application form of quotation containing General Bid Information and Terms & Conditions for hiring of vehicles etc; will be available with Cashier of this office on payment of 1,000/- (Rupees one thousand) only per set from 02/03/2024 to 11/03/2024 up to 12:30 PM on the working days during office hours or can be downloaded from Odisha Govt. web site **www.odisha.gov.in** during the above period. In case the application form is down loaded from Govt. web site, the applicant shall furnish a Demand Draft for an amount of 1,000/- (Rupees one thousand) only per set towards the cost of application along with the application.

4) The authority reserves right to reject any or all the quotations without assigning any reason thereof.

5) Further details can be seen in the website of Government of Odisha **www.odisha.gov.in**

(Er. Debadutta Ray Mohapatra)
Superintending Engineer
Telengiri Canal Division, Ambaguda

OIPR-32015/11/0028/2324

OFFICE OF THE COLLECTOR & DISTRICT MAGISTRATE, BHADRAK

g-179

(Social welfare Section)
Tender Notice No. 500/SW, Dated.28.02.2024
(Third Call)

Sealed tenders for appointment of Transporting Agent for Bonth ICDS Project only in Bhadrak District are invited from the intending Registered Firms / Co-operative Societies/ authorized licensed Transporting Contractors/ Agents for undertaking transportation of Rice / Wheat from OSCSC Ltd. Godown, Charampa, Bhadrak / FCI depot, Ranital, Bhadrak to respective AWCs & WSHGs point under SNP Scheme for the period of till **31.12.2024.** The Registered Firms / Co- operative Societies / authorized licensed Transporting Contractors / Agents shall be made through two bid system i.e. Technical Bid (Annexure- I) and Price Bid (Annexure-II) separately. The Technically qualified Bidder Firms / Agents can only participate in the Price Bid.

The Tender paper can be obtained from the office of the DSWO, Bhadrak on payment of Rs. 5,000/- Rupees (Five Thousand) Only towards cost of the tender paper from date. **28.02.2024** during the office hour or any working day till **01:00 P.M. on dated. 13.03.2024**. In case the tender documents have been downloaded from the website, the tender documents fee of Rs 5000/- only must be deposited along with the Bid in the Form of a Demand Draft drawn on any nationalized Bank favouring DSWO, Bhadrak and payable at Bhadrak. The cost of tender paper is non-refundable. The tender shall be received by DSWO, Bhadrak till **01.00 P.M on date. 13.03.2024** by registered post / speed post or through sealed tender box kept in office of the DSWO, Bhadrak and will be opened on the same day i.e. on date. **13.03.2024** at **03:00 P.M.** by the tender Committee headed by Collector, Bhadrak or any officer authorized by the Collector in the Salandi Sabhagruha Collectorate, Bhadrak in the presence of the Tender Committee members and Tenderers or their authorised representatives if they desires so. Similarly, the Financial Bid of those who qualified the technical bid will be opened on **dated. 13.03.2024** in the Salandi Sabhagruha, Collectorate, Bhadrak. The details regarding tender document are available in the website www.bhadrak.nic.in which can be downloaded.

Not withstanding anything else contained to the contrary in this tender document, Collector reserves right to cancel /withdrawn /modify or reject any or all the tenders without assigning any reason thereof.

1. Period of issue of Tender document: 28.02.2024 to 13.03.2024 by 01:00 PM
2. Last date of receipt of Sealed Bids on 13.03.2024 up to 01.00 P.M through Registered / Speed Post or through sealed tender box kept in office of the DSWO, Bhadrak.
3. Date and time for opening of
   (i) Technical & Price Bid : On dated 13.03.2024 at 03:00 P.M

Sd/- Collector & District Magistrate,
Bhadrak

OIPR-24399/11/0002/2324

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112

AFFIDAVIT

I, Biswajeet Das, S/o-Late Haramohan Das, resident of Kakaleswar, Po- Kalupadaghat Ps- Tangi, Dist- Khurdha, Pin- 752022 Odisha declare by this affidavit No.4677 dtd.- 29/02/2024 that now onwards I shall be known as BISWAJIT DAS for all future purposes.

AFFIDAVIT

I Manoj Kumar Mohapatra age 53 yrs. son of late Narayan Mohapatra , At - Basudebapur, Po- Mallipadar, Ps- Begunia, Dist- Khordha, I begunia Executive Magistrate declared that Manoj Kumar Mohapatra and Goura Gopal Das both the name same and one person for future all purpose.

AFFIDAVIT

I, Akshaya Kumar Nayak, S/o- Lingaraj Nayak, resident of At- Brahmanpara, Po-Birol, Ps-Tangi, Dist-Cuttack, Pin-754025, Odisha declare by this affidavit No.39, dated-29/02/2024 that now onwards I shall be known as **AKSHAY KUMAR NAYAK** for all future purposes.

AFFIDAVIT

I, Bhimsen Sahoo, S/o-Keshab Sahoo, resident of At/Po- Bhuinpur, Ps-Aul, Dist- Kendrapara, Pin- 754239, Odisha declare by this affidavit No.386, dated- 27/02/2024 that now onwards I shall be known as **BHIMASEN SAHOO** for all future purposes.

AFFIDAVIT

I, Sanjukta Kumari Nayak, W/o- Subash Chandra Nayak, resident of Gandhi Nagar 1st Lane, Ward No.15, Rayagada, Odisha declare by this affidavit No,2059, dated- 03/02/2024 that now onwards I shall be known as **SANJUKTA NAYAK** for all future purposes.

MARUTI SUZUKI ARENA

URGENT RECRUITMENT

1. **General Manager - Service** — Minimum 2 years experience of Maruti Service
2. **Bodyshop Manager** — Minimum 2 years experience of Maruti Service
3. **Service Advisor** — Freshers also can apply, Qualification - B.Tech Mechanical

Salary - Negotiable

LEGEND CARS PVT. LTD. (Auth. Maruti Suzuki Dealer)
Jyothi Mill Campus, Souraguda, Jeypore -764001
Contact :9692883050

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CAD-4423

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା- ୫୧ RHS-820/2015

ବିଜ୍ଞାପନ

ତା.୨୬.୦୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲଆଇଜି-୧୯ (LIG-19), ବାଜିରାଉତ ରଣ୍ଡିଗ୍ରେଟେଡ୍ ସୋସିଆଲ ହାଉସିଂ ସ୍କିମ୍, ଫେଜ୍-୧, ମହିସାପଟ, ଢେଙ୍କାନାଳରେ ହରପ୍ରିୟା ମିଶ୍ର, ପିତା- କୈଳାଶ ଚନ୍ଦ୍ର ମିଶ୍ର, ଗ୍ରା- ଟିକରପଡା, ମହାନ୍ତି ସାହି, ପୋ/ଥାନା/ଜିଲ୍ଲା- ପୁରୀ-୭୫୨୦୦୨କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ହରପ୍ରିୟା ମିଶ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତର୍ଗତ ଆଧାରରେ ସଞ୍ଜୁଲତା ସାହୁ, ସ୍ୱାମୀ- ଅଶୋକ କୁମାର ସାହୁ, ଗ୍ରା/ପୋ- କାମାକ୍ଷା ନଗର, କଲେଜ ଛକ, ଜିଲ୍ଲା- ଢେଙ୍କାନାଳ-୭୫୯୦୧୮ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0707/2324

ସର୍ବସାଧାରଣ ବିଜ୍ଞପ୍ତି

ମୁଁ ଶ୍ରୀ ସୁଧାଂଶୁ କୁମାର ରାଉତ, ପିତା- ପ୍ରଶନ୍ନ କୁମାର ରାଉତ, ଗ୍ରାମ/ପୋ.- ଲାଲଙ୍ଗି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ (ଉଚ୍ଚତମ ନ୍ୟାୟାଳୟ)ର କେଶ ନଂ. R.S.A No. 153/2022 ର I.A. No. 66/2024 ତା. ୧୬.୦୨.୨୦୨୪ରିଖ ଆଦେଶ ଅନୁସାରେ ନିମ୍ନଲିଖିତ ଜମି ଜମା କେଶ ଫାଇନାଲ୍ ନ ହେବା ଯାଏଁ କୌଣସି ତୃତୀୟ ପକ୍ଷଙ୍କୁ କୌଣସି ପ୍ରକାରେ ହସ୍ତାନ୍ତର କରାଯାଇପାରିବ ନାହିଁ। ଯଦି ହୁଏ ବା ହେଲେ ସେମାନେ ଆଇନ ଅନୁସାରେ ଦଣ୍ଡିତ ହେବେ।

ଜମିର ବିସ୍ତୃତି ବିବରଣୀ

୧. ମୌଜା- ପୁରୁଣାପଡା, ଖାତା ନଂ. ୨/୨ ମୋଟ ରକବା ଏ.୧୫.୫୯ ଡିସିମିଲି, ୨. ମୌଜା- ପୁରୁଣାପଡା, ଖାତା ନଂ. ୨/୨, ମୋଟ ରକବା ଏ.୧୪.୮୧ ଡିସିମିଲି, ୩. ମୌଜା- ନାଗଝରୀ, ଖାତା ନଂ.- ୨/୧ ମୋଟ ରକବା ଏ.୭.୧୨ ଡିସିମିଲି, ୪. ମୌଜା- ନାଗଝରୀ, ଖାତା ନଂ.୨୦ ମୋଟ ରକବା ଏ.୫୧.୨୯ଡିସିମିଲି, ୫. ମୌଜା- ନାଗଝରୀ, ଖାତା ନଂ.୭୭, ମୋଟ ରକବା ଏ.୧୩.୭୮ ଡିସିମିଲି, ୬. ମୌଜା- ନାଗଝରୀ, ଖାତା ନଂ. ୧୦୬ ମୋଟ ରକବା ଏ.୧୭.୫୮ ଡିସିମିଲି, ୭. ମୌଜା- ନାଗଝରୀ, ଖାତା ନଂ.୧୫୦ ମୋଟ ରକବା ଏ.୨୦.୮୮ଡିସିମିଲି, ୮. ମୌଜା- ଭୋଇଗୁଡା, ଖାତା ନଂ. ୧୫ ମୋଟ ରକବା ଏ.୩୭.୫୧ ଡିସିମିଲି, ୯. ମୌଜା- ଭୋଇଗୁଡା, ଖାତା ନଂ. ୨୧୯ ମୋଟ ରକବା ଏ.୧୮.୮୦ ଡିସିମିଲି।

ସା/- ସୁଧାଂଶୁ କୁମାର ରାଉତ

JEYPORE MUNICIPALITY, JEYPORE

Phone No.- 06854231098, Fax no.- 06854230104, email- ulbjeypore@gmail.com & jayporem.hud@nic.in

Letter No. 964/JM Date 28.02.2024

Corrigendum: - Cancellation of tender

TO WHOM IT MAY CONCERN

This corrigendum is issued to notify all concerned parties that the following work published for tender under notice No.766 dated February 20, 2024, is hereby canceled:

Work Sl No. in the notice	Name of the Work	Estimated Cost
45	Construction of paver block at Town Hall right side ward No.10.	14,20,866.00
46	Construction of paver block at Town Hall front portion ward No.10.	10,14,904.00

All the other terms and condition remains unchanged.

Executive Officer,
Jeypore Municipality

OIPR-13079/11/0082/2324 C-3283

III-11

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAA-BLS-0005-2023-4790 /R&DM, Dated 21.02.2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୁରା ମାଇନର, ଲଛମନଖୁଂଟା ସବମାଇନର ଏବଂ ପଶ୍ଚିମଶିମିଳିଆ ସବମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା-ଲଛମନଖୁଂଟା, ଥାନା- ବସ୍ତା ସଂ ୧୪୬, ତହସିଲ- ବସ୍ତା, ଜିଲ୍ଲା- ବାଲେଶ୍ୱର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୮.୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୁରା ମାଇନର, ଲଛମନଖୁଂଟା ସବମାଇନର ଏବଂ ପଶ୍ଚିମଶିମିଳିଆ ସବମାଇନର ନିର୍ମାଣ ନିମନ୍ତେ।

୨- **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ନିର୍ବାହୀ ଯନ୍ତ୍ରୀ,ବୈଶିଙ୍ଗା କେନାଲ ଡ଼ିଭିଜନ ,ଲକ୍ଷ୍ମୀପୋଷୀ।

୩- **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ, କୁରା ମାଇନର,ଲଛମନଖୁଂଟା ସବମାଇନର ଏବଂ ପଶ୍ଚିମଶିମିଳିଆ ସବମାଇନର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।

୪- **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ** -ଉପ ଜିଲ୍ଲାପାଳ,ବାଲେଶ୍ୱର।

୬- **ଜମିର ବିବରଣୀ-**

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ବାଲେଶ୍ୱର	ବସ୍ତା	ଲଛମନଖୁଂଟା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ.୪୦.୭୨	ଏ.୮.୭୦	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୨୧/୨୦୨୨
ଏ.୮.୭୦ହେ.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରୀ କୁରା ମାଇନର,ଲଛମନଖୁଂଟା **ସବ ମାଇନର ଏବଂ ପଶ୍ଚିମଶିମିଳିଆ ସବ ମାଇନର** ନିମନ୍ତେ ମୌଜା - ଲଛମନଖୁଂଟା, ଥାନା- **ବସ୍ତା** , ନଂ-146, ତହସିଲ- **ବସ୍ତା**, ଜିଲ୍ଲା-ବାଲେଶ୍ୱର

ଖାତା ନଂ ଓ ସତ୍ତ୍ୱ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
3	610	0.42	0.18	ଶାରଦ ତିନି	ମୀର ଅଫିସର ଅଲ୍ଲୀ, ମୀର କାଶିମ ଅଲ୍ଲୀ, ମୀର ଯାସିନ ଅଲ୍ଲୀ, ମୀର ରହୀମ ଅଲ୍ଲୀ, ପି. ମୀର ରୁସନ ଅଲ୍ଲୀ, ଜା. ମୁସଲମାନ, ବା. ନିଜ ଗାଁ
11	481	0.29	0.17	ଶାରଦ ତିନି	ଭୂୟାଁ ଅବଦୁଲ ଅସରାରୁଲ ହକ, ଇଷ୍ଟିଚୁନ ନିଶା ବିବି, ପି. ଭୂୟାଁ ଅବଦୁଲ ଜବାର ଖାଁ, ଜା. ମୁସଲମାନ, ବା. ନିଜ ଗାଁ
	480	0.06	0.02	ପତିତ	
35	744	2.37	0.18	ଚକ	କୃଷ୍ଣ ସିଂ, ପି. ଝଡିଆ ସିଂ, ଜା. ଭୂମିଜ, ବା. ନିଜ ଗାଁ
61	784	0.70	0.15	ଚକ	ସେକ ମହମ୍ମଦ ଚାନ୍ଦ, ରେହୁଆନା ବେଗମ, ଆମ୍ଜେଲା ରହେମାନ, ହୁରଜାହାନ ବେଗମ ପି. ସେକ ମହମ୍ମଦ ସାଦତ ଟୁଲ୍ଲା ଜା. ମୁସଲମାନ ବା: ବଡ଼ହାଟ ଆଜା କେନ୍ଦ୍ରାପଡ଼ା ଜି.କଟକ
83	73	0.99	0.25	ଶାରଦ ଟୁଲ	ଯ

'ମଞ୍ଜାବନ୍ଧା'ରେ ବିଶ୍ୱର ପ୍ରଥମ କଳାବାଘ ସଫାରି ନିର୍ମାଣ ପ୍ରକ୍ରିୟା ଆରମ୍ଭ

ଅକ୍ଟୋବର ସୁଦ୍ଧା ନିର୍ମାଣ ଶେଷ ଲକ୍ଷ୍ୟ

ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଦେଇଛନ୍ତି ୩.୫୦ କୋଟି

୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ଆକଳନ

ବାରିପଦା, ୧।୩(ସମିସ): ଶିମିଳିପାଳ ଅଭୟାରଣ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ମୟୂରଭଞ୍ଜ ଜିଲ୍ଲାରେ ବିଶ୍ୱର ପ୍ରଥମ କଳାବାଘ ସଫାରି ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ଏବଂ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ ଅନୁମତି ମିଳିବା ପରେ ବାରିପଦା ସହର ସଂଲଗ୍ନ ମଞ୍ଜାବନ୍ଧା ସଂରକ୍ଷିତ ଜଙ୍ଗଲରେ ଏହି ସଫାରୀ ନିର୍ମାଣ ଆରମ୍ଭ ହୋଇଛି। ସମଗ୍ର ଭାରତରେ ରହିଥିବା ୧୦ଟି ଯାକ ମେଲାନିଷ୍ଟିକ୍ ପ୍ରଜାତିର କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାକୁ ନେଇ ପର୍ଯ୍ୟଟନ ଶିଳ୍ପର ମାନ୍ୟତା ପାଇଁ ବିଶ୍ୱର ପ୍ରଥମ କଳାବାଘ ସଫାରୀ ଶିମିଳିପାଳ ଅଭୟାରଣ୍ୟରେ ହେଉଛି।

ଗତ ଫେବୃୟାରୀ ୮ ତାରିଖରେ ଏନ୍‌ଟିସିଏର ଏକ ପ୍ରତିନିଧିଦଳ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏନ୍‌ଟିସିଏର ଡିଜାଇନର ଦଳ ସଫାରୀ ପାଇଁ ଡିଜାଇନ୍ ପ୍ରସ୍ତୁତି କରିଦେବା ପରେ ସଫାରି ନେଇ ଅନୁମତି ମିଳିଛି। ଶିମିଳିପାଳ ଅଭୟାରଣ୍ୟର ୧୫ କିମି ଦୂର ବାରିପଦା ସହର ନିକଟ ୧୮ ନମ୍ବର ଜାତୀୟ ରାଜପଥ ସଂଲଗ୍ନ 'ମଞ୍ଜାବନ୍ଧା ସଂରକ୍ଷିତ ଜଙ୍ଗଲ'ର ୨ଶହ ହେକ୍ଟର ଜମିରେ ଏକ କଳାବାଘ ସଫାରୀ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍‌ଟିସିଏ ଟିମ୍ ପକ୍ଷରୁ ମଞ୍ଜାବନ୍ଧା ସଂରକ୍ଷିତ ଜଙ୍ଗଲ ସମେତ ଯଶିପୁରସ୍ଥିତ ଜଙ୍ଗଲ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଉକ୍ତ ସଫାରୀ ନ କରିବାକୁ ନିୟମ ରହିଛି। ତେଣୁ ତାହାକୁ ଦୃଷ୍ଟିରେ ରଖି ବାରିପଦାର ମଞ୍ଜାବନ୍ଧାଠାରେ ଉକ୍ତ ସଫାରି ନିର୍ମାଣ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଏବେ ଏଠାରେ ପ୍ରାରମ୍ଭିକ ଭାବେ କାମ ଆରମ୍ଭ ହୋଇଛି ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ୩ କୋଟି ୫୦ ଲକ୍ଷ ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ତେବେ ପ୍ରକଳ୍ପ ନିମନ୍ତେ ୧୫ରୁ ୨୦କୋଟି ଟଙ୍କା ମୋଟ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ଆସନ୍ତା ଅକ୍ଟୋବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଉକ୍ତ ସ୍ଥାନରେ ଏକ ଟାଇଗର ରେସ୍କ୍ୟୁ ସେଣ୍ଟର୍ ମଧ୍ୟ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରଥମେ ଟାଇଗର୍‌ରେସକ୍ୟୁସେଣ୍ଟର ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କଲେ ସଫାରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ ଦେଖାଯାଉଥିବା ଏହି ବିରଳ ପ୍ରଜାତିର କଳାବାଘ ଦେଖିବାକୁ ମିଳିଥିବା ବେଳେ ସେବେଠାରୁ ଏହା ଉପରେ ଅନେକ ଗବେଷଣା ସହ ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକ ପଦକ୍ଷେପ ଗ୍ରହଣ ଜାରି ରହିଛି। ବନ୍ୟଜନ୍ତୁ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ପଦକ୍ଷେପ ପାଇଁ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନିର୍ବାହୀ ଯନ୍ତ୍ରୀ ଓ କିରାଣୀଙ୍କୁ କାବୁ କଲା ଭିଜିଲାନ୍ସ

ବ୍ରହ୍ମପୁର,୧।୩ (ସମିସ): ଜଣେ ଗାଡ଼ି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଗଞ୍ଜାମ ଜିଲ୍ଲା ଆସିକା ସେଚାଞ୍ଚଳ ଉନ୍ନୟନ ଖଣ୍ଡ ନଂ-୮ର ନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ ଓ ତାଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ କୌଳାଶଚନ୍ଦ୍ର ବେହେରାଙ୍କୁ ଭିଜିଲାନ୍ସ କାବୁ କରିଛି। ଭିଜିଲାନ୍ସ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ଏବଂ କିରାଣୀଙ୍କ କାର୍ଯ୍ୟାଳୟ ସମେତ ବାସଭବନରେ ଚଢ଼ଉ ଜାରି ରହିଛି।

ଗାଡ଼ି ଭଡ଼ା ବାବଦ ବିଲ ପାସ କରାଇବାକୁ ନେଉଥିଲେ ଲାଞ୍ଚ

ସୂଚନାନୁସାରେ, ଆସିକାରେ ଥିବା ସେଚାଞ୍ଚଳ ଉନ୍ନୟନ ଖଣ୍ଡ ନଂ-୮ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହିଞ୍ଜିଳିକାଟୁର ଜଣେ ବ୍ୟକ୍ତି ଏକ ବୋଲେରୋ ଗାଡ଼ି ମାସିକ ଭଡ଼ା ସୂତ୍ରରେ ଲଗାଇଥିଲେ । ସେହି ଗାଡ଼ିର ଭଡ଼ା ବାବଦକୁ ଲକ୍ଷାଧିକ ଟଙ୍କା ପାଇବାର ଥିଲା। ହେଲେ ଭଡ଼ା ବାବଦ ବିଲ ପାସ କରାଇବାକୁ ନିର୍ବାହୀ ଯନ୍ତ୍ରୀ ନିଜ କାର୍ଯ୍ୟାଳୟର କନିଷ୍ଠ କିରାଣୀଙ୍କ ଜରିଆରେ ଗାଡ଼ି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏ ନେଇ ଗାଡ଼ି ମାଲିକ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା। ଏହାପରେ ନିର୍ବାହୀ ଯନ୍ତ୍ରୀ ଓ କିରାଣୀଙ୍କୁ କାବୁ କରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା ହୋଇଥିଲା। ଯୋଜନା ମୁତାବକ ଶୁକ୍ରବାର ସନ୍ଧ୍ୟା ବେଳେ ଗାଡ଼ିମାଲିକ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କନିଷ୍ଠ କିରାଣୀ କୈଳାଶ ଚନ୍ଦ୍ର ବେହେରାଙ୍କୁ ୨୦ ହଜାର ଲାଞ୍ଚ ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଲାଞ୍ଚ ଟଙ୍କା ଗ୍ରହଣ କରିବାର କିଛି ସମୟ ଭିତରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟ ନିର୍ବାହୀ ଯନ୍ତ୍ରୀ ଓ କିରାଣୀଙ୍କୁ କାବୁ କରି ନେଇଥିଲେ। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଏକ ମାମଲା ରୁଜୁ କରି ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନ ସମେତ ୩ଟି ସ୍ଥାନରେ ଚଢଉ ଜାରି ରଖିଛି। ଏହାସହ କିରାଣୀଙ୍କ ୨ ଟି ସ୍ଥାନରେ ଚଢ଼ଉ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ନିର୍ବାଚନରେ ହିଂସା ଏଡ଼ାଇବାକୁ କଡ଼ା ପଦେକ୍ଷପ

ମୁତୟନ ହେବେ କେନ୍ଦ୍ରୀୟ ସୁରକ୍ଷା ବଳ

ଓଡ଼ିଶାରେ ମୁତୟନ ହେବେ ୭୫ କମ୍ପାନୀ

ସମ୍ବେଦନଶୀଳ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ୩ଲକ୍ଷ ୪୦ହଜାର ସିଏପିଏଫ ଯବାନ

ଭୁବନେଶ୍ୱର, ୧।୩(ସମିସ): ନିର୍ବାଚନରେ ହିଂସା ଏବଂ ଅନ୍ୟାନ୍ୟ ଅଘଟଣକୁ ଏଡ଼ାଇବା ପାଇଁ କଡ଼ା ପଦେକ୍ଷପ ନିଆଯାଇଛି। ସମ୍ବେଦନଶୀଳ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ଅଧିକ ସିଏପିଏଫ୍ ଯବାନ ମୁତୟନ କରାଯିବ। ବିଶେଷକରି ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରେ ମାଓବାଦୀ ସକ୍ରିୟଅଛନ୍ତି। ତେଣୁ ମାଓପ୍ରବଣ ଅଞ୍ଚଳକୁ ଅଧିକ ଫୋର୍ସ ମୁତୟନ କରିବା ପାଇଁ ନିର୍ବାଚନ କମିସନ୍ କହିଛନ୍ତି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ହେବେ ୩ ଲକ୍ଷ ୪୦ ହଜାର ସିଏପିଏଫ ଯବାନ। ପ୍ରଥମ ପର୍ଯ୍ୟାୟ ଫୋର୍ସ ମୁତୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ସ୍ଥାନରେ ୨ହଜାର କମ୍ପାନୀ ବା ୨ ଲକ୍ଷ ଯବାନ ମୁତୟନ ହେବେ। ସେହିପରି ଅନ୍ୟ ଦେଢ଼ ଲକ୍ଷ ଯବାନ ପରବର୍ତ୍ତୀ ସମୟରେ ମୁତୟନ କରାଯିବ। ନକ୍ସଲ ହିଂସା ପ୍ରଭାବିତ ରାଜ୍ୟ ସମେତ ପଶ୍ଚିମବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀରରେ ଏହି ସପ୍ତାହ ଶେଷ ସୁଦ୍ଧା ଫୋର୍ସ ମୁତୟନ ହେବେ। ସେହିପରି ଆସନ୍ତା ୭ତାରିଖରୁ ଦ୍ୱିତୀୟପର୍ଯ୍ୟାୟଫୋର୍ସ ମୁତୟନ କରାଯିବ। ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ୩ ଲକ୍ଷ ୪୦ହଜାର ଫୋର୍ସ ମୁତୟନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ନିର୍ବାଚନ କମିସନଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ଓଡ଼ିଶାରେ ୭୫କମ୍ପାନୀ ଓଏପିଏଫ ଏବଂ ସିଆରପିଏଫ ମୁତୟନ ହେବେ। ସମ୍ପୃକ୍ତ ସ୍ଥାନ ବାବଦରେ ତଥ୍ୟ ହାସଲ ସହ ଆଗୁଆ ପ୍ରସ୍ତୁତ ହେବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି। ବିଶେଷକରି ଓଡ଼ିଶାର ମାଓପ୍ରବଣ ଅଞ୍ଚଳକୁ ଅଧିକ ଯବାନ ପଠାଯିବ। ସେମାନେ ନିର୍ବାଚନ ପୂର୍ବରୁ ସେଠାରେ ରହିବେ। ନିର୍ବାଚନ ଶେଷ ପରେ ସେମାନଙ୍କୁ ପୁଣି ଅପସାରଣ କରି ନିଆଯିବ ବୋଲି ସୂଚନା ମିଳିଛି।

■ କେନ୍ଦୁଝରର ୪ ନେତାଙ୍କୁ ଛାତ୍ର ବିଜେଡି ସଂଯୋଜକ ଦାୟିତ୍ୱ

ଉମାକାନ୍ତ ପଟ୍ଟନାୟକ ଖୋର୍ଦ୍ଧା ବିଜେଡି ଉପସଭାପତି

ଭୁବନେଶ୍ୱର, ୧।୩ (ସମିସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଡ଼ ଉମାକାନ୍ତ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜେଡିର ଉପ-ସଭାପତି ପଦରେ ନିଯୁକ୍ତି ଦିଆଯାଇଛି। ଅପରପକ୍ଷେ ଚାରି ଜଣ ନେତାଙ୍କୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଧାନସଭା କ୍ଷେତ୍ରରେ ବିଜୁ ଛାତ୍ର ଜନତା ଦଳର ସଂଯୋଜକ ଭାବେ ଅବସ୍ଥାପିତ କରାଯାଇଛି। ଅଭିଷେକ ବେହେରାଙ୍କୁ ଚମ୍ପୂଆ ନିର୍ବାଚନମଣ୍ଡଳୀର ଛାତ୍ର ବିଜେଡି ସଂଯୋଜକ, ଅମରେନ୍ଦ୍ର ଧଳଙ୍କୁ ଆନନ୍ଦପୁର, ନାରାୟଣ ସିଂଙ୍କୁ କେନ୍ଦୁଝର ସଦର ଏବଂ ଦୀନବନ୍ଧୁ ପତିଙ୍କୁ ତେଲକୋଇ ବିଧାନସଭା କ୍ଷେତ୍ରରେ ଛାତ୍ର ବିଜେଡିର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଦୁଇ ବୁଲେଟ୍ ମୁହାଁମୁହିଁ ଧକ୍କାରେ ୨ ମୃତ

ବାରିପଦା, ୧।୩(ସମିସ): ଶୁକ୍ରବାର ରାତିରେ ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥର ଧନାପନା ଛକଠାରେ ଦୁଇଟି ବୁଲେଟ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ଦୁଇ ଜଣକ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଖୁଣ୍ଟା ଥାନା ଅଞ୍ଚଳର ଅଭିଜିତ ବେହେରା ଓ କହ୍ନେଇବନ୍ଧ ଅଞ୍ଚଳର ରମାକାନ୍ତ ହେମ୍ରମ ବୋଲି ଜଣାପଡ଼ିଛି। ଗୁରୁତର ଯୁବକ ଜଣକ ହେଲେ ଗୋଠୋପୁରା ଅଞ୍ଚଳର ଜଗନ୍ନାଥ ଦେହୁରୀ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଦୁଇଟି ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣକ ପ୍ରାଣବାୟୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଜରିଆରେ ଉଦ୍ଧାର କରି ଉଦଳା ହସ୍ପିଟାଲକୁ ପଠାଇଥିଲେ। ହସ୍ପିଟାଲରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ଗୁରୁତର ଯୁବକକୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଥିବା ନେଇ ସୂଚନା ମିଳିଛି। ଘଟଣାସ୍ଥଳରେ ଖୁଣ୍ଟା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ୟବସ୍ଥା କରିବା ସହ ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସହିପାରିଲେନି ବାପାଙ୍କ ତାଗିଦ୍

ଗଛରେ ଝୁଲି ପଡ଼ିଲେ ଛାତ୍ର

ସୋର, ୧।୩ (ସମିସ): ସୋର ବ୍ଲକ ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମରେ ବେକରେ ରଶି ଲଗାଇ ଜଣେ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଗୌତମ ଲେଙ୍କା(୧୭) । ସେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପଢ଼ନ୍ତି। ପାଠପଢ଼ାକୁ ନେଇ ଆଜି ସକାଳେ ବାପା ତାଙ୍କୁ ତାଗିଦ୍ କରିବା ସହ ଗାଳିଗୁଲଜ କରିଥିଲେ। ଏହି ଛୋଟିଆ କଥାକୁ କେନ୍ଦ୍ର କରି ଗୌତମ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ବାଡ଼ିପଟେ ଥିବା ଏକ ଗଛରେ ରଶି ଲଗାଇ ଝୁଲି ପଡ଼ିଥିଲେ। କିଛି ସମୟ ପରେ ଏହା ଦେଖି ପରିବାରଲୋକ ଗୌତମକୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

■ ହାଇକୋର୍ଟରେ ଅଙ୍ଗନବାଡି କର୍ମୀଙ୍କ ବେତନ ବୃଦ୍ଧି ପ୍ରସଂଗ

ସତ୍ୟପାଠ ଦାଖଲ କରିବେ ଆବେଦନକାରୀ

କଟକ, ୧।୩ (ସମିସ): ଅଙ୍ଗନବାଡି କର୍ମୀ ମାନଙ୍କୁ ଅନ୍ୟ କେତେକ ରାଜ୍ୟ ତୁଳନାରେ ଯଥେଷ୍ଟ କମ ବେତନ ପ୍ରଦାନ କରାଯାଉଥିବା ପ୍ରସଂଗରେ ରୁଜୁ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ କେତେକ ଦସ୍ତାବିଜ ଓ ତଥ୍ୟ ସମ୍ବଳିତ ସତ୍ୟପାଠ ଦେବେ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏଣୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ସତ୍ୟପାଠ ଦେବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ନୟାଗଡ ଜିଲ୍ଲା ଖଣ୍ଡପଡା ଅଞ୍ଚଳର ସବିତା ଦାସ ଓ ଅନ୍ୟ ତିନିଜଣ ଅଙ୍ଗନବାଡି କର୍ମୀଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ , ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶତକଡା ୪୦-୬୦ପ୍ରତିଶତ ଭାଗିଦାରୀରେ ଅଙ୍ଗନବାଡି ଯୋଜନା ଚାଲିଛି । ଜଣେ ଦିନ ମଜୁରିଆ ଦୈନିକ ୩୭୩ଟଙ୍କା ମଜୁରୀ ବାବଦକୁ ପାରିଶ୍ରମିକ ପାଉଥିବା ବେଳେ ଅଙ୍ଗନବାଡି କର୍ମୀମାନେ ମାସିକ ୭୫୦୦ ଟଙ୍କା ପାଉଥିଲେ । ଏବେ ଏହାକୁ ସରକାର ୧୦ହଜାରକୁ ବୃଦ୍ଧି କରିଛନ୍ତି। କିନ୍ତୁ ତାମିଲନାଡୁ ସରକାର ଅଙ୍ଗନବାଡ଼ି କର୍ମୀମାଙ୍କୁ ୨୪ହଜାର , ଦିଲ୍ଲୀ ସରକାର ମାସିକ ୧୯ହଜାର୫୦୦, ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ହରିୟାଣା ସରକାର ମାସିକ ୧୩ହଜାର୫୦୦ ସହିତ ଅନ୍ୟାନ୍ୟ ସୁବିଧା ଦେଉଥିବା ଦର୍ଶାଯାଇଥିଲା। ଅନ୍ୟ ରାଜ୍ୟ ଭଳି ଦରମା ସହ ଅବସରକାଳୀନ ସୁବିଧା ଯୋଗାଇବାପାଇଁ ପ୍ରାର୍ଥନା କରାଯାଇଛି। ଉକ୍ତ ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ୭କୁ ଧାର୍ଯ୍ୟ ହୋଇଛି।

ଅବଶିଷ୍ଟାଂଶ...

ଓଡ଼ିଶା ହେବ...

ବ୍ୟୟ କରି ଲଜିଷ୍ଟିକ୍ ପାର୍କ ସ୍ଥାପନ କରିଛି। କମ୍ପାନୀ ଏଠାରେ ୨୩୪ ଲୋକଙ୍କୁ ନିଯୁକ୍ତି ଦେବ। ବଲାଙ୍ଗିରରେ ଆଦିତ୍ୟ ବିର୍ଲା ରିନିୱେବଲ୍ସ ଲିମିଟେଡ୍ ୮୯ କୋଟି ଟଙ୍କା ବିନିଯୋଗ କରି ସୌର ଶକ୍ତି ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଯାଜପୁରରେ ଏବିଆଇଏସ୍ ଏକ୍ସପୋର୍ଟ୍ସ ଇଣ୍ଡିଆ ଲିମିଟେଡ୍‌ର କାରଖାନା ଲୋକାର୍ପଣ କରିଛନ୍ତି। କମ୍ପାନୀ ୬୬.୩୩ କୋଟି ଟଙ୍କା ବିନିଯୋଗ କରିଛି ଏବଂ ୧୬୫୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ଏନ୍‌କେ ଆନନ୍ଦ ଫୁଟ୍ ୱେର୍ସ ଖୋର୍ଦ୍ଧା ଚମ୍ପାଝର ଠାରେ ୬୨.୪୪ କୋଟି ଟଙ୍କା ବିନିଯୋଗ କରି ଜୋତା ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଛି। ଏଠାରେ ୬୨୦ ଜଣ ଲୋକଙ୍କୁ ନିଯୁକ୍ତି ଦେବ। ସମ୍ବଲପୁରରେ ସିଗମା ଟ୍ୟୁବ୍‌ସ ଆଣ୍ଡ ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ବିନିଯୋଗରେ ଟ୍ୟୁବ୍ ଓ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିଥିବା ବେଳେ ୬୦ ଜଣଙ୍କୁ ନିଯୁକ୍ତି ଦେବ। ମେଫେୟାର ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ଝାରସୁଗୁଡ଼ାରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା କରିଛି। ଏଠାରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସାଇଜାର ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ଯାଜପୁରର କଳିଙ୍ଗ ନଗର ଠାରେ ୨୮.୩୧ କୋଟି ଟଙ୍କା ବିନିଯୋଗ କରି ଲଜିଷ୍ଟିକ୍ ଓ ୱେରହାଉସ୍ ପ୍ରତିଷ୍ଠା କରିଛି। ଏଠାରେ ୬୫୦ ଜଣଙ୍କୁ ନିଯୁକ୍ତି ମିଳିବ।

ଆଜି ମୁଖ୍ୟମନ୍ତ୍ରୀ ୨୯ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି। ଏଗୁଡିକ ହେଉଛି ଖୋର୍ଦ୍ଧାରେ ଆମପିନ୍ ସୋଲାର୍ ୱାନ୍ କମ୍ପାନୀର ୯୫୦ କୋଟି ଟଙ୍କାର ଇଏମସି ପାର୍କ। ଏଠାରେ ୧୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ୯୦୦ କୋଟି ଟଙ୍କା ବ୍ୟୟରେ

ବାଲେଶ୍ୱରରେ ପହଞ୍ଚିଲେ ୫ ଜିଲ୍ଲାର ତୀର୍ଥଯାତ୍ରୀ

- ଆଜି ତୀର୍ଥରେ ଯିବେ ବରିଷ୍ଠ ନାଗରିକ
- ଆଗ୍ରା ଓ ମଥୁରା ବୁଲିବେ ୯୭୦ ବରିଷ୍ଠ ନାଗରିକ

ବାଲେଶ୍ୱର, ୧।୩(ସମିସ):

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା- ୨୦୨୩-୨୪ରେ ଶୁକ୍ରବାର ପର୍ଯ୍ୟାୟକ୍ରମେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଆଦି ୫ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ବାଲେଶ୍ୱରର ପଦ୍ମାବତୀ ପାର୍କଠାରେ ପହଞ୍ଚିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଶ୍ରୀ ନାୟକ ସାମ୍ବାଦିକ ସମ୍ମିଳନୀ କରି ଆସନ୍ତା ୨ ତାରିଖରେ ହେବାକୁ ଥିବା ଯାତ୍ରା ତଥା ତତ୍ ସମ୍ବନ୍ଧିତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଦେଇଛନ୍ତି। ବାଲେଶ୍ୱରର ୨୨୬ ଜଣ, ଭଦ୍ରକର ୧୪୬ ଜଣ, ମୟୂରଭଞ୍ଜର ୨୪୫ ଜଣ, କେନ୍ଦୁଝରର ୧୭୫ ଜଣ ଓ ଯାଜପୁରର ୧୭୮ ଜଣ ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଏହି ଯାତ୍ରାରେ ଯୋଗ ଦେଉଛନ୍ତି। ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ମାର୍ଚ୍ଚ ୨ ତାରିଖ ଦିନ ସକାଳ ପ୍ରାୟ ଘ. ୧୧.୩୦ ମି ସମୟରେ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ତୀର୍ଥଯାତ୍ରୀମାନେ ଆଗ୍ରା-ମଥୁରା ଅଭିମୁଖେ ଯାତ୍ରା କରିବେ। ଏହି ଯୋଜନା ଅନ୍ତର୍ଗତ ୯୭୦ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୩୦ ଜଣ ଏସ୍କର୍ଟ ଅଧିକାରୀ ରେଳ ବିଭାଗ ଯୋଗାଇଦେଉଥିବା ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ। ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ୨୦୧୬ ମସିହାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି। ଏହି ଯୋଜନାରେ ୬୦ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି।

ବଦଳିଲେ ପୂର୍ବାଞ୍ଚଳ ଆଇଜି

ବାଲେଶ୍ୱର, ୧।୩(ସମିସ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଇଏଏସ୍ ଓ ଆଇପିଏସ୍ ସ୍ତରରେ ଅଦଳବଦଳ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆଜି ପୁଣି ଆଇପିଏସ୍ ସ୍ତରରେ ଏକ ଛୋଟଧରଣର ଅଦଳବଦଳ ହୋଇଛି। ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ଏକ ବିଜ୍ଞପ୍ତି ଅନୁସାରେ, ଉତ୍ତର ପୂର୍ବାଞ୍ଚଳ(ତାଳଚେର) ଆଇଜି ଭାବେ କାର୍ଯ୍ୟ କରୁଥିବା ୨୦୦୪ ବ୍ୟାଚ୍‌ର ଆଇପିଏସ୍ ଡ. ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ(ବାଲେଶ୍ୱର) ଆଇଜି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପଟେ ପୂର୍ବାଞ୍ଚଳ ଆଇଜି ଭାବେ କାର୍ଯ୍ୟ କରୁଥିବା ୨୦୦୪ ବ୍ୟାଚ୍‌ର ଆଇପିଏସ୍ ସତ୍ୟବ୍ରତ ଭୋଇଙ୍କୁ ଉତ୍ତର ପୂର୍ବାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି। ଏଥି ସହିତ ଆଇପିଏସ୍ ସତ୍ୟବ୍ରତ ଭୋଇଙ୍କୁ ପୁଲିସ ଟ୍ରେନିଂ ସେଣ୍ଟର(ଅନୁଗୁଳ)ର ଅଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଥାଉକି, ଆଇଜି ଶ୍ରୀ ଭୋଇ ଗତ ଜାନୁଆରୀ ୨୪ରେ ବାଲେଶ୍ୱରକୁ ବଦଳି ହୋଇଥିବା ବେଳେ ଫେବୃଆରୀ ୧ରେ ପୂର୍ବାଞ୍ଚଳ ଆଇଜି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବାର ମାସେ ନ ପୂରୁଣୁ ତାଙ୍କୁ ପୁଣି ଏଠାରୁ ବଦଳି କରାଯିବା ଚର୍ଚ୍ଚାର ବିଷୟ ହୋଇଛି।

ବାଲେଶ୍ୱରକୁ ମହାନଗର ନିଗମ ଘୋଷଣା ଦାବି

ବାଲେଶ୍ୱର, ୧।୩(ସମିସ): ବାଲେଶ୍ୱର ମ୍ୟୁନିସିପାଲିଟିର ସୀମା ୫୦ ବର୍ଷ ଧରି ଅପରିବର୍ତ୍ତିତ ରହିଛି ଓ ମାତ୍ର ସହରର ସୀମା ବହୁ ଅଞ୍ଚଳକୁ ଏଇ ବର୍ଷ ମାନଙ୍କ ମଧ୍ୟରେ ବ୍ୟାପି ଯାଇଛି ଓ କଲେଜ, ୟୁନିଭର୍ସିଟି ତଥା ଶିଳ୍ପାଞ୍ଚଳ ଅଞ୍ଚଳ ସବୁ ସହରାଞ୍ଚଳର ସଂଜ୍ଞା ଭିତରେ ଥିଲେ ବି ବାଲେଶ୍ୱର ସହର ସରକାରୀ ସ୍ତରରେ କାର୍ଯ୍ୟବିସ୍ତାର କରିପାରିନି ଓ ଯାହାଫଳରେ ଏବେବି ବାଲେଶ୍ୱର ଏକ ପୌରାଞ୍ଚଳ ଭାବେ ପରିଗଣିତ। ସହର ତଥା ସହର ଲଗ୍ନ ଅଞ୍ଚଳ ଗୁଡିକରେ ପ୍ରବଳ ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ ବାଲେଶ୍ୱର ସହର ବାଲେଶ୍ୱର ନଗର ନିଗମ ଭାବେ ପରିଗଣିତ ହୋଇନାହିଁ। ବାଲେଶ୍ୱର ମହାନଗର ନିଗମ ହେବା ପାଇଁ ସମସ୍ତ ଆବଶ୍ୟକୀୟ ମାନଦଣ୍ଡ ରହିଛି। ରାଜ୍ୟ ସରକାର ଏ ଦିଗରେ ସକରାତ୍ମକ ମନୋଭାବ ପୋଷଣ କରିବା ସହିତ ଏହାକୁ ଅବିଳମ୍ବେ ମହାନଗର ନିଗମ ଘୋଷଣା କରିବାକୁ ଭଏସ ଅଫ୍ ବାଲେଶ୍ୱର ପକ୍ଷରୁ ଦାବି କରାଯାଇଛି। ଆସନ୍ତା ମାର୍ଚ୍ଚ ୪ ତାରିଖ ଉକ୍ତ ଦାବିକୁ ନେଇ ଏକ ମୋଟର ସାଇକେଲ ଶୋଭାଯାତ୍ରା ସହିତ ସାଧାରଣ ସଭା ଓ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଗଠନର ସଭାପତି ଅରିଜିତ ଘୋଷାଲ ଓ ସଭ୍ୟ ଶୁଭମସାଇ ମହାପାତ୍ର ମିଳିତ ଭାବେ ଜଣାଇଛନ୍ତି।

ଦୁର୍ଘଟଣାରେ ୩ ବାଇକ୍ ଆରୋହୀ ଗୁରୁତର

ସୋର, ୧।୩(ସମିସ): ସୋର ଥାନା ଅଇଁରୀ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ତିନି ବାଇକ ଆରୋହୀ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆଜି ରାତିରେ ଭଦ୍ରକ ଜିଲ୍ଲା ପଢୁଆଁ ଗ୍ରାମର ସୁମନ୍ତ ମଲିକ, ରବୀନ୍ଦ୍ର ମଲିକ ଏବଂ ରଞ୍ଜନ ମଲିକ ବାଇକ ଯୋଗେ ସୋରରୁ ଫେରୁଥିବା ବେଳେ ଏହି ସ୍ଥାନରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ୩ ଜଣ ଯାକ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ଏହି ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଶିବାନୀ ଶଙ୍କର ରାୟ ଏବଂ ସାଥୀ ସମସ୍ତଙ୍କୁ ଉଦ୍ଧାର କରି ନିଜ କାରରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

ମୁକ୍ତିଲତା ଆଇଚଙ୍କ ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର, ୧।୩(ସମିସ): ରେମୁଣା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ କବୟିତ୍ରୀ ମୁକ୍ତିଲତା ଆଇଚଙ୍କ ତୃତୀୟ ପୁସ୍ତକ 'ଟୀକାକାର ଶ୍ରୀଧରସ୍ୱାମୀ'ର ଉନ୍ମୋଚନ ଉତ୍ସବ ରେମୁଣା ଗୌରୀଶଙ୍କର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ନରୋତ୍ତମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ସାଂସଦ ଡଃ. ପ୍ରସନ୍ନ କୁମାର ପାଟଶାଣୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ଡ. କ୍ଷିତୀଶ୍ୱର ଦାଶ, ସମ୍ମାନିତ ଅତିଥି ଭାବେ ସ୍ୱାମୀ ସଦାଶିବାନନ୍ଦ ସରସ୍ୱତୀ, ସମୀକ୍ଷକ ଭାବେ କବି କାଳୀପଦ ପଣ୍ଡା, ପ୍ରକାଶକ କବି ରମେଶ ଚନ୍ଦ୍ର ମହାରାଣା ଓ ଲେଖିକା ମୁକ୍ତିଲତା ଆଇଚ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଗୌରାଙ୍ଗ ପଢ଼ିଆରୀ ମଞ୍ଚ ଆହ୍ୱାନ, ପ୍ରଦୀପ ମିଶ୍ର ବେଦ ପାଠ, ଗୋପୀନାଥ ମହାରଣା ବନ୍ଦେ ଉତ୍କଳ ଜନନୀ ଗାନ କରିଥିବା ବେଳେ ବ୍ରହ୍ମାନନ୍ଦ ଦାଶ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ଶିଶୁ ଶିଳ୍ପୀ ଆଗ୍ରଗ୍ରାକା ଦାସ ନୃତ୍ୟ ପରିବେଷଣ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ରାମନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ବିଶ୍ୱାଳ, ରମେଶ ବେହେରା, କବି କୁମାର ଗୋପାଳ, ଦିଲ୍ଲୀପ ନାୟକ, ନିରଞ୍ଜନ ସାହୁ, ଡଃ. ଭାଗବତ ପ୍ରସାଦ ଦାସ, ପ୍ରଦୀପ ବେହେରା, କୃଷ୍ଣ ମୋହନ ମହାରଣା, ପ୍ରମିଳା ଚାନ୍ଦ, ପ୍ରତିମା ମଲ୍ଲିକ, ଚକ୍ରଧର ଦାସ, ପ୍ରଭାକର ସାହୁ, ଅଜୟ ମହାନ୍ତି, ହରେକୃଷ୍ଣ ପଣ୍ଡା, ବିଜୟ ମହାକୁଡ଼, ସତ୍ୟ ପାକଳ, ଯୋଗେଶ ଚନ୍ଦ୍ର ବେହେରା, ପ୍ରଶାନ୍ତ ମହାପାତ୍ର, ରବି ବେହେରା, ଦୁଷ୍ମନ୍ତ ଦାସ, ଡଃ. ଜଗବନ୍ଧୁ ମହାପାତ୍ର, ଅଜୟ ନାୟକ, ଅବନି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

- ଜମିଜମା ବିବାଦରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ମାମଲା ରୁଜୁ କରୁନି କମର୍ଦ୍ଦା ପୁଲିସ, ଏସ୍‌ପିଙ୍କୁ ଅଭିଯୋଗ

ବାଲେଶ୍ୱର, ୧।୩(ସମିସ): ଜମିଜମା ବିବାଦକୁ କେନ୍ଦ୍ରକରି ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ଉଲାଡି ଗ୍ରାମର ଜନୈକ ଯୁବକଙ୍କୁ ସେହି ଗ୍ରାମର ଅନ୍ୟ ତିନିଜଣ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିବା ଯୋଗୁ ଯୁବକ ଜଣକ ଗୁରୁତର ଆହତ ହେଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଆହତ ଯୁବକଙ୍କ ତରଫରୁ କମର୍ଦ୍ଦା ଥାନାରେ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଏତଲା ଦିଆଯାଇ ଥିଲା। ମାତ୍ର ପୁଲିସ ଏତଲା ଗ୍ରହଣ କରିଥିଲେ ବି, ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିନାହିଁ। ଫଳରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଆହତ ଯୁବକଙ୍କ ପକ୍ଷରୁ ଶୁକ୍ରବାର ଦିନ ଜିଲ୍ଲା ପୁଲିସ ଆରକ୍ଷୀ ଅଧ୍ୟକ୍ଷଙ୍କ ଠାରେ ଏ ବାବଦରେ ଲିଖିତ ଅଭିଯୋଗ କରାଯାଇଛି। ଉଲାଡି ଗ୍ରାମର ଶଙ୍କର୍ଷଣ ମହାନ୍ତିଙ୍କ ପୁଅ ସଚ୍ଚିଦାନନ୍ଦ ମହାନ୍ତି(୩୦) ଙ୍କ ସହିତ ସେହି ଗ୍ରାମର ଅନ୍ୟ ତିନିଜଣ ବ୍ୟକ୍ତିଙ୍କର ଚାଷଜମିରେ ପାଣି ମଡ଼ାଇବାକୁ କେନ୍ଦ୍ରକରି ଗଣ୍ଡଗୋଳ ହେଇଥିଲା। ପରେ ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତିରେ ସଚ୍ଚିଦାନନ୍ଦ ଓ ତାଙ୍କ ପ୍ରତିପକ୍ଷଙ୍କ ମଧ୍ୟରେ ମିମାଂସା ହୋଇଥିଲା। ମାତ୍ର ଗତ ଫେବୃଆରୀ ମାସ ୨୭ ତାରିଖ ଦିନ ଅପରାହ୍ନରେ ସଚ୍ଚିଦାନନ୍ଦ ନିଜ ମୋଟରସାଇକେଲ ଯୋଗେ ବଜାରରୁ ଘରକୁ ଆସୁଥିଲାବେଳେ ରାସ୍ତାରେ ପ୍ରତିପକ୍ଷ ବ୍ୟକ୍ତି ମାନେ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟ କମର୍ଦ୍ଦା ଡାକ୍ତରଖାନା ଏବଂ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲା। ଘଟଣା ଦିନ ଆକ୍ରମଣକାରୀ ମାନଙ୍କ ବିରୁଦ୍ଧରେ ସଚ୍ଚିଦାନନ୍ଦଙ୍କ ତରଫରୁ କମର୍ଦ୍ଦା ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଥାନା ପୁଲିସ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାତ ଦୂରର କଥା, ବର୍ତ୍ତମାନ ସୁଦ୍ଧା ଥାନାରେ ମାମଲା ରୁଜୁକରି ନାହାନ୍ତି। ଅପରପକ୍ଷରେ ସଚ୍ଚିଦାନନ୍ଦ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଇଏମସି ୱାର୍ଡର ୧୦ନମ୍ବର ଶଯ୍ୟାରେ ଥାଇ ଚିକିତ୍ସିତ ହେଉଥିଲା ବେଳେ ଅଭିଯୁକ୍ତମାନେ ତାଙ୍କ ବାପାଙ୍କୁ ଥାନାରୁ କେଶ ଉଠାଇବା ପାଇଁ ବିଭିନ୍ନ ପ୍ରକାର ଧମକ ଦେଉଛନ୍ତି। ବାଧ୍ୟ ହେଇ ସଚ୍ଚିଦାନନ୍ଦଙ୍କ ପକ୍ଷରୁ ଶୁକ୍ରବାର ଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଠାରେ କମର୍ଦ୍ଦା ଥାନା ପୁଲିସର ନିଷ୍କ୍ରିୟତା ବିରୁଦ୍ଧରେ ଲିଖିତ ଅଭିଯୋଗ କରାଯାଇଛି।

ଭିନ୍ନକ୍ଷମ ଶୁଚିସ୍ମିତାଙ୍କୁ ମିଳିଲା ସରକାରୀ ସହାୟତା

ବାଲେଶ୍ୱର, ୧।୩(ସମିସ): ଭିନ୍ନକ୍ଷମ ସୁଚିସ୍ମିତାଙ୍କୁ ମିଳିଲା ସରକାରୀ ସହାୟତା। ଯୁବ ସମାଜସେବୀ ଅଜୟ ମହାନ୍ତିଙ୍କ୍ ପ୍ରୟାସ ଓ ଟୁଇଟ୍ ପରେ ଆଜି ସୁଚିସ୍ମିତାଙ୍କ ଘରେ ଜିଲ୍ଲା ପ୍ରଶାସନ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସିମୁଳିଆ ବ୍ଲକ ଈଶ୍ୱରପୁର ପଞ୍ଚାୟତ କଳାଶୁଣୀ ଗ୍ରାମର ଗୋବିନ୍ଦ ପଣ୍ଡା(୬୪) ଙ୍କ ନାତୁଣୀ ସୁଚିସ୍ମିତା(୬) ଜନ୍ମରୁ ଭିନ୍ନକ୍ଷମ। କିନ୍ତୁ ଏହି ଶିଶୁ କନ୍ୟାର ଭବିଷ୍ୟତକୁ ନେଇ ଚିନ୍ତାରେ ବୃଦ୍ଧ ଜେଜେବାପା ଆଉ ଜେଜେ ମା। କାରଣ ସୁଚିସ୍ମିତାଙ୍କ ଜନ୍ମ ପରେ ପିଠିରେ ଏକ ଟ୍ୟୁମର ହୋଇଥିଲା। ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ ପରିବାରର ରୋଜଗାରିଆ ବ୍ୟକ୍ତି ସେମିତି କେହି ନାହାନ୍ତି। ସୁଚିସ୍ମିତାଙ୍କ ଜେଜେବାପା ଗୋବିନ୍ଦ ପଣ୍ଡା କଳାଶୁଣୀ ବଜାର ଉପରେ ଗୋଟିଏ ଛୋଟ ଚାହା ଜଳଖିଆ ଦୋକାନ କରି ଯାହା ରୋଜଗାର କରନ୍ତି ସେଇଥିରେ ପରିବାର ଚଳାଇ ନାତୁଣୀର ଟ୍ୟୁମର ଅସ୍ତ୍ରୋପଚାର କରିଥିଲେ। ପରେ ଏକ ବର୍ଷରୁ ଅଧିକ ଦିନ ହେବ ନିଜ ଜନ୍ମକଲା ମା ପିଲାଟିକୁ

ଅସହାୟ ଜେଜେବାପା ଆଉ ଜେଜେ ମା ପାଖରେ ଛାଡ଼ି କୁଆଡ଼େ ପଳେଇ ଯାଇଛନ୍ତି ବୋଲି ଗୋବିନ୍ଦ ପଣ୍ଡା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ଖବର ପାଇବା ପରେ ଯୁବ ସମାଜସେବୀ ତଥା ଆପଣ ଏକା ନୁହନ୍ତି ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି (୨୬) ଟୁଇଟ ଯୋଗେ ଓଡ଼ିଶା ସରକାର ଓ ଜିଲ୍ଲାପାଳ, ସିମୁଳିଆ ବିଡ଼ିଓଙ୍କୁ ଜଣାଇଥିଲେ। ପରେ ଅଜୟ ବ୍ୟକ୍ତିଗତ ଭାବେ ବାରମ୍ବାର ସ୍ଥାନୀୟ ବିଡ଼ିଓ ଏବଂ ବି ଏସ ଏସ ଓ ଙ୍କ ସହ ଫୋନ ଆଉ ହ୍ୱଆଟ୍ସ ଅପ୍ ରେ ପ୍ରତିଦିନ ଯୋଗାଯୋଗ କରିବା ପରେ ବିଡ଼ିଓ ସମ୍ମିତ କୁମାର କରଙ୍କ ନିର୍ଦ୍ଦେଶରେ ଆଜି ସିମୁଳିଆ ବ୍ଲକର ବି ଏସ ଏସ ଓ ପ୍ରଶାନ୍ତ କୁମାର ବାରିକ ନିଜେ ଯାଇ ପିଲାର ଏକ ଜଏଣ୍ଟ୍ ଆକାଉଣ୍ଟ ଖୋଲି ଆକାଉଣ୍ଟ ପାସବୁକ୍ ବହି ସହ ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ କିଛି ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିସହିତ ଆଗାମୀ ଦିନରେ କିପରି ସୁଚିସ୍ମିତାକୁ ଭିନ୍ନକ୍ଷମ ଭତ୍ତା, ରାସନ୍ କାର୍ଡ ଏବଂ ବିଜୁ ସ୍ୱାସ୍ଥ୍ୟ କାର୍ଡ ମିଳିବ ସେନେଇ ସେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରିବେ ବୋଲି ଜଣାଇଛନ୍ତି।

ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ- ୨୦୨୪ ପାଳିତ

ବାଲେଶ୍ୱର, ୧।୩(ସମିସ): ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ- ୨୦୨୪ ପାଳିତ ହୋଇଯାଇଛି। ଭିନ୍ନକ୍ଷମଙ୍କ ଅନ୍ତର୍ଭୁକ୍ତି, ଅଭିଗମ୍ୟତା ଏବଂ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗଦେଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଓ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଭିନ୍ନକ୍ଷମଙ୍କ ଅଧିକାର ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କୁ ଅଧିକ ଅନ୍ତର୍ଭୁକ୍ତି କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭିନ୍ନକ୍ଷମଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ମୁଖ୍ୟଅତିଥି ଶ୍ରୀ ନାୟକ ନିଜର ବାର୍ତ୍ତା ରଖିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକୃଷ୍ଣ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୫ଜଣ ହି

୨୪ ଘଣ୍ଟାରେ ମିଳିଲା ଖୁସି ଖବର

ଚାଷଜମିରୁ ଜଳ ନିଷ୍କାସନ ପାଇଁ ଫିଟିଲା ବାଟ

- ପ୍ରକଳ୍ପକୁ ମିଳିଲା ପ୍ରଶାସନିକ ଅନୁମୋଦନ
- 'ଝ-ଟି' ଅଧ୍ୟକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଦକ୍ଷିଣ ଭୋଗରାଇ କୃଷି କ୍ଷେତ୍ର ସୁରକ୍ଷା ମଞ୍ଚ

ବାଲେଶ୍ୱର (ଉତ୍ତର), ୧୩ (ସମିସ) :

ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଅନ୍ତର୍ଗତ ଭୋଗରାଇର ୩୨ଟି ପଞ୍ଚାୟତରୁ ବର୍ଷାଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଛି। ରାଜ୍ୟ ସରକାର ଦକ୍ଷିଣ ଭୋଗରାଇ ବାସୀଙ୍କ ପ୍ରମୁଖ ସମସ୍ୟାକୁ ଗୁରୁତ୍ୱର ସହ ବିଚାର ପୋତି ହୋଇ ପଡ଼ିଥିବା କେତେକ ଜଳ ନିଷ୍କାସନ ନାଳ ସହିତ ବିଭିନ୍ନ ସ୍ଥାନରେ ନୂତନ ନାଳ ଖନନ କରିବା ପାଇଁ ୧୦୦କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଏହି ପ୍ରକଳ୍ପ ସରକାରଙ୍କ ବୈଷୟିକ କମିଟି ଦ୍ୱାରା ମଞ୍ଜୁର ହୋଇଥିଲା ବେଳେ ଦୀର୍ଘ ୧ବର୍ଷ ଧରି ପ୍ରଶାସନିକ ମଞ୍ଜୁରୀ ମିଳି ନ ଥିଲା। ଏଥିପାଇଁ ଆନ୍ଦୋଳନ ଚଳାଇଥିବା ଦକ୍ଷିଣ ଭୋଗରାଇ କୃଷି ସୁରକ୍ଷା ମଞ୍ଚ ତଥା କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ଗୁରୁବାର ଭୋଗରାଇ ଶଙ୍କାରୀ ସ୍ଥିତ ମନ୍ମଥ-ମନୋଜ ସ୍ମୃତିପୀଠ ପରିଦର୍ଶନ ରେ ଆସିଥିବା ଝ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଞ୍ଚର ସଦସ୍ୟ ମାନେ ବିଜେଡି ରାଜ୍ୟ ମୁଖପାତ୍ର ଗୌତମବୁଦ୍ଧ ଦାସଙ୍କ ପରାମର୍ଶ କ୍ରମେ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଠିକ୍ ୨୪ ଘଣ୍ଟା ପରେ ଆଜି ଭୋଗରାଇ ବାସୀଙ୍କୁ ସୁଖବର ମିଳିଛି। ଏହି ପ୍ରକଳ୍ପକୁ ଆଜି ପ୍ରଶାସନିକ ମଞ୍ଜୁରୀ ମିଳିଛି। ଭୋଗରାଇ ଚାଷୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି। ଖୁବ୍‌ଶୀଘ୍ର ଏହାର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା ଉଦଜ୍ଞାବିତ ହୋଇଛି। ଫଳରେ ଚାଷୀ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଝ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଞ୍ଚ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ଉଦ୍ୟମ କ୍ରମେ ଦୀର୍ଘ ୧୦ବର୍ଷ ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନାର ପ୍ରସ୍ତାବ ଦିଆଯାଇଥିଲା। ଏ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବୃଡାନ୍ତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ନିକଟକୁ ପଠା ଯାଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନ ମିଳିବାରୁ ଏହି ଯୋଜନାଟି ଅଟକି ଯାଇଥିଲା। ଏହା କାର୍ଯ୍ୟକାରୀ ହୋଇଥିଲେ ଉଭୟ ଉତ୍ତର ଭୋଗରାଇରୁ ବନ୍ୟା ଜଳ ଏବଂ ଦକ୍ଷିଣ ଭୋଗରାଇ ରୁ ବର୍ଷା ଜଳ ସିଧାସଳଖ ସମୁଦ୍ରକୁ ନିଷ୍କାସନ ହୋଇ ପାରିଥାନ୍ତା। ମାତ୍ର ତାହା ମଞ୍ଜୁରୀ ନ ମିଳିବାରୁ ବିଶେଷ କରି ଦକ୍ଷିଣ ଭୋଗରାଇ ର ହଜାର ହଜାର ହେକ୍ଟର ଜମି ବର୍ଷା ଦିନରେ ଚାଷ ହୋଇ ନ ପାରି ପଡ଼ିଆ ରହୁଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏତଦ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଚାଷୀମାନେ କୃଷି କ୍ଷେତ୍ର ସୁରକ୍ଷା ମଞ୍ଚ ନାମରେ ସଂଗଠନ ଗଢ଼ି ଆନ୍ଦୋଳନ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନ ଜାରୀ ରହିଥିବା ବେଳେ ଗତ ମଇ ମାସରେ ଝ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭୋଗରାଇ ଗସ୍ତରେ ଆସିଥିବା ବେଳେ ମଞ୍ଚ ପକ୍ଷରୁ ତାଙ୍କୁ ପୁଣି ଦାବିପତ୍ର ପ୍ରଦାନ କରାଯାଇଥିଲା। ଫଳ ସ୍ୱରୂପ ଜଳସମ୍ପଦ ବିଭାଗ ଏବଂ ଡ୍ରେନେଜ ବିଭାଗର ଉଚ୍ଚ ପଦସ୍ଥ ବିଶେଷଜ୍ଞ ଦଳ ଏଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ବିଧାୟକ ଅନନ୍ତ ଦାସ ଏବଂ ମଞ୍ଚର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ଏଠାରେ ଜଳ ନିଷ୍କାସିତ ବିଭିନ୍ନ ମୁଖ୍ୟ ନାଳ, ଖାଲ ଯେଉଁ ଗୁଡ଼ିକ ପୋତି ହୋଇଥିଲା ତାର ପୁନରୁଦ୍ଧାର ଏବଂ ଆବଶ୍ୟକ ସ୍ଥଳେ ନୂତନ ନାଳ ଖନନ ଏଥି ସହିତ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ନୟନ ଯୋରି ଇତ୍ୟାଦି ଖନନ କରିବାର ପ୍ରସ୍ତାବକୁ ନେଇ ଏକ ବୃଡାନ୍ତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇ ଏହାର ବୈଷୟିକ ଅନୁମୋଦନ ଲାଭ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପ ପାଇଁ ୯୯କୋଟି ୭୭ଲକ୍ଷ ଟଙ୍କା ମଞ୍ଜୁର କରାଯିବାର ଘୋଷଣା କରିଥିଲେ। ମାତ୍ର ଦୀର୍ଘ ଦିନ ଧରି ଏହି ପ୍ରକଳ୍ପ ପ୍ରଶାସନିକ ଅନୁମୋଦନ ମିଳି ପାରୁ ନ ଥିବାରୁ କାର୍ଯ୍ୟ ଆଗେଇ ପାରୁ ନଥିଲା। ତେବେ ଏହି ସମସ୍ୟାକୁ ନେଇ ଆନ୍ଦୋଳନ କରୁଥିବା ଦକ୍ଷିଣ ଭୋଗରାଇ କୃଷି କ୍ଷେତ୍ର ସୁରକ୍ଷା ମଞ୍ଚର ଏକ ବୈଠକରେ ବିଜେଡି ରାଜ୍ୟ ମୁଖପାତ୍ର ତଥା ଯୁବନେତା ଗୌତମବୁଦ୍ଧ ଦାସ ଯୋଗ ଦେଇଥିଲେ। ଏହି ବୈଠକରେ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ହୋଇନଥିବା ଶ୍ରୀ ଦାସ ଅବଗତ ହୋଇଥିଲେ। ଶ୍ରୀ ଦାସ 'ଝ-ଟି' ଅଧ୍ୟକ୍ଷଙ୍କ ଭୋଗରାଇ ଗସ୍ତ ବେଳେ ଏ ବିଷୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମଞ୍ଚର କାର୍ଯ୍ୟକାର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ସଂଘର ଏକ ପ୍ରତିନିଧିଦଳ ଗତ ଗୁରୁବାର ଶ୍ରୀ ଦାସଙ୍କ ସହିତ ଝ-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ। ଏହି ସ୍ମାରକପତ୍ର ପାଇବାର ୨୪ ଘଣ୍ଟା ନ ପୂରୁଣୁ ଏହି ପ୍ରକଳ୍ପ ଆଜି ପ୍ରଶାସନିକ ଅନୁମୋଦନ ଲାଭ କରିଛି। ଅନ୍ୟପକ୍ଷରେ ଶ୍ରୀ ଦାସ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କରେ ସୂଚନା ପାଇବା ପରେ ଜଳ ସେଚନ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ ଭକ୍ତ ରଞ୍ଜନ ମହାନ୍ତିଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଭୋଗରାଇବାସୀଙ୍କ ତରଫରୁ ଅନୁରୋଧ କରିଥିବା ଜଣାପଡ଼ିଛି। ଶ୍ରୀ ମହାନ୍ତି ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରି ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ହରିପୁର ହରିଭକ୍ତି ପ୍ରଦାୟିନୀ ଧର୍ମସଭାର ପୁନରୁଦ୍ଧାର ପାଇଁ 'ଝ-ଟି' ଅଧ୍ୟକ୍ଷଙ୍କୁ ଦାବିପତ୍ର

ଚୌକି, ୧୩(ସମିସ) ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମରେ ଥିବା ହରିଭକ୍ତି ପ୍ରଦାୟିନୀ ଧର୍ମ ସଭାର ପୁନରୁଦ୍ଧାର ପାଇଁ କମିଟି ର ସଦସ୍ୟ ମାନେ ଝ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ହରିପୁର ହରିଭକ୍ତି ପ୍ରଦାୟିନୀ ଧର୍ମ ସଭା ୧୯୬୪ ମସିହାରେ ଆରମ୍ଭ ହୋଇଥିଲା। ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଦାସ ଓ ଗୁଣାକର ପାତ୍ର ଏବଂ ୨୨ ମୌଜାର ଲୋକମାନେ ଆରମ୍ଭ କରିଥିଲେ। ବର୍ଷରେ ବହୁତ ଦିନ ହରିନାମ ସଂକୀର୍ତ୍ତନ ଓ ଅନ୍ନ ଦାନ ଆଦି ବହୁ କାର୍ଯ୍ୟକ୍ରମ ମାନ କରିଥାନ୍ତି।ଏବେ ସମାଜଟି ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିବାରୁ ଏହାର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଶଙ୍କାରୀସ୍ଥିତ ମନ୍ମଥ-ମନୋଜ ସ୍ମୃତିପୀଠ ପରିଦର୍ଶନ କରିବାପାଇଁ ଭୋଗରାଇ ଗସ୍ତ ରେ ଆସିଥିବା ଝ-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଉକ୍ତ ଧର୍ମ ସଭାର ସଭ୍ୟମାନେ ଏହାର ପୁନରୁଦ୍ଧାର ପାଇଁ ଦାବିପତ୍ର ଦେଇଥିଲେ। କମିଟି ପକ୍ଷରୁ ହରିଶ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ବେଜ, ଅଂଶୁମାନ ମାହାନ୍ତି, ସୁବଲ ଜେନା, ଅଶୋକ ଦତ୍ତ, ଦିଲୀପ ଦାସ, ଶ୍ୟାମାପଦ ଦତ୍ତ, ଶ୍ରୀକାନ୍ତ ଦତ୍ତ, ରଞ୍ଜନ ଦତ୍ତ, ଗୌରାଙ୍ଗ ବେହେରା, ବସନ୍ତ ଦତ୍ତ ସୁସାନ୍ତ ପାତ୍ର ପ୍ରମୁଖ ଙ୍କ ସହ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।

'ଝ-ଟି' ଅଧ୍ୟକ୍ଷଙ୍କୁ ସାମ୍ବାଦିକ ସଂଘର ଦାବିପତ୍ର

ଚନ୍ଦନେଶ୍ୱର, ୧୩(ସମିସ): 'ଝ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଶଙ୍କାରୀସ୍ଥିତ ମନ୍ମଥ-ମନୋଜ ସ୍ମାରକୀ ପୀଠ ପରିଦର୍ଶନରେ ଆସିଥିବା ବେଳେ କନ୍ୟା ନଗରୀ ହେଲିପ୍ୟାଡ ପଡ଼ିଆ ଠାରେ ଭୋଗରାଇ ପ୍ରେସକ୍ଲବର ସଭାପତି ଅମର ମହାନ୍ତିଙ୍କ ନେତୃତ୍ୱରେ ସମୂହ ସାମ୍ବାଦିକ ସଂଘ ତାଙ୍କୁ ସାକ୍ଷାତ କରି ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ରାଜ୍ୟ ତମାମ ଗଣମାଧ୍ୟମର କାର୍ଯ୍ୟରତ ସାମ୍ବାଦିକମାନଙ୍କ ବହୁବିଧ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ରାଜ୍ୟର ଅଗ୍ରଣୀ ଗଣତାନ୍ତ୍ରିକ ଗଣମାଧ୍ୟମ ଅନୁଷ୍ଠାନ ଭୋଗରାଇ ସାମ୍ବାଦିକ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବି ସମୂହ ଗୁଡ଼ିକ ହେଲା ୧.ସାମ୍ବାଦିକ ମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ଭୋଗରାଇରେ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାର ପାଇଁ ଏକ ସାମ୍ବାଦିକ ଭବନ ନିର୍ମାଣ କରାଯାଉ, ସାମ୍ବାଦିକଙ୍କ ମୃତ୍ୟୁକାଳୀନ ଆର୍ଥିକ ସହାୟତା ରାଶି ୪ଲକ୍ଷ ଟଙ୍କାରୁ ଅନ୍ୟୂନ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହିତ ସଂଲଗ୍ନ ପରିବାର ବାର୍ଷିକ ଆୟ ସୀମା ଉଠାଇ ଦିଆଯାଉ, ସାମ୍ବାଦିକ ମାନଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଉ, ସରକାରଙ୍କ ଦ୍ୱାରା ଘୋଷିତ ସାମ୍ବାଦିକଙ୍କ ନିମନ୍ତେ ବ୍ୟାଙ୍କ ଋଣ ପ୍ରଦାନ ନିମନ୍ତେ ବିଧି ବ୍ୟବସ୍ଥାର ସରଳିକରଣ କରାଯିବା ସହିତ ବ୍ୟାଙ୍କ ଗୁଡିକୁ ସର୍କୁଲାର ଜାରି କରାଯାଉ, ସାମ୍ବାଦିକ ଅଧିସ୍ୱୀକୃତି ନୀତିରେ ସରଳିକରଣ କରି ଆଞ୍ଚଳିକରୁ ବ୍ଲକ ସ୍ତର ସାମ୍ବାଦିକଙ୍କୁ ସାମିଲ କରାଯାଉ, ସାମ୍ବାଦିକଙ୍କ ବୃତ୍ତିଗତ, ସାମାଜିକ, ଅର୍ଥନୈତିକ, ପାରିବାରିକ, ଗୋଷ୍ଠୀଗତ, ଆନୁଷ୍ଠାନିକ ଆଦି ସୁରକ୍ଷା ଦିଗରେ ବୈଚାରିକ ସମନ୍ୱୟ ରକ୍ଷା ନିମନ୍ତେ ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତର ପର୍ଯ୍ୟନ୍ତ ବିଭିନ୍ନ କମିଟି ଗଠନ ଆଦି ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଉପଦେଷ୍ଟା ପ୍ରଦୀପ ଦାସ, ବରିଷ୍ଠ ସାମ୍ବାଦିକ ସୁବାସ ଦାସ, ଅନନ୍ତ ପ୍ରଧାନ, ଭଗବାନ ଚନ୍ଦ୍ର ବେହେରା, ଶିଶିର କୁମାର ପ୍ରଧାନ, ଦିଲ୍ଲୀପ ଦାସ, ସୁରେଶ ମହାନ୍ତି, ରାଧାକାନ୍ତ ପ୍ରଧାନ ସମେତ ଭୋଗରାଇ ସାମ୍ବାଦିକ ସଂଘର ସମୂହ ସାମ୍ବାଦିକ ଉପସ୍ଥିତ ଥିଲେ।

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୧୩ (ସମିସ) : ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟକ୍ରମଙ୍କୁ ଜଳେଶ୍ୱର ସହର ବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜଳେଶ୍ୱରର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପରାମର୍ଶରେ ଜଳେଶ୍ୱର ଟାଉନ ବିଜୁ ଜନତା ଦଳ ତରଫରୁ ୱାର୍ଡ ନମ୍ବର ୮ ପଞ୍ଚୁଘଣ୍ଟା ଠାରେ ଆଜି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ କାଉନସିଲର ଚିତ୍ତ ରଞ୍ଜନ ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର, ନଗର ଯୁବ ବିଜେଡି ସଭାପତି ଆନନ୍ଦ କର ଦଳର ବରିଷ୍ଠ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ।

ସେବା ସମବାୟ ସମିତି କର୍ମଚାରୀଙ୍କ ଧାରଣା

ଖଇରା, ୧୩ (ସମିସ): ଖଇରା ବ୍ଲକର ୧୪ଟି ସେବା ସମବାୟ ସମିତିରେ କାର୍ଯ୍ୟରତ କର୍ମଚାରୀ ମାନେ ଆଜି ନିଜର ୩ ଦଫା ଦାବି ନେଇ ନାଟାପଡ଼ା ଛକ ସ୍ଥିତ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିକଟରେ ଧାରଣାରେ ବସିଛନ୍ତି। କର୍ମଚାରୀଙ୍କୁ କ୍ୟାଡର ଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନଧାରୀଙ୍କ ଡିଏ ୧୬୪ରୁ ୨୩୦ କୁ ବୃଦ୍ଧି ଓ ଷଷ୍ଠ ବେତନ କମିଶନ ହିସାବରେ ସପ୍ତମ ବେତନ କମିଶନକୁ ପିଏସିଏସ ବା ଏଲଏଏମପିସି ରେ କାର୍ଯ୍ୟକାରୀ କରିବାକୁ କର୍ମୀମାନେ ଦାବି କରିଛନ୍ତି। ତେବେ ଆଜି ଠାରୁ ଆରମ୍ଭ ହୋଇଥିବା ଏହି ଧାରଣା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବା ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ଚାଷୀମାନେ ନିଜର ଋଣ ନବୀକରଣ ଭଳି ବଡ ବଡ ସମସ୍ୟାରେ ସମ୍ମୁଖୀନ ହେବେ। ତେବେ ଆଜିର ଏହି ଧାରଣାରେ ଅକ୍ଷୟକୁମାର ରାଉତ, ଦେବାଶିଷ ପଢ଼ି, ବିକାଶ କୁମାର ନାୟକ, ଗଗନ ବିହାରୀ ଜେନା, ଗଜେନ୍ଦ୍ର କୁମାର ଜେନା, ପ୍ରଫୁଲ କଣ୍ଡା, ପ୍ରଶାନ୍ତ କୁମାର ନାୟକ, ରାଜେଶ କୁମାର ପାତ୍ର, ଶ୍ରୀକାନ୍ତ ପଲେଇ ପ୍ରମୁଖ ଯୋଗ ଦେଇଥିଲେ।

ଅବ୍ୟବସ୍ଥାରେ ବାଳିକା ଉଚ୍ଚ ବିଦ୍ୟାଳୟ

ରାଜବରହମପୁର, ୧୩(ସମିସ): ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ ବରହମପୁର ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଅହରହ ହାଇମାଷ୍ଟ ଲାଇଟ୍ ଜଳୁଥିବାର ଦେଖିବାକୁ ମିଳିଛି। ବିଦ୍ୟାଳୟ ଗୁଡିକୁ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାର ସାହାଯ୍ୟ ମିଳୁଛି, ଏପରିକି ଇଲେକ୍ଟ୍ରି ବିଲ୍, ରାତ୍ରି ଜଗୁଆଳୀ, ଝାଡୁଦାର, ଦିନରେ ଚପରାସି, ପିଲାଙ୍କ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସରକାର ଦେଉଛନ୍ତି। କିନ୍ତୁ ଏହି ବିଦ୍ୟାଳୟର ସମସ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ଯେପରି କେହି ନାହାନ୍ତି, ଦିନରେ ଲାଇଟ୍ ଜଳିବା, ବିଦ୍ୟାଳୟ ପରିସରରେ ଗୋରୁ ଗାଈ, ଛେଳି ମେଣ୍ଢା, ଚରିବା, ଲଗାଯାଇଥିବା ଗଛ ଗୁଡ଼ିକ ନଷ୍ଟ ହେବା, ପରିସର ମଧ୍ୟ ରେ ଅନାବନା ଗଛ ଉଠି ଅନାବନା ଜଙ୍ଗଲ ତିଆରି ହେଇଛି। ଯାହାକି ବାଳିକା ବିଦ୍ୟାଳୟ ପାଇଁ ଦିନରେ ମଧ୍ୟ ବିପଦ ସୃଷ୍ଟି ହେବାର ଆଶଙ୍କା, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ହୋତା ବିଦ୍ୟାଳୟର ଉନ୍ନତି ପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦହମୁଣ୍ଡା, ୧୩(ସମିସ): ଭୋଗରାଇ ବ୍ଲକ ପୁରୁଷୋତ୍ତମପୁର ଝଗଡେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଆଜି ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତିଙ୍କୁ ବିଦ୍ୟାଳୟରୁ ତାଙ୍କ ଉଲାଡ଼ି ଗ୍ରାମ ସ୍ଥିତ ବାସଭବନ ଠାରୁ ଗ୍ରାମ ବାସୀ ତଥା ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ଏହାପରେ ଏକ ସଭାକାର୍ଯ୍ୟ ତାଙ୍କ ବାସଭବନରେ ଆୟୋଜିତ ହୋଇଥିବାବେଳେ ଏଥିରେ ସଭାପତିତ୍ୱ କରିଥିଲେ ପ୍ରାକ୍ତନ ଛାତ୍ର ବିଷ୍ଣୁପଦ ଦାସ ଅଧିକାରୀ। ଦିଲ୍ଲୀପ ସାର୍ ଜଣେ ଖାଲି ଶିକ୍ଷକ ନ ଥିଲେ ଜୀବନ ସାରା ସେ ମଣିଷ ତିଆରି କାରଖାନାର ବିଶ୍ୱକର୍ମା ସାଜି ଗଢି ଜୀବନ ଦାନ ଦେଉଥିଲେ। ସବୁଠାରୁ ବଡ଼ କଥା ହେଲା ଏହି ସଭାରେ ପାଖାପାଖି ଶହେରୁ ଅଧିକ ଛାତ୍ରଛାତ୍ରୀ ମାନେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲେ। ସାର୍ ଜଣେ ଜନଦରଦୀ ମଣିଷ ଏବଂ ପ୍ରତ୍ୟେକ ମଣିଷର ହୃଦୟକୁ ବୁଝିପାରୁଥିଲେ ତାଙ୍କର ଏହି ମହାନତା ଜଳନ୍ତ ଉଦାହରଣ ଆଜି ଅପରାହ୍ନ ୪ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଆସି ସାରଙ୍କ ପାଦ ଛୁଇଁ ପ୍ରଣାମ କରିବା ସହିତ ଆଶିର୍ବାଦ ନେଇ ଥିଲେ।

ଅବସରକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର ବ୍ଲକ, ୧୩ (ସମିସ) : ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍

କୁଳିଦା ପଞ୍ଚାୟତ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ବସ୍ତା ବ୍ଲକ, ୧୩ (ସମିସ) :

ବସ୍ତା ବ୍ଲକ ଅନ୍ତର୍ଗତ କୁଳିଦା ପଞ୍ଚାୟତ କାର୍ଯ୍ୟାଳୟର ଉପର ମହଲାରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଛି। ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱ ମିଶନ ଶକ୍ତି ଗୃହରେ ବୈଠକ ଚାଲୁଥିବା ସମୟରେ ପଞ୍ଚାୟତ କାର୍ଯ୍ୟାଳୟର ଉପର ମହଲାରେ ହଠାତ୍ ନିଆଁ ଲାଗି ବାହାରକୁ ଭୀଷଣ ଧୂଆଁ ବାହାରୁଥିବାର ଦେଖି ମହିଳାମାନେ ବସ୍ତା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାତ୍ର ବସ୍ତା ଅଗ୍ନିଶମ ବାହିନୀ ଅନ୍ୟତ୍ର ନିଆଁ ଲିଭାଇବାକୁ ଯାଇଥିବାରୁ ରାସଗୋବିନ୍ଦପୁର ଓ ଜଳେଶ୍ୱର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପ୍ରଥମେ ରାସଗୋବିନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଜାରି ରଖିଥିବା ବେଳେ ଅଳ୍ପ ସମୟ ମଧ୍ୟରେ ଜଳେଶ୍ୱର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାରେ ଲାଗି ପଡ଼ିଥିଲେ। ତେବେ ସ୍ଥାନୀୟସରପଞ୍ଚଙ୍କ କହିବା ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କିଛି ଦିନ ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମର ପରେ ଗୋଟିଏ ଗ୍ୟାସ୍ ଟାଙ୍କି ସହ ଅଧା ଭର୍ତ୍ତି ଅନ୍ୟ ଏକ ଗ୍ୟାସ ଟାଙ୍କି ପଞ୍ଚାୟତ କାର୍ଯ୍ୟାଳୟର ଉପର ମହଲାରେ ରଖାଯାଇଥିଲା। ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ବାହାରି ବିଦ୍ୟୁତ ତାର ସଂସ୍ପର୍ଶରେ ସଟ୍ ସର୍କିଟରୁ ନିଆଁ ବାହାରି ଗ୍ୟାସ୍ ଟାଙ୍କିକୁ ସଂଯୋଗ ହୋଇ ଏଭଳି ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ତଳ ମହଲା ଓ ଉପର ମହଲାର ଛାତ ଫାଟିଯାଇଥିବା ସହ ୱାର୍ଡ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଛି। ସେହିଭଳି ମିଟିଂ ହଲ୍ ବୋର୍ଡ, କବାଟ, ଚେୟାର ସହ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଛି। ଖବର ପାଇ ବିଡିଓ ମୋହିନୀ କୁମାର ନାୟକ, ଜିପିଓ ଅଞ୍ଜନ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ବ୍ଲକ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ।

ଦିବ୍ୟାଙ୍ଗଙ୍କୁ ଅପମାନ ପ୍ରତିବାଦରେ ବିକ୍ଷୋଭ

ସୋର, ୧୩(ସମିସ) : ଆଜି ବିଶ୍ୱ ହୁଇଲ ଚେୟାର ଦିବସ ଉପଲକ୍ଷେ ଓଡ଼ିଶା ସରକାରଙ୍କ ତରଫରୁ ପ୍ରତ୍ୟେକ ବ୍ଲକ ଓ ପୌର ପାଳିକାରେ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ଏକ ହୁଇଲ ଚେୟାର ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ଥିଲା। ଏହି କାର୍ଯ୍ୟକ୍ରମକୁ ସୋର ବ୍ଲକ ଓ ପୌରପାଳିକାରେ ତରବରିଆ ଭାବେ କରାଯିବାରୁ ବ୍ଲକର ପ୍ରାୟ ୨୫ ଶହରୁ ଉହ୍ନର୍ ଦିବ୍ୟାଙ୍ଗଙ୍କ ମଧ୍ୟରୁ ମାତ୍ର ୧୧ ଜଣ ଏବଂ ପୌରପାଳିକାରେ ୨୨ ଶହରୁ ଉହ୍ନର୍ ଦିବ୍ୟାଙ୍ଗଙ୍କ ମଧ୍ୟରୁ ମାତ୍ର ଜଣେ ଭାଗ ନେଇଥିଲେ। ଏହାଛଡା ଏହି କାର୍ଯ୍ୟକ୍ରମ ଆୟୋଜନ ରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଏହା ବିରୋଧରେ ସୋର ବ୍ଲକ ଓ ପୌରପାଳିକାର ଦିବ୍ୟାଙ୍ଗମାନେ ସେମାନଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବିଡ଼ିଓଙ୍କ ଜରିଆରେ ଜିଲାପାଳଙ୍କ ଉଦେଶ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ବଦଳି ପାଇଁ ଏକ ଦାବିପତ୍ର ବିଡ଼ିଓ ସତ୍ୟନାଥ ନାୟକଙ୍କୁ ପ୍ରଦାନ କରିଛନ୍ତି। ଗତକାଲି ଦିନ ୧୧ ଟାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାବେଳେ ଅପରାହ୍ଣରେ ଚାରିଟାରେ ଆୟୋଜିତ କରାଯାଇଥିଲା ଏବଂ ସେତେବେଳ ଯାଏଁ ଦିବ୍ୟାଙ୍ଗଙ୍କ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇନଥିଲା। ଏହାଛଡା ଯାତାୟତର ବ୍ୟବସ୍ଥା ମାଗଣାରେ କରାଯିବାର ବ୍ୟବସ୍ଥା ଥିବାବେଳେ ଏ ବାବଦରେ କୌଣସି କଥା ବୁଝାନଯିବାରୁ ଦିବ୍ୟାଙ୍ଗ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦିବ୍ୟାଙ୍ଗ ମାନଙ୍କୁ ବାଲେଶ୍ୱରରେ ପୁରସ୍କୃତ କରାଯିବ ବୋଲି କୁହାଯାଇଥିଲା। ମାତ୍ର କିଛି ସମୟ ପରେ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିକୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ପରେପରେ କେବଳ ଦିବ୍ୟାଙ୍ଗ ଭଉଣୀ ମାନଙ୍କୁ ସିଲାଇ ମେସିନ ପ୍ରଦାନ କରାଯିବ ବୋଲି କୁହାଯିବାରୁ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଯାହାକୁ ନେଇ ସେମାନଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ସୋର ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ କରି ସୋର ବିଡ଼ିଓ ସତ୍ୟନାଥ ନାଏକଙ୍କ ଜରିଆରେ ଜିଲାପାଳଙ୍କ ଉଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା, ୧। ୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ରସାୟନ ବିଭାଗର ଡେମୋନୋଷ୍ଟ୍ରେଟର ନିକୁଞ୍ଜ କିଶୋର ଦାସଙ୍କୁ ଗୁରୁବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ରାଉତ ସଭାରେ ପୌରୋହିତ୍ୟ କରିଥିଲେ। ଅବସରକାରୀ କର୍ମଚାରୀ ଜଣେ ସମୟାନୁବର୍ତ୍ତୀ, ଶୃଙ୍ଖଳିତ ତଥା ସ୍ୱାଭିମାନୀ ବ୍ୟକ୍ତି ଥିଲେ ବୋଲି ସ୍ମୃତିଚାରଣ ଅବସରରେ ବକ୍ତା ମାନେ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ମାନେ ଭାବଗର୍ଭକ ପରିବେଶରେ ବିଦାୟ ଜଣାଇଥିଲେ।

ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୋଗରାଇ, ୧୩ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ଝଗଡେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ଶିକ୍ଷକ ସୁବୋଧ କୁମାର ସୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଉତ୍ତର ଭୋଗରାଇ ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି ଯୋଗ ଦେଇ ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତିଙ୍କ କାର୍ଯ୍ୟ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ମହାନ୍ତି, ବିଦ୍ୟାଧର ଦାସ ଓ କମଳ ଲୋଚନ ଦେ, ଏସଏମସି ସଭାପତି କମଳ ଲୋଚନ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଓ ତପନ ଦେ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଲତା ମହାନ୍ତି, ଶିକ୍ଷୟିତ୍ରୀ ଜୟନ୍ତୀ ରାଣୀ ମହାନ୍ତି, ସମାଜସେବୀ ରବୀନ୍ଦ୍ର ମହାନ୍ତି, ରବୀନ୍ଦ୍ର ସାହୁ, ଅଣଶିକ୍ଷା କର୍ମଚାରୀ ହରିଶ ଚନ୍ଦ୍ର ପାତ୍ର ଓ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଗଜାନନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ମହୋତ୍ସବ କମିଟି ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଔପଦା, ୧୩(ସମିସ) : ଦରଦୀ ହୃଦୟର ମଣିଷ ଯୁବ ସମାଜସେବୀ ବିଶିଷ୍ଟ ବ୍ୟବସାୟୀ ଔପଦା ଆଞ୍ଚଳିକ ମହୋତ୍ସବ ସମ୍ପାଦକ ଶ୍ରୀକାନ୍ତ ପଣ୍ଡ ଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଶୋକ ପାଳନ ହୋଇଯାଇଛି। ଗତ ଫେବୃୟାରୀ ୨୫ ରେ ବାଲେଶ୍ୱର କୁରୁଡା ଓଭର ବ୍ରିଜ ଠାରେ ସଡକ ଦୁର୍ଘଟଣା ରେ ଔପଦା ଆଞ୍ଚଳିକ ମହୋତ୍ସବ ସମ୍ପାଦକ ଜାନିକାପାଳ ଗ୍ରାମର ଶ୍ରୀକାନ୍ତ ପଣ୍ଡା ଓ ରେଲୱେ କର୍ମଚାରୀ ଔପଦା ବାଙ୍କୀପଦା ଗ୍ରାମର ମାୟାଧର ରାଜଙ୍କ ମୃତ୍ୟୁ ହୋଇଥିଲା। ଦୁଇ ଅମର ଆତ୍ମାର ସଦଗତି ପାଇଁ ଗତକାଲି ସନ୍ଧ୍ୟାରେ ଔପଦା ନୋଡାଲ ହାଇସ୍କୁଲ ଖେଳ ପଡ଼ିଆ ରେ ଏକ ଶୋକସଭା ପାଳନ କରାଯାଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ମହୋତ୍ସବ କମିଟି ର ସଭାପତି ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶତାଧିକ ସଦସ୍ୟ ସଦସ୍ୟା କର୍ମ କର୍ତ୍ତା ଓ ସ୍ଥାନୀୟ ମହିଳା ମାନେ ପଡ଼ିଆ ରୁ ଏକ ନିରବ ଶୋଭାଯାତ୍ର ବାହାରି ବଜାର ପରିକ୍ରମା କରି ପଡ଼ିଆ ରେ ଆୟୋଜିତ ଶୋକ ସଭା ରେ ଯୋଗ ଦେଇଥିଲେ।

ଏହି ଶୋକ ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ରେ ମହୋତ୍ସବ କମିଟି ପ୍ରତିଷ୍ଠାତା ଦୀପକ ପ୍ରଧାନ, ବୈକୁଣ୍ଠ ପୁଥାଳ, ଭଗବାନ ନାୟକ, ରାମ ଚନ୍ଦ୍ର ଭୂୟାଁ, ସତ୍ୟ ରଞ୍ଜନ ମଲ୍ଲିକ, ମିହିର ବେହେରା, ଅଭିମନ୍ୟୁ ପଣ୍ଡା, ଜୟଶ୍ରୀ ବେହେରା, ପରମେଶ୍ୱର କବି, ସୁଦର୍ଶନ ଯେନା, ଜ୍ୟୋତି ପ୍ରକାଶ ମହାନ୍ତି, ପ୍ରକାଶ ମହାପାତ୍ର, ଶଶୀକାନ୍ତ ବେହେରା, ରମେଶ ମହାକୁଡ଼, ଜ୍ୟୋତିଶ ମହାପାତ୍ର, ଆଶୁତୋଷ ନାୟକ, ପ୍ରକାଶ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

କୁଳିଦାରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ

ଜଳେଶ୍ୱର, ୧୩ (ସମିସ) : କୁଳିଦା ପଞ୍ଚାୟତରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅମର୍ଦା ଶାଖାର ଏକ ଗ୍ରାହକ ସେବା କେନ୍ଦ୍ର ବା ସିଏସପି ପ୍ଲସ ଉଦ୍‌ଘାଟିତ ହୋଇଛି। ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋହିନୀ କୁମାର ନାୟକ, ପିଇଓ ବିଷ୍ଣୁ ଚରଣ ଦାସ, ଜିପିଓ ଅଞ୍ଜନ ପାଣିଗ୍ରାହୀ, ଶାଖା ପ୍ରବନ୍ଧକ ଗୌରହରି ସରେନ୍, ସହ ଶାଖା ପ୍ରବନ୍ଧକ ଚିତ୍ତରଞ୍ଜନ ସେଠୀ, ଯୁପିକନ୍ କମ୍ପାନୀ ର ରାଜ୍ୟ ମୁଖ୍ୟ ଚନ୍ଦନ କୁମାର ଜେନା ଓ ଜିଆରଏସ ସୁଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ଉଦ୍‌ଘାଟନ କରିଥିବା ବେଳେ ପଞ୍ଚାୟତର ସମସ୍ତ ହିତାଧିକାରୀ, ଏସଏଚଜି ମହିଳା, ଜିପିଏଲଫ୍ କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏମ୍ବିକେ, ସିଆରପି, ଅବସର ପ୍ରାପ୍ତ ଶିକ୍ଷକଙ୍କ ସମେତ ସିଏସପି ପରିଚାଳକ ଜନ୍ମେଜୟ ପରିଡ଼ା ସହଯୋଗୀ କାହ୍ନୁ ଚରଣ ଚୌଧୁରୀ ଓ ସପନ କୁମାର ବେହେରା, ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ, ସରପଞ୍ଚ ପ୍ରତିନିଧି ଜୟକୃଷ୍ଣ ସେନାପତି ପୂର୍ବତନ ସରପଞ୍ଚ ସୁନିଲ କୁମାର ସେନାପତି, ଅରୁଣ କୁମାର ଲେଙ୍କା, ସଞ୍ଜୟ କୁମାର ବେହେରା, ନିର୍ମଳ ବେଜ ଆଦି ଉପସ୍ଥିତ ଥିଲେ।

ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ଚନ୍ଦନେଶ୍ୱର, ୧୩ (ସମିସ) : ଭୋଗରାଇର ଟୁକୁରାହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଚଳିତ ୨୦୨୨-୨୩ ଶିକ୍ଷା ବର୍ଷର ଶ୍ରେଷ୍ଠ ପରୀକ୍ଷାଫଳ, ଶିକ୍ଷାଦାନ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଦକ୍ଷତାକୁ ଭିତ୍ତିକରି ଭୋଗରାଇ ବ୍ଲକ ସ୍ତରରେ ଶ୍ରେଷ୍ଠ ଫୁଲବଣୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୯ ଜଣ ପିଲା, ପ୍ରଧାନ ଶିକ୍ଷକ ମହେଶ୍ୱର ଗିରି, ପରିଚାଳନା କମିଟିର ସଭାପତି ଭବେଶ ଚନ୍ଦ୍ର ଗିରିଙ୍କୁ ଫେବୃଆରୀ ୨୪ତାରିଖ ଶନିବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଆଜି ଶିକ୍ଷକ, ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ମାନଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠିତ ଉତ୍ସବରେ ଟୁକୁରାହାଜିରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ବିକ୍ରମ କେଶରୀ ଚନ୍ଦ, ନାରାୟଣ ମହାନ୍ତି ପଡ଼ିଆ ନିମ୍ନମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ମହାନ୍ତି, ସମାଜସେବୀ ଜ୍ଞାନେନ୍ଦ୍ର ମଣ୍ଡଳ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ଦତ୍ତ, ଶିକ୍ଷକ ସୁଦର୍ଶନ ଜେନା, ଶିକ୍ଷକ କାହ୍ନୁଚରଣ ସାହୁ, ସାମ୍ବାଦିକ ଶିଶିର କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରଧାନ ଶିକ୍ଷକ ମହେଶ୍ୱର ଗିରି, ପରିଚାଳନା କମିଟି ସଭାପତି ଭବେଶ ଚନ୍ଦ୍ର ଗିରିଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଶିକ୍ଷକ ଶ୍ରୀମନ୍ତ ବିଶ୍ୱାଳ, ନାଥ ସିଂ, ଶିକ୍ଷୟିତ୍ରୀ ମଧୁସ୍ମିତା ମହାନ୍ତି, ଅନୁପମା ମାହାନା, ସୁପ୍ରିୟା ଆଚାର୍ଯ୍ୟ, ସ୍ୱାକୃତି କରମହାପାତ୍ର, ରାଇମଣୀ ହାଁସଦା, ବିଶ୍ୱନିକା ଦାସ ତଥା ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

ଜଳେଶ୍ୱରର ମହିଳାଙ୍କୁ ଭୁବନେଶ୍ୱରରେ ହତ୍ୟା

ଜଳେଶ୍ୱର ବ୍ଲକ, ୧୩ (ସମିସ) : ଏକ ତରଫା ପ୍ରେମରୁ ମହିଳାଙ୍କୁ ଛୁରି ଭୁଷି ହତ୍ୟା କରାଯାଇଛି। ଘଟଣା ଘଟିଛି ଭୁବନେଶ୍ୱର ରାଜମହଲ ବାପୁଜୀ ନଗର ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ। ମୃତକ ଜଣକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳ ଛମୌଜ ଗ୍ରାମର ମହେନ୍ଦ୍ର ଦତ୍ତଙ୍କ ତୃତୀୟପୁତ୍ର କୁଞ୍ଜ ବିହାରୀ ଦାତ୍ତଙ୍କ ସ୍ତ୍ରୀ ଗୀତାଞ୍ଜଳି ଓରଫ ଦୀପିକା ରଣଜିତ୍। ସ୍ୱାମୀ ସ୍ତ୍ରୀ ଓ ଛୋଟ ଝିଅ ଭୁବନେଶ୍ୱର ସ୍ଥିତ ଶିଶୁ ଭବନ ଛକରେ ଏକ ଭଡ଼ା ଘରେ ରହୁଥିଲେ। ଗତକାଲି ସଂଧ୍ୟାରେ କୁଞ୍ଜ ବିହାରୀ ନିଜ ମୋବାଇଲ୍ ମରାମତି ଦୋକାନରେ ଥିଲେ। ଗୀତାଞ୍ଜଳି ସନ୍ଧ୍ୟା ୭ ଟା ବେଳେ ସ୍ୱାମୀଙ୍କୁ ଦେଖା କରିବାକୁ ଦୋକାନକୁ ଯାଇଥିଲେ।ସେଠାରୁ ସେ ଘରକୁ ଫେରୁଥିବା ସମୟରେ ଯୁକୋ ବ୍ୟାଙ୍କ ସାମ୍ନାରେ କେହି ଜଣେ ଗୀତାଞ୍ଜଳି କୁ ପିଛା କରି ଅଟକାଇଥିଲେ। ସେଠାରେ କଥାବାର୍ତ୍ତା ହେବା ସମୟରେ ଯୁକ୍ତିତର୍କ ହେବାକୁ ଲାଗିଲା। ଲୋକମାନେ ଘେରି ଏହା ଦେଖିବାରୁ ଗୀତାଞ୍ଜଳି ଖରାପ ଲାଗିଥିଲା। ସେ ସମ୍ପୃକ୍ତ ଯୁବକକୁ ତୁରନ୍ତ ସେଠାରୁ ପଳାଇ ଯିବାକୁ କହିଥିଲେ। ଆଉ ଗୀତାଞ୍ଜଳି ଚୁପଚାପ୍ ନିଜ ରାସ୍ତାରେ ଚାଲିବାକୁ ଲାଗିଲେ। ଏହି ଅପମାନରେ ଯୁବକ ଜଣଙ୍କ ଅଧିକ ଉତକ୍ଷିପ୍ତ ହୋଇ ଉଠିଲା। ସଙ୍ଗେ ସଙ୍ଗେ ଏକ ଛୁରି ବାହାର କରି ଗୀତାଞ୍ଜଳିଙ୍କ ପେଟରେ ଭୁଷି ଦେଲା। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଧାଇଁ ଆସିବାରୁ ଯୁବକ ଜଣକ ଆଖି ପିଚୁଳାକେ ସେଠାରୁ ପଳାଇ ଗଲା। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଗୀତାଞ୍ଜଳି ହସ୍ପିଟାଲ ନେଇଥିଲା। ସେଠାରେ ଗୀତାଞ୍ଜଳି ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠା ଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ଗୀତାଞ୍ଜଳିଙ୍କ ମୃତ୍ୟୁଘଟିଛି।

ଏକ ତରଫା ପ୍ରେମରୁ ହତ୍ୟାକାଣ୍ଡ ଘଟିଥିବା କୁଞ୍ଜ ବିହାରୀ ଲିଖିତ ଏତଲା ରେ ଲେଖିଛନ୍ତି। ଖୁବ୍ ଶୀଘ୍ର ହତ୍ୟାକାରୀକୁ ଧରାଯିବ ବୋଲି ପୁଲିସ ସୁଚନା ଦେଇଛି। ତାଙ୍କ ସ୍ୱାମୀ ରୋଗରେ ପୀଡ଼ିତ ହୋଇ ହସପିଟାଲରେ ବେଡ୍ ରୁ ଏକ ଭିଡିଓ କରି ଏ ସବୁ ଘଟଣା ବଖାଣୁଥିବା ଭିଡିଓ ଭାଇରାଲ ହୋଇଛି।

ବାରାଯୋଡ଼ି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଖଇରା, ୧।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡ଼ପୋଖରୀ ପଞ୍ଚାୟତର ବାରାଯୋଡି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ନିକଟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରି ଖଇରାର ଗୌରବ ବଢ଼ାଇଛନ୍ତି। ଏହାକୁ ନେଇ ବାରାଯୋଡି ଗ୍ରାମବାସୀ, ଅବିଭାବକ, ଛାତ୍ରଛାତ୍ରୀ ଆନନ୍ଦରେ ଉତଫୁଲ୍ଲିତ ହୋଇ ପଡ଼ିଥିବା ବେଳେ ଏହାର ମୁଖ୍ୟ ଶ୍ରେୟ ବର୍ତ୍ତମାନର ପ୍ରଧାନଶିକ୍ଷକ ଜଗନ୍ନାଥ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ସେପଟେ ପ୍ରଧାନଶିକ୍ଷକ ତାଙ୍କ ବକ୍ତବ୍ୟରେ ଗୋଷ୍ଠୀଶିକ୍ଷାଧିକାରୀ ତଥା ତାଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ଅଭିଭାବକ, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସାମଗ୍ରିକ ସଫଳତା ପାଇଁ ଖଇରା ବ୍ଲକ ର ଏକମାତ୍ର ପ୍ରାଥମିକ ବିଦ୍ୟାଳୟ ଭାବେ ବାରାଯୋଡିକୁ ଏହି ସମ୍ମାନ ମିଳିଥିବା ପ୍ରଧାନଶିକ୍ଷକ କହିଛନ୍ତି। ବିଦ୍ୟାଳୟର ଶୈଖିକ ପରିବେଶ, ଶୌଚାଳୟ, ସୌନ୍ଦର୍ଯ୍ୟକରଣ ସର୍ବୋପରି ବିଦ୍

ନଦୀକୂଳିଆଙ୍କ ନିଦ ହଜାଇଛି ଚୋରା ବାଲି ଟ୍ରାକ୍ଟର

ରାଇବଣିଆ, ୧୩(ସମିସ):

ବାଲେଶ୍ୱର ଜିଲ୍ଲାର ରାଇବଣିଆ ଥାନା ଅନ୍ତର୍ଗତ ରାଜନଗର, ମାକିଡିଆ, ତୁଟା ପଡ଼ା, ବେହେରାସାହି, ମାଳିପାଳ, ଗୁଆଗଡ଼ିଆ, ଡିପିପୁର ପରି ବିଭିନ୍ନ୍ୟ ସ୍ଥାନରେ ସକ୍ରିୟ ହୋଇଉଠିଛନ୍ତି ବାଲି ମାଫିଆ। ରାତି ୨ରୁ ଲମ୍ବା ଧାଡିରେ ଚାଲିଛି ନମ୍ବର ବିହୀନ ଟ୍ରାକ୍ଟର ଓ ଗାଡ଼ିର ଗର୍ଜନରେ ଶାନ୍ତିରେ ଶୁଇ ପାରୁନାହାନ୍ତି ନଦୀ କୂଳୀଆ ଗାଁର ଲୋକ। ପ୍ରତ୍ୟେକ ଦିନ ହଜାର ହଜାର ଟ୍ରାକ୍ଟର ବାଲି ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ବୁହା ଚାଲିଛି ବେଧଡକ ବାଲି। ଟ୍ରାକ୍ଟର ପିଛା ୪ରୁ ୫ ହଜାର ଟଙ୍କାରେ ବିକି କରୁଛନ୍ତି ବାଲି ମାଫିଆ। ମୁଖ୍ୟରାସ୍ତା କଡ଼ରେ ରହୁଥିବା ଲୋକ ମାନଙ୍କ ଅବସ୍ଥା ନକହିଲେ ଭଲ, ଟ୍ରାକ୍ଟର ଗର୍ଜନ ଫଳରେ ଶାନ୍ତିରେ ଶୋଇବା ତ ଦୂରର କଥା ରାସ୍ତା ଯିବା ଆସିବା କରିବାପାଇଁ ଡରୁଛନ୍ତି ଲୋକମାନେ। ସବୁଠାରୁ ବଡ଼ କଥା ଛୋଟ ଛୋଟ ସ୍କୁଲ ପିଲାଙ୍କ ଜୀବନ ମଧ୍ୟ ବାଜିରେ ସକାଳ ସମୟରେ ଟିଉସନ୍ ଓ ସ୍କୁଲ ଯିବା ପାଇଁ ସାଥିରେ ଯାଉଛନ୍ତି ଅଭିଭାବକ, କାରଣ ଏ ନମ୍ବର ବିହୀନ ଟ୍ରାକ୍ଟର ଯଦି କାହା ସହିତ ଦୁର୍ଘଟଣା ଘଟାଇବ କିପରି ଜାଣିବା ଲୋକ ଏ ଗାଡ଼ି କାହାର ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାର ପାଖରେ ରାଇବଣିଆ ଥାନା ଥିଲେ ମଧ୍ୟ ପୋଲିସ ହାତ ବାନ୍ଧି ବସିଛି। ଲୋକ ମାନଙ୍କୁ ଧନ ଜୀବନ ସୁରକ୍ଷା ଦେବାରେ ବିଫଳ ପ୍ରଶାସନିକ ଅଧିକାରୀ। ଏ ନେଇ ଜିଲ୍ଲା ଖଣି ପ୍ରଶାସନିକ ଅଧିକାରୀଙ୍କୁ ପଚରିବାରୁ ସେ କହିଥିଲେ କି ଆମ ପାଖରେ ଯଥେଷ୍ଟ ଅଧିକାରୀ ନ ଥିବା ହେତୁ ଚୋରା ବାଲି ଟ୍ରାକ୍ଟର ଧରିବାକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ସରକାର ଯଦି ଆମକୁ ଅଧିକ କର୍ମଚାରୀ ଦିଅନ୍ତେ ତା ହେଲେ ଚୋରା ବାଲି ସହିତ ଲଘୁ ଖଣିଜ ଦ୍ରବ୍ୟ କାରବାର ଉପରେ ରୋକ୍ ଲଗାଯାଇ ପାରନ୍ତା।

ସିଦ୍ଧେଶ୍ୱର ହାଇସ୍କୁଲରେ ଆର୍ଥିକ ସାକ୍ଷରତା ସପ୍ତାହ ପାଳିତ

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୩ (ସମିସ) : ଶାସନବାଡର ସିଦ୍ଧେଶ୍ୱର ହାଇସ୍କୁଲରେ ଆରବିଆଇ ତରଫରୁ ସାକ୍ଷରତା ସପ୍ତାହ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ହରିଶଙ୍କର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆରବିଆଇର ଏଜିଏମ. ପି.କେ. ଜେନା ଓ ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ଏଲ.ଡି.ଏମ. ବିଶ୍ୱଜିତ ସତପଥି, ବାଲେଶ୍ୱର ଏଫ.ଏଲ.ସି. ଗୟାନିଧୀ ମିଶ୍ର, ଜଳେଶ୍ୱର ବି.ପି.ଏମ. ମଧୁମିତା ଦାସ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆଲୋଚନା କରିଥିଲେ। ଶେଷରେ କୁଇଜ୍ ପ୍ରତିଯୋଗିତା କରି ନବମ ଶ୍ରେଣୀର ଛାତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଭା ଆରମ୍ଭରେ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋରଞ୍ଜନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ଜେନା, ମାନସ ଦାସ, ସୁବ୍ରତ ବାରିକ, ରାଜିବ କର, କୃଷ୍ଣ ଚନ୍ଦ୍ର ଜେନା, ଶାନ୍ତନୁ ମହାନ୍ତି, ଶୟନ ରାଉଳ, ଦାମୋଦର ମହାନ୍ତି, ଝାଡେଶ୍ୱର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

ଜଳେଶ୍ୱର ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩(ସମିସ): ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ସରଗରମ ଆଲୋଚନା ରେ ସମାପ୍ତ ହୋଇଛି। ବ୍ଲକ ଚେୟାରମ୍ୟାନ ମାନସ କୁମାର ଜେନା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପ ସଭାପତି ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ବିଡିଓ ପୁନମ ରାଉତ, ଏବିଡିଓ ମାୟାଧର ମଲ୍ଲିକ, ସିଡିପିଓ ଚମ୍ପାମଣି ମୁର୍ମୁ, ଏଇଇ ସୌମ୍ୟ ରଞ୍ଜନ ସାହୁ, ଏଡିସନାଲ ତହସିଲଦାର ଅଭୟ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହି ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ମାନଙ୍କ ଠାରୁ ପଞ୍ଚାୟତ ଗୁଡିକରେ ଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧିତ ଆପତ୍ତି ଅଭିଯୋଗ ଶୁଣି ତାହାର ତୁରନ୍ତ ସମାଧାନ ନିମନ୍ତେ ଉପସ୍ଥିତ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ପାନୀୟ ଜଳ, ଗ୍ରାମ୍ୟ ରାସ୍ତା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ, ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ସଂରକ୍ଷଣ, ଡ୍ରେନେଜ, ପୂର୍ତ୍ତ ବିଭାଗ, ପଞ୍ଚାୟତ ସମିତି, ଆଗାମୀ ଗ୍ରୀଷ୍ମ ପ୍ରବାହ ନିମନ୍ତେ ପ୍ରସ୍ତୁତି, ୧୫ତମ ସିଏଫସି ଓ ୫ମ ଏସଏଫସି (ପିଏସ ସେୟାର) ଇତ୍ୟାଦି ଏଜେଣ୍ଡା ଅନ୍ତର୍ଭୁକ୍ତ ସମେତ ସଭାପତି ଙ୍କ ଅନୁମୋଦନ କ୍ରମେ ଅନ୍ୟାନ୍ୟ ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା।

ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ପଞ୍ଚଲିଙ୍ଗେଶ୍ୱର, ୧୩ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ପ୍ରାଥମିକ ବିଦ୍ୟାଳୟଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ରେ ଶିକ୍ଷୟିତ୍ରୀ ପ୍ରମିଳା ସୁନ୍ଦରୀ ମଲିକ ଙ୍କର ଚାକିରୀ କାର୍ଯ୍ୟକାଳ ଶେଷ ହୋଇଥିବା ଯୋଗୁଁ ତାଙ୍କରି ଉଦ୍ଦେଶ୍ୟରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରେ ମୁଖ୍ୟଅତିଥି ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରସତୀ ନନ୍ଦ, ମୁଖ୍ୟବକ୍ତା ସିଆରସିସି ସଞ୍ଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଶିକ୍ଷକ ସୁନୀଲ କୁମାର ମିଶ୍ର, , ଶନିଶ୍ଚର ବେହେରା, କମିଟି ସଭାପତି ଖଗେଶ୍ୱର ଜେନା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳୀ ସିଂ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି କପିଳ ସାମଲ, ବଳରାମ ରାଉତ, କମିଟି ସଦସ୍ୟ ପ୍ରଶାନ୍ତ କୁମାର ଜେନା, କପିଳା ଦେ ଯୋଗଦାନ ଦେଇଥିଲେ।

ବାବା ପରମେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଖନ୍ତାପଡ଼ା, ୧୩ (ସମିସ): ଖନ୍ତାପଡ଼ା ଥାନା ଶେରଗଡ଼ ପଞ୍ଚାୟତ ଅନ୍ତର୍ଗତ ପାରହତା ଗ୍ରାମରେ ନୂତନ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ୪ ଦିନ ଧରି ଚାଲିବ ବୋଲି ସଭାପତି ଜୟନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରଥମ ଦିନ କଳସଯାତ୍ରା ରେ ଏକ ଶହ ପଚାଶ ଟି କଳସ ସ୍ଥାପନ କରାଯାଇଥିବାବେଳେ ଉପସ୍ଥିତ ଥିବା ଭକ୍ତ ଙ୍କ ପାଇଁ ଚାରି ଦିନଯାକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ସମସ୍ତ ରୀତିନୀତି ଅନୁଯାୟୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲୁଛି ବୋଲି ସଭାପତି ଜୟନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମହେଶ୍ୱର ମଲ୍ଲିକ, ଅଜୟ ବେହେରା, ଜଳଧର ମଲ୍ଲିକ, ସୋମନାଥ ବାରିକ ଏବଂ ଗ୍ରାମର ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

ମାକିଡ଼ିଆ ସୁବର୍ଣ୍ଣରେଖା ଯୁବକ ସଂଘ ପକ୍ଷରୁ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ରାଇବଣିଆ, ୧୩ (ସମିସ): ମାକିଡ଼ିଆ ହାଟପଦା ନିକଟସ୍ଥ ଭଲିବଲ ଖେଳ ପଡ଼ିଆରେ ସୁବର୍ଣ୍ଣରେଖା ଯୁବକ ସଙ୍ଘ ପକ୍ଷରୁ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଇଯାଇଛି। ଏହି ଖେଳରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଖେଳକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ମୋହନ କାପୁଡି ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଜଳେଶ୍ୱର ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ନିମାଇଁ ଘୋଷ, ସମାଜସେବୀ ସମୀର ଘଡେଇ, ନାଏବ ସରପଞ୍ଚ ବିଜୟ କୁଇଲା, ଅଶୋକ ଘଡେଇ, ସତ୍ୟନାରାୟଣ ଦାସ, ଲେଲିନ ପ୍ରଧାନ ଯୋଗଦେଇଥିଲେ। ଖେଳକୁ ୩ ରେଫରି ଧନଞ୍ଜୟ ତ୍ରିପାଠୀ, ରାଜେଶ କୁମାର ଦାସ ଓ ସଞ୍ଜୀବ ପଣ୍ଡା ପରିଚାଳନା କରିଥିଲେ। ଚକ୍ରଧରପୁର, ପଞ୍ଜାବ, କୁଅଁରପୁର ନବଦୁର୍ଗା କେରଳ, ସୂର୍ଯ୍ୟଶିକ୍ଷା, ଇଷ୍ଟର୍ନ ରେଲୱେ ଏ ଓ ବାଲେଶ୍ୱର ସ୍ପୋର୍ଟ୍ସ ଟିମ ଯୋଗଦେଇଥିବା ବେଳେ ସୂର୍ଯ୍ୟ ଶିକ୍ଷା ବିଜୟୀ ହୋଇଥିଲା। ବିଜୟ ଦଳ ସୂର୍ଯ୍ୟ ଶିକ୍ଷାକୁ ଟ୍ରଫି ସହିତ ୭୦୦୦ଟଙ୍କା ଓ ରନର୍ସଅପ କୁଅଁରପୁର ନବଦୁର୍ଗା କେରଳକୁ ୫୦୦୦ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ।

ସରିଲା ସାଂସଦ ଖେଳ ମହାକୁମ୍ଭ

ବାଲେଶ୍ୱର, ୧୩ (ସମିସ) : ସଂସଦୀୟ କ୍ଷେତ୍ରରେ ଫେବୃଆରୀ ୨୦ରୁ ଆରମ୍ଭ ହୋଇଥିବା ସାଂସଦ ଖେଳ ମହାକୁମ୍ଭର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପରମିଟ ପଡ଼ିଆରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଇଲିୟାନା ସିତାରିଷ୍ଟ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ଜିଲ୍ଲା କ୍ରୀଡା ସଂଘର ଉପସଭାପତି ଜଗଦୀଶ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସାଂସଦ ଖେଳ ମହାକୁମ୍ଭର କ୍ରୀଡ଼ା ଧ୍ୱଜା ଅବତରଣ ଓ ମଶାଲ ନିର୍ବାପିତ ହେବା ପରେ ୧୦ଦିନିଆ କ୍ରୀଡା ଉତ୍ସବ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଅନୁରାଗ ଠାକୁରଙ୍କ ଭିଡିଓ ବାର୍ତ୍ତା ପ୍ରସାରିତ ହୋଇଥିଲା। ଉଦଯାପନୀ ଭାଷଣରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଖେଳର ବିଶେଷତ୍ୱ ଓ ଉପକାରିତା ସମ୍ପର୍କରେ କହିଥିଲେ। ଭାରତୀୟ ଖେଳର ଗୁଣବତ୍ତା ବଢ଼ାଇବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାଂସଦ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ୭୮ ସ୍କୁଲକୁ ସ୍ମାର୍ଟ କ୍ଲାସ, ୫୦ଟି ଗାଆଁକୁ ନଳକୂପ ଓ ୩୫୦ ବିଦ୍ୟୁତ ଚାଳିତ ସିଲେଇ ମେସିନ ବଣ୍ଟନ କରିଥିଲେ। ପରେ କ୍ରୀଡା ମହାକୁମ୍ଭର ବିଜେତା ଓ ଉପବିଜେତା ଦଳ ଓ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସାଂସଦ ଖେଳ ମହାକୁମ୍ଭରେ ୧୭ହଜାରରୁ ଊର୍ଦ୍ଧ୍ୱ ଖେଳାଳୀ ଉଭୟ ପୁରୁଷ ଓ ମହିଳା ବିଭାଗର ସିନିୟର୍ ଓ ଜୁନିଅର ଶ୍ରେଣୀରେ ଅଂଶଗ୍ରହଣ କରିଥିବା ଆୟୋଜକମାନେ ସୂଚନା ଦେଇଥିଲେ।

ଭୋଗରାଇ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର(ଉତ୍ତର), ୧୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ସୁନନ୍ଦିତା ବଣିଆ ବେଦ ପାଠ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅବିନାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଭାବେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ରାଣୀ ଭଞ୍ଜ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ଲୋକନାଥ ପାଣିଗ୍ରାହୀ, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମ୍ମାନିତ ଅତିଥି ଭାବେ ଗୀତିମାଧୁରୀ ପଣ୍ଡା, ସରପଞ୍ଚ ସୁଷମା କର, ଯଦୁ ନନ୍ଦନ ସୁର, ବିଜୟ କୁମାର ସିଂହ, ସୁଦାମ ଚରଣ ପାତ୍ର, ପୂର୍ଣ୍ଣା ଶିଷ ପାତ୍ର, ସୁନୀଲ କର, ଆଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କ ଉଦ୍ଦେଶ୍ୟ ରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଦୀପିକା ମହାନ୍ତି ମଞ୍ଚ ଆହ୍ୱାନ, ଜସ୍ମିତା ସାମଲ ଅତିଥି ପରିଚୟ ଏବଂ ଶେଷରେ ଅଧ୍ୟାପକ ଗୌରାଙ୍ଗ ପିଳା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିମଳ ନନ୍ଦୀ, ସରୋଜ କୁମାର ପଣ୍ଡା, ରାଜେନ୍ଦ୍ର ପରିଡ଼ା, ବସନ୍ତ ନାୟକ ପ୍ରମୁଖ ସହ ଅଧ୍ୟାପିକା, ଅଧ୍ୟାପିକ ଏବଂ ଅଣଶିକ୍ଷା କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।ସଭା ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ

ଚନ୍ଦନେଶ୍ୱର, ୧୩ (ସମିସ) : ଭୋଗରାଇ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦଘାଟିତ ହୋଇଯାଇଛି। ଏହି ବ୍ୟାଙ୍କ ସେବା ଭୋଗରାଇର ୨୪ଟି ପଞ୍ଚାୟତରେ ସୁଚାରୁରୂପେ ଉଦ୍‌ଘାଟନ କାର୍ଯ୍ୟ ସମାପନ ହୋଇଥିବା ବେଳେ କାନ୍ଠଥଭଉଁରୀ ପଞ୍ଚାୟତରେ ସରପଞ୍ଚ କିରଣବାଳା ଜେନାଙ୍କ ପ୍ରତିନିଧି ଶ୍ରୀହରି ଜେନା, ସମିତି ସଦସ୍ୟ ପ୍ରଦୀପ ଦାସ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୋଦ ମହାନ୍ତି, ଗ୍ରାମ୍ୟ ରୋଜଗାର ସେବକ ବିନୋଦ ବେହେରା ଆଦିଙ୍କ ଉପସ୍ଥିତିରେ ବ୍ୟାଙ୍କ ଉଦ୍‌ଘାଟନ ବେଳେ ବିବାଦ ଦେଖିବାକୁ ମିଳିଛି। ପୂର୍ବରୁ ସେହି ବ୍ୟାଙ୍କରେ ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଥିଲା ବେଳେ ସେହି ବ୍ୟାଙ୍କ ନୂତନ ଭାବେ ଉଦ୍‌ଘାଟନକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଆଗାମୀ ଦିନରେ ଜମାକାରୀଙ୍କ ସମସ୍ୟାର ସମାଧାନ କରା ନ ଗଲେ ଶ୍ରୀହରି ମଣ୍ଡଳ, ରାଜକୁମାର ପାତ୍ର, ଶ୍ରୀକାନ୍ତ ପାତ୍ର, ଜ୍ୟୋତିପ୍ରକାଶ ପଣ୍ଡା, ଭାଗ୍ୟଶ୍ରୀ ମାଝୀ, ମନୋରଞ୍ଜନ ସେଠୀ ପ୍ରମୁଖଙ୍କ ସମେତ ପଞ୍ଚାୟତର ଶତାଧିକ ଜମାକାରୀ ବ୍ୟାଙ୍କରେ ତାଲା ପକାଇ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତର ଭାରତ ନିର୍ମାଣ ଭବନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଆମ ବ୍ୟାଙ୍କ' ଯୋଜନାରେ ଭିଡିଓ କନଫରେନ୍ସି ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ବ୍ୟାଙ୍କ ସେବା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତ୍ୟାଶା ପାତ୍ର, କନିଷ୍ଠ ଯନ୍ତ୍ରୀ ବିଜୟ ପ୍ରସାଦ ରାଉଳ, ଗ୍ରାମ୍ୟ ରୋଜଗାର ସେବକ ପ୍ରଫୁଲ୍ଲ କୁମାର ବେହେରା, ଏମବିକେ ବିନୋଦିନୀ ପ୍ରଧାନ, ସିଆରପି, ମହିଳା ସ୍ୱୟଂ ସହାୟିକା ଯୋଗଦେଇ ଥିଲେ।

ମା' ନିମକାଳୀ ମନ୍ଦିରର ଉନ୍ନତି ପାଇଁ ଶୁଭ ପଡ଼ିଲା

ବାଲେଶ୍ୱର, ୧୩ (ସମିସ) : ବାଲେଶ୍ୱର ପୌରାଞ୍ଚଳର ୨୭ନଂ ୱାର୍ଡ ଅନ୍ତର୍ଗତ ମାଣିଖମ୍ବର ବହୁ ପୁରାତନ ମା' ନିମକାଳୀ ମନ୍ଦିରର ଉନ୍ନତି ପାଇଁ ଶୁଭ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପୂଜାର୍ଚ୍ଚନାରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ମନ୍ଦିରର ଉନ୍ନତି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୁରାତନ ମନ୍ଦିରଗୁଡିକର ଉନ୍ନତି ଓ ପୁନର୍ନିର୍ମାଣ ପାଇଁ ସହଯୋଗର ହାତ ବଢ଼ାଇ ଅନୁଦାନ ପ୍ରଦାନ କରୁଛନ୍ତି। ଏହି କ୍ରମରେ ବାଲେଶ୍ୱର ସହରର ପୁରାତନ ମନ୍ଦିର ମଧ୍ୟରୁ ଅନ୍ୟତମ ମା' ନିମକାଳୀଙ୍କ ମନ୍ଦିରର ପୁନର୍ନିର୍ମାଣ ପାଇଁ ତାଙ୍କ ବିଧାୟକ ହାତ ପାଣ୍ଠିରୁ ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ମା'ଙ୍କ ମନ୍ଦିରର ପୁନର୍ନିର୍ମାଣ ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଅନୁଦାନ ଅର୍ଥରେ ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ମନ୍ଦିର ପୁନର୍ନିର୍ମାଣ ପାଇଁ ଆବଶ୍ୟକ ଅନୁଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନ

ବିଶ୍ୱବିଜେତା ପ୍ରମୋଦଙ୍କୁ ଉଚ୍ଛ୍ୱସିତ ସ୍ୱାଗତ

ଭୁବନେଶ୍ୱର, ୧।୩(ସମିସ): ଓଡ଼ିଆ ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶୁକ୍ରବାର ଥାଇଲାଣ୍ଡରୁ ଏଠାରେ ଆସି ପହଞ୍ଚିବା ପରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ (ଓଏସ୍‌ଡି) ସିଦ୍ଧାର୍ଥ ଶଙ୍କର ସାହୁ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରମୋଦ ଥାଇଲାଣ୍ଡ ପଟ୍ଟାୟାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ । ସେ ଏସଏଲ୍-୩ ଏକକ ପ୍ରତିଯୋଗିତାରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ । ଏଥିସହ ଏହି ବିଶ୍ୱ ଇଭେଣ୍ଟରେ ସେ ମୋଟ୍ ୫ଟି ସ୍ୱର୍ଣ୍ଣ ଜିତି ଲିନ୍ ଡାନଙ୍କ ବିଶ୍ୱ ରେକର୍ଡ ସମକକ୍ଷ ହୋଇଥିଲେ । ପୂର୍ବରୁ ସେ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୪ରେ ସ୍ୱର୍ଣ୍ଣ ଜିତିଥିଲେ । ସେ ମଧ୍ୟ ପୁରୁଷ ଓ ମିଶ୍ରିତ ଯୁଗଳରେ ଦୁଇଟି କାଂସ୍ୟ ଜିତିଥିଲେ ।

ଏସୀୟ ସନ୍ତରଣରେ ଋଷଭଙ୍କୁ ୨ ପଦକ

ଭୁବନେଶ୍ୱର, ୧।୩ (ସମିସ): ଓଡ଼ିଆ ଉଦୀୟମାନ ସନ୍ତରଣକାରୀ ଋଷଭ ଦାସ ଏସୀୟ ସନ୍ତରଣ ପ୍ରତିଯୋଗିତାରେ ନିଜର ଚମତ୍କାର ପ୍ରଦର୍ଶନ ଦେଖାଇଛନ୍ତି । ଫିଲିପାଇନ୍ସରେ ଏସୀୟ ଏଜ୍ ଗ୍ରୁପ୍ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ୧୮ ବର୍ଷରୁ କମ୍ ବିଭାଗରେ ଋଷଭ ମହାରାଷ୍ଟ୍ର ପକ୍ଷରୁ ଯୋଗ୍ୟତା ଅର୍ଜନ କରି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ । ଏହି ପ୍ରତିଯୋଗିତାରେ ଏସିଆ ମହାଦେଶରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ ।

ଆଜିଠୁ ରଣଜୀ ଟ୍ରଫି ସେମି

ମୁମ୍ବାଇ, ୧।୩(ଏଜେନ୍ସି): ଦେଶର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଦୁଇଟି ଯାକ ସେମିଫାଇନାଲ ଶନିବାରଠାରୁ ଆରମ୍ଭ ହେବ । ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ପ୍ରଥମ ସେମିରେ ଅକ୍ଷୟ ୱାଦେକରଙ୍କ ନେତୃତ୍ୱାଧୀନ ବିଦର୍ଭ ଓ ଆଦିତ୍ୟ ଶ୍ରୀବାସ୍ତବଙ୍କ ମଧ୍ୟ ପ୍ରଦେଶ (ଏମ୍‌ପି) ପରସ୍ପରକୁ ଭେଟିବେ । ସେହିପରି ମୁମ୍ବାଇର ବାନ୍ଦ୍ର କୁର୍ଲା କମ୍ପ୍ଲେକ୍ସରେ ଘରୋଇ ମୁମ୍ବାଇ ଓ ତାମିଲନାଡୁ ପରସ୍ପରକୁ ଭେଟିବେ । ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରାହାଣେ ମୁମ୍ବାଇ ଓ ଦ୍ରୁତ ବୋଲର ସାଇ କିଶୋର ତାମିଲନାଡୁର ନେତୃତ୍ୱ ନେବେ ।

■ ସର୍ବଭାରତୀୟ ଆଇଟା-ଓଟିଏ ଟେନିସ

ସବୁ ଟାଇଟଲ ଜିତିଲେ ଓଡ଼ିଆ

ଭୁବନେଶ୍ୱର, ୧।୩ (ସମିସ): ଏମ୍‌ଓଏସ୍‌ଏଫ୍ (ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ) ଆନୁକୂଲ୍ୟରେ ସ୍ଥାନୀୟ ଗୁରୁକୂଳ ରିସର୍ଟ ପରିସରରେ ଆଉ ଏକ ସର୍ବଭାରତୀୟ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି । ଏହି ସର୍ବଭାରତୀୟ ଟେନିସ ପ୍ରତିଯୋଗିତାରେ ସମସ୍ତ ଟାଇଟଲ ଓଡ଼ିଆ ଖେଳାଳିମାନେ ବିଜୟୀ ହୋଇଛନ୍ତି । ପୁରୁଷ ଏକକ ବିଭାଗରେ ଅମୃତଜୟ ମହାନ୍ତି, ଯୁଗଳରେ ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀଙ୍କ ଯୋଡ଼ି ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । ଏହି ପ୍ରତିଯୋଗିତା ଫେବୃଆରୀ ୨୬ରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖରେ ଶେଷ ହୋଇଥିଲା । ଶୁକ୍ରବାର ଫାଇନାଲ ମ୍ୟାଚ୍ ଖେଳାଯିବା ପରେ ପ୍ରତିଯୋଗିତା ଶେଷ ହୋଇଥିଲା । ପୁରୁଷ ଏକକ ଫାଇନାଲରେ ମଣିପୁରର ହାମମ ଭୂଷଣଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଅମୃତଜୟ ଟାଇଟଲ ଜିତିଥିଲେ । ଚଳିତବର୍ଷରେ ଏହା ତାଙ୍କର ପ୍ରଥମ ଟାଇଟଲ । ଚଳିତ ସପ୍ତାହରେ ସେ ବେଶ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ଏହି ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । ସେହିପରି ପୁରୁଷ ଯୁଗଳରେ ମହାରାଷ୍ଟ୍ର ଯୋଡି ନୀରବ ସେଙ୍ଗୀ ଓ ପ୍ରଣବ ଗାଡିଗିଲଙ୍କୁ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ଓଡ଼ିଶାର ସତୀର୍ଥ ଓ ଆଦିତ୍ୟଙ୍କ ଯୋଡି ଟାଇଟଲ କବ୍‌ଜା କରିଥିଲେ । ସର୍ବଭାରତୀୟ ଟେନିସ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଟାଇଟଲ ଜିତି ଓଡ଼ିଶାର ଟେନିସ ଖେଳାଳିମାନେ ବଡ଼ ସଫଳତା ପାଇଛନ୍ତି । ଏହି ସଫଳତା ଆଗକୁ ବଜାୟ ରହିବ ବୋଲି ଏମ୍‌ଓଏସ୍‌ଏଫ୍ ପକ୍ଷରୁ କୁହାଯାଇଛି ।

ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧।୩(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର 'ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍' ଇଂରାଜୀ ପୁସ୍ତକ ଉନ୍ମୋଚନ କରିଛନ୍ତି । ଦେଶର ଅଗ୍ରଣୀ କ୍ରୀଡ଼ା ପ୍ରତିକା ସ୍ପୋର୍ଟ୍ସ ଷ୍ଟାର ଏହି ବହିର ପ୍ରକାଶକ ଦାୟିତ୍ୱ ବହନ କରିଛି । ରାଜ୍ୟରେ ହକି ବିଶ୍ୱକପ୍‌ର ସୁନ୍ଦର ଆୟୋଜନ ନେଇ ବିଭିନ୍ନ ତଥ୍ୟ ଏହି ବହିରେ ଉଲ୍ଲେଖ କରାଯାଇଛି । ଭୁବନେଶ୍ୱର ଓ ରାଉରକେଲା କିପରି ଭାବେ ଏକ ବିଶ୍ୱସ୍ତରୀୟ ଭେନ୍ୟୁରେ ପରିଣତ ହୋଇଛି ଓ ଏହା କିପରି ରାଜ୍ୟର ହକି ଭାବନାକୁ ଦର୍ଶାଉଛି ସେ ନେଇ ସୁନ୍ଦର ଭାବେ ଏହି ବହିରେ ଉଲ୍ଲେଖ କରାଯାଇଛି । ଓଡ଼ିଶା ୨୦୧୮ ଓ ୨୦୨୩ରେ କ୍ରମାଗତ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ ଆୟୋଜନ କରି ରେକର୍ଡ କରିଥିଲେ । ଏହା ବିଶ୍ୱକପ୍‌ର ବଳିଷ୍ଠ ପରମ୍ପରାକୁ ବହନ କରୁଛି । ଏଥିରେ ବିଶ୍ୱକପ୍‌ର ସ୍ମରଣୀୟମୁହୂର୍ତ୍ତ, ତାରକା ଖେଳାଳି ପ୍ରଦର୍ଶନ, ପ୍ରଶଂସକଙ୍କ ସମର୍ଥନ ସମ୍ପର୍କରେ ସବିଶେଷ ଭାବେ ଉଲ୍ଲେଖ କରାଯାଇଛି । ଏହି ବହି ଉନ୍ମୋଚନ ଅବସରରେ ସ୍ପୋର୍ଟ୍ସଷ୍ଟାର ସମ୍ପାଦକ ଆୟୋନ ସେନଗୁପ୍ତା, ହିନ୍ଦୁ ଗ୍ରୁପ୍‌ର ଉପ ସଭାପତି ଶ୍ରୀଧର ଅରନଲା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ ।

ଆୟର୍ଲାଣ୍ଡର ଐତିହାସିକ ଟେଷ୍ଟ ବିଜୟ

ଆବୁଧାବି, ୧।୩(ଏଜେନ୍ସି)

ଆୟର୍ଲାଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି । ସ୍ଥାନୀୟ ଟୋଲେରାନ୍ସ ଓଭାଲରେ ଅନୁଷ୍ଠିତ ଘରୋଇ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌କୁ ଆୟର୍ଲାଣ୍ଡ ମାତ୍ର ୩ ଦିନରେ ୬ ୱିକେଟରେ ଜିତିନେଇଛି । ପ୍ରଥମ ପାଳିରେ ୫ ଓ ଦ୍ୱିତୀୟରେ ୩ ୱିକେଟ ଅକ୍ତିଆର କରିଥିବା ଆୟର୍ଲାଣ୍ଡ ଦ୍ରୁତ ବୋଲର ମାର୍କ ଆଡେର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

ଏହି ମ୍ୟାଚରେ ଆଫଗାନିସ୍ତାନ ପ୍ରଥମ ପାଳିରେ ୧୫୫ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଆଣ୍ଡ୍ରିଉ ବାଲବିର୍ନିଙ୍କ ନେତୃତ୍ୱାଧୀନ ଆୟର୍ଲାଣ୍ଡ ପ୍ରଥମ ପାଳିରେ ୮୩.୪ ଓଭରରେ ୨୬୩ ରନ କରି ଅଲଆଉଟ ହୋଇଥିଲା । ଏହାପରେ ୧୦୮ ରନରେ ପଛୁଆ ଥାଇ ଦ୍ୱିତୀୟ ପାଳିରେ ଆଫଗାନିସ୍ତାନ ୨୧୮ ରନକରି ଅଲଆଉଟ ହୋଇଥିଲା । ଫଳରେ ଆୟର୍ଲାଣ୍ଡ ସମ୍ମୁଖରେ ୧୧୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ସହଜସାଧ୍ୟ ଲକ୍ଷ୍ୟକୁ ପିଛା କରି ଆୟର୍ଲାଣ୍ଡ ଶୁକ୍ରବାର ତୃତୀୟ ଦିବସର ଚା'ପାନ ବିରତି ପରେ ୩୧.୩ ଓଭରରେ ୪ ୱିକେଟ ହରାଇ ଐତିହାସିକ ବିଜୟ ହାସଲ କରିନେଇଥିଲା । ଦଳ ତରଫରୁ ଅଧିନାୟକ ବାଲବିର୍ନି ୫୮ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ ।

ବିଭିନ୍ନ ଦେଶର ପ୍ରଥମ ଟେଷ୍ଟ ବିଜୟ

ଦେଶ	ପ୍ରଥମ ବିଜୟ ଲାଗି ମ୍ୟାଚ୍ ଖେଳିଛନ୍ତି	ବର୍ଷ
ଅଷ୍ଟ୍ରେଲିଆ	୧	୧୮୭୭
ଇଂଲଣ୍ଡ	୨	୧୮୭୭
ଦ.ଆଫ୍ରିକା	୧୨	୧୯୦୬
ୱେଷ୍ଟଇଣ୍ଡିଜ	୬	୧୯୩୦
ଭାରତ	୨୫	୧୯୫୨
ପାକିସ୍ତାନ	୨	୧୯୫୨
ନ୍ୟୁଜିଲାଣ୍ଡ	୪୫	୧୯୫୬
ଶ୍ରୀଲଙ୍କା	୧୪	୧୯୮୫
ଜିମ୍ବାୱେ	୧୧	୧୯୯୫
ବାଂଲାଦେଶ	୩୫	୨୦୦୫
ଆଫଗାନିସ୍ତାନ	୨	୨୦୧୯
ଆୟର୍ଲାଣ୍ଡ	୮	୨୦୨୪

୬ ବର୍ଷ ଅପେକ୍ଷାର ଅନ୍ତ

୨୨ ଜୁନ ୨୦୧୭ରେ ଆୟର୍ଲାଣ୍ଡ ପ୍ରଥମଥର ଲାଗି ଆଇସିସି ଟେଷ୍ଟ ମାନ୍ୟତା ଲାଭ କରିଥିଲା । ଏହାର ପରବର୍ଷ ଅର୍ଥାତ୍ ୨୦୧୮ ରେ ପାକିସ୍ତାନ ବିପକ୍ଷରେ ଖେଳି ଆୟର୍ଲାଣ୍ଡ ଟେଷ୍ଟ ପଦାର୍ପଣ କରିଥିଲା । ଟେଷ୍ଟ ଖେଳିବାର ପାଖାପାଖି ୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଏହି ୟୁରୋପୀୟ ଦଳ ପ୍ରଥମ ଟେଷ୍ଟ ବିଜୟ ସ୍ୱାଦ ଚାଖିଛି । ଆୟର୍ଲାଣ୍ଡ ଏହାର ୮ମ ଟେଷ୍ଟ ମ୍ୟାଚରେ ଏହି ଐତିହାସିକ ବିଜୟ ହାସଲ କରିଛି । କୌତୁହଳର ଘଟଣାକ୍ରମେ ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଶେଷଥର ଲାଗି ୨୦୧୯ ରେ ସାମ୍ନାସାମ୍ନି ହୋଇଥିଲେ । ଏଥିରେ ଆୟର୍ଲାଣ୍ଡକୁ ହରାଇ ଆଫଗାନିସ୍ତାନ ଟେଷ୍ଟ କ୍ରିକେଟ୍‌ର ପ୍ରଥମଥର ଲାଗି ବିଜୟୀ ହୋଇଥିଲା ।

୩୪ତମ ଜାତୀୟ ଟେନିସବଲ କ୍ରିକେଟ ଆଜିଠୁ

ଭୁବନେଶ୍ୱର, ୧।୩ (ସମିସ)

ତାମିଲନାଡୁର ରାମନାଥପୁରମଠାରେ ଶନିବାରଠାରୁ ୩୪ତମ ଜାତୀୟ ଟେନିସବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ଶୁକ୍ରବାର ତାମିଲନାଡୁରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଦେଇଛି । ପ୍ରତିଯୋଗିତାରେ ୨୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରୁଥିଲାବେଳେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯାଇଛି । ଭୁବନେଶ୍ୱରଠାରେ ସମ୍ଭାବ୍ୟ ଖେଳାଳିମାନଙ୍କର ୫ ଦିନ ଧରି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ପ୍ରଶିକ୍ଷକ ଚକ୍ରଧର ମାଝିଙ୍କ ତତ୍ତ୍ୱାବଧାନରେ ଖେଳାଳି ଚୟନ କରାଯାଇଥିଲା ।

ମନୋନୀତ ଖେଳାଳିମାନେ ହେଲେ ଅଧିନାୟକ ପ୍ରିୟବ୍ରତ ସ୍ୱାଇଁ, ଅମ୍ରିତ କୁମାର ଦାସ, ବିଶ୍ୱରଞ୍ଜନ ମତି, ଅଭୟ ଦାସ, ଯଜ୍ଞଦତ୍ତ ଜେନା, ସୁଦାମ ବେହେରା, ଉପଅଧିନାୟକ ଆଦର୍ଶ ଦିଗାଲ, ସତ୍ୟବ୍ରତ ବେହେରା, ଦେବାଶିଷ ପାଣିଗ୍ରାହୀ, ରାଜପ୍ରୀତମ ବାରିକ, ଶୋଭନ ବେହେରା, ରାଧାମାଧବ ବାରିକ୍, ରାଜେନ୍ଦ୍ର ସେଠୀ ଓ ରଜତ କୁମାର ନାୟକ । ଦଳର ପ୍ରଶିକ୍ଷକ ଭାବେ ଆଶିଷ କୁମାର ଦିଗଲ ଓ ପ୍ରବନ୍ଧକ ଭାବେ ସୁନୀଲ କୁମାର ମହାରଣା ଦାୟିତ୍ୱରେ ରହିଛନ୍ତି ।

ୱାରିୟର୍ଜର ଦ୍ୱିତୀୟ ବିଜୟ

ବେଙ୍ଗାଲୁରୁ, ୧।୩(ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଶୁକ୍ରବାର ଖେଳାଯାଇଥିବା ଲିଗ୍‌ର ଅଷ୍ଟମ ମୁକାବିଲାରେ ୟୁପି ୱାରିୟର୍ଜ ୨୬ ବାକିଥାଇ ୬ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ପରାସ୍ତ କରିଛି । ଟସ୍ ହାରି ବ୍ୟାଟିଂ ପାଇଁ ଅମାନ୍ତ୍ରଣ ପାଇଥିବା ଗୁଜରାଟ ୫ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା । ଜବାବରେ ୟୁପି ୧୫.୪ ଓଭରରେ ୪ ୱିକେଟ ହରାଇ ୧୪୩ ରନକରି ବିଜୟୀ ହୋଇଥିଲା । ୪ଟି ମ୍ୟାଚ୍ ଖେଳି ୟୁପି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉଠିଛି । ୟୁପି ତରଫରୁ ଗ୍ରେସ ହାରିସ୍ ଅପରାଜିତ ୬୦ ରନ (୩୩ ବଲ, ୯ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅଲିସା ହିଲି ୩୩, କରିନ ନାଭଗିରେ ୧୨, ଚମାରି ଆଟାପାଟୁ ୧୭ ରନକରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ଦ୍ରୁତ ୧୭ ରନକରି ଅପରାଜିତ ରହିଥିଲେ । ଗୁଜରାଟ ତରଫରୁ ତନୁଜା କନୱାର ଦୁଇଟି ୱିକେଟ ନେଇଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ତରଫରୁ ଫୋଏବେ ଲିଚ୍‌ଫିଲ୍ଡ ୩୫, ଆଶଲେ ଗାର୍ଡନର ୩୦, ଓପନର ଲଉରା ଉଲଭାଡର୍ଟ ୨୮, ହର୍ଲିନ ଦେଓଲ ୧୮, ଅଧିନାୟିକା ବେଥ ମୁନି ୧୬ ରନକରି ଆଉଟ ହୋଇଥିବା ବେଳେ ଦୟାଲାନ ହେମଲତା ୨ ଓ କାଥରିନ ବ୍ରାଏସ ୫ ରନକରି ଅପରାଜିତ ରହିଥିଲେ । ବୋଲିଂରେ ୟୁପି ତରଫରୁ ସୋଫି ଏକ୍ଲେଷ୍ଟୋନ ସର୍ବାଧିକ ୩ ଓ ରାଜେଶ୍ୱରୀ ଗାୟକ୍ୱାଡ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ ।

ଲିଗ୍‌ରେ ଏପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ଅଙ୍କ ହାସଲ କରି ତାଲିକାର ଶୀର୍ଷରେ ରହିଛି । ସେହିପର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ୟୁପି ଓ ମୁମ୍ବାଇ ଇଣ୍ଡିଆନ୍ସ ୪ ଲେଖାଏ ଅଙ୍କ ପାଇଥିଲେ ମଧ୍ୟ ନେଟ ରନରେଟ୍‌ରେ ପଛରେ ରହି ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି ।

ଜାତୀୟ ମହିଳା ରଗ୍‌ବୀରେ ଓଆର୍‌ଏଫ୍‌ସି ଚାମ୍ପିଅନ

ଭୁବନେଶ୍ୱର, ୧।୩ (ସମିସ)

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନ (ଓଆର୍‌ଏଫ୍‌ଏ), କିଟ୍ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ (ମହିଳା) ଡିଭିଜନ-୧ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । କିଟ୍‌ସ୍ଥିତ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ୍ କ୍ଲବ (ଓଆର୍‌ଏଫ୍‌ସି) ଚାମ୍ପିଅନ ହୋଇଛି । ଫାଇନାଲରେ ହୁପି ମାଝିଙ୍କ ନେତୃତ୍ୱାଧୀନ ଓଆର୍‌ଏଫ୍‌ସି ୬୯-୦୫ ସ୍କୋରରେ ଦିଲ୍ଲୀ ହରିକେନ୍ସକୁ ପରାସ୍ତ କରିଥିଲା । ଅଧିନାୟିକା ହୁପିଙ୍କ ସମେତ ଓଆର୍‌ଏଫ୍‌ସିର ୨୦ଜଣ ଖେଳାଳି କିସ୍‌ରେ ଅଧ୍ୟୟନ କରୁଛନ୍ତି । ଏହି ୫ ଦିବସୀୟ ପ୍ରତିଯୋଗିତାରେ ୭ ମହିଳା ଦଳର ୧୮୦ ଖେଳାଳି ଅଂଶଗ୍ରହଣ କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, ରଗ୍‌ବୀ ଇଣ୍ଡିଆର ସଭାପତି ତଥା ଅଭିନେତା ରାହୁଲ ବୋଷ, ଉପସଭାପତି ସନୟା ମେହତା ବ୍ୟାସ, ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ | ଉତ୍କଳକୁ ୬, କିଟ୍ ୪ ଓ ସମ୍ବଲପୁରକୁ ୩ ପଦକ

ଭୁବନେଶ୍ୱର, ୧।୩(ସମିସ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ଫେବୃଆରୀ ୧୭ରୁ ୧୧ ଦିନ ବ୍ୟାପୀ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦେଶର ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପାଖାପାଖି ୪୫୦୦ କ୍ରୀଡ଼ାବିତ୍ ଭାଗନେଇଥିଲେ । ଏଥିରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ୭୧ ପଦକ ସହ ଚାମ୍ପିଅନ ହୋଇଛି । ଯେଉଁଥିରେ ୩୨ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୧ କାଂସ୍ୟ ପଦକ ରହିଛି । ଲଭଲୀ ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ୨ୟ ଏବଂ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ୩ୟ ସ୍ଥାନରେ ରହିଛି ।

ଓଡ଼ିଶାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନ କରିଛି । ଉତ୍କଳ ୬ ପଦକ ସହ ତାଲିକାର ୧୯ ତମ ସ୍ଥାନରେ ରହିଛି । ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିଛି । ସମସ୍ତ ପଦକ ସନ୍ତରଣକାରୀ ପ୍ରତ୍ୟାଶା ରାୟ ହାସଲ କରିଛନ୍ତି । ସେହିଭଳି କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯଥାକ୍ରମେ ୩୦ ଓ ୩୩ତମ ସ୍ଥାନ ଲାଭ କରିଛନ୍ତି । ୨ଟି ଲେଖାଏ ସ୍ୱର୍ଣ୍ଣ ଓ ର

ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ୩୦ ସାମିଲ

କାହିଁକି ବାଦ୍ ପଡ଼ିଲେ କିଶାନ, ଆୟର

ନୂଆଦିଲ୍ଲୀ, ୧।୩ (ଏଜେନ୍ସି)

ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ଚଳିତ ବର୍ଷ ଲାଗି କେନ୍ଦ୍ରୀୟ ରାଜିନାମାରେ ୩୦ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ୩ଟି ଟେଷ୍ଟ କିମ୍ବା ୮ଟି ଦିନିକିଆ କିମ୍ବା ୧୦ଟି ଟି-୨୦ ମ୍ୟାଚ୍ ଖେଳିଲେ ଜଣେ ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ନେବାର ନିୟମ ରହିଛି। ଏଭଳି ନିୟମକୁ ପୂରଣ କରୁଥିଲେ ମଧ୍ୟ ଭାରତର ଦୁଇ ତାରକା ଖେଳାଳି ଝାଡଖଣ୍ଡର ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ଓ ମୁମ୍ବଇର ମଧ୍ୟଭାଗ ବ୍ୟାଟର ଶ୍ରେୟସ ଆୟରଙ୍କୁ ଚୁକ୍ତିରୁ ବାଦ୍ ଦିଆଯାଇଛି। ଏମାନେ ଗତ କିଛି ବର୍ଷ ଧରି ଭାରତ ଲାଗି ଚମତ୍କାର କ୍ରିକେଟ ଖେଳିଥିଲେ ମଧ୍ୟ ସେମାନଙ୍କୁ ଚୁକ୍ତିରୁ ବାଦ୍ ଦେବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। କିନ୍ତୁ ଖେଳ ଲାଗି ନୁହେଁ ବରଂ ଉଭୟ ଖେଳାଳି ବିସିସିଆଇ ନିର୍ଦ୍ଦେଶ ଅବମାନନା କରିଥିବାରୁ ସେମାନଙ୍କ ବିରୋଧରେ ଏକପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମାନଙ୍କ ଅପରାଧ ହେଲା ଘରୋଇ ବା ରଣଜୀ କ୍ରିକେଟ ଖେଳିବାକୁ ବିସିସିଆଇ ସମ୍ପାଦକ ଜୟ ଶାହ ଚେତାବନୀ ସହ ନିର୍ଦ୍ଦେଶ ଦେବା ଓ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ପରାମର୍ଶ ଦେଇଥିଲେ ମଧ୍ୟ ଉଭୟ ଏହାକୁ ମାନି ନଥିଲେ। ଏହା ଫଳରେ ଉଭୟଙ୍କୁ କେନ୍ଦ୍ରୀୟ ଚୁକ୍ତି ହରାଇବାକୁ ପଡ଼ିଲା ବୋଲି ଆଲୋଚନା କରାଯାଉଛି।

କେନ୍ଦ୍ରୀୟ ଚୁକ୍ତି ହରାଇବା ପରେ ଉଭୟ ଖେଳାଳି ନିଶ୍ଚିତଭାବେ ମାନସିକ ଭାବେ ବିବ୍ରତ ହେବେ। ବର୍ତ୍ତମାନ

ସ୍ଥିତି ଅନୁଯାୟୀ ସେମାନେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସଫଳ ହେଲେ ମଧ୍ୟ ଚୟନକର୍ତ୍ତା ନିଶ୍ଚିତଭାବେ ଦଳରେ ନେବାକୁ କୁଣ୍ଠାବୋଧ କରିବେ। ଗୋଟିଏ ଭଲ କଥା ହେଲା କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିବା ପରେ ଶ୍ରେୟସ ଆୟର ତାମିଲନାଡୁ ବିପକ୍ଷରେ ସେମିଫାଇନାଲ ଖେଳିବାକୁ ମୁମ୍ବାଇ ଦଳରେ ସାମିଲ ହୋଇଛନ୍ତି। ସେହିପରି ଇଶାନ କିଶାନ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳାଯାଉଥିବା କର୍ପୋରେଟ କ୍ରିକେଟ ଲିଗ୍‌ରେ ଖେଳିଛନ୍ତି। ଉଭୟ ଯେ ବିସିସିଆଇ ନିର୍ଦ୍ଦେଶ ମାନିଛନ୍ତି ତାହା ଏଥିରୁ ସ୍ପଷ୍ଟ ହୋଇଛି। କିନ୍ତୁ ଏମାନଙ୍କୁ କାହିଁକି କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଗଲା ତାହା ସ୍ପଷ୍ଟ କରାଯାଇ ନଥିଲେ ମଧ୍ୟ ଜୟ ଶାହଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳୁଥିବାବେଳେ ଆୟର ମାଂସପେସୀରେ ଆଘାତ ପାଇଥିଲେ। ତାଙ୍କୁ ଏନ୍‌ସିଏ ପଠାଯାଇଥିଲା। ସେଠାରେ ଫିଟ୍ ଘୋଷିତ ହେବା ପରେ ଘରୋଇ କ୍ରିକେଟ ଖେଳିବାକୁ କୁହାଯାଇଥିଲା। ମୁମ୍ବାଇ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ଖେଳିବା ପୂର୍ବରୁ ଆୟର ତାଙ୍କ ପିଠିରେ ଯନ୍ତ୍ରଣା ହେବା ଓ ମାଂସପେସୀରେ କଷ୍ଟ ଅନୁଭବ କରିବାର ଅଭିଯୋଗ କରିଥିଲେ। ଏହା ଫଳରେ ତାଙ୍କୁ ପୁଣିଥରେ ଏନ୍‌ସିଏ ଯିବାକୁ କୁହାଯାଇଥିଲା। ସେଠାରେ ନାତିନ ପଟେଲ ସମସ୍ତ ପରୀକ୍ଷା ନିରୀକ୍ଷା କରିବା ପରେ ଆୟରଙ୍କ ଅଭିଯୋଗ ଭୂଲ ସାବ୍ୟସ୍ତ ହୋଇଥିଲା। ଏହି ଘଟଣା ହିଁ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦେବା ଲାଗି ପର୍ଯ୍ୟାପ୍ତ ହୋଇଥିଲା।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବା ବେଳେ ଇଶାନ କିଶାନ ବ୍ୟକ୍ତିଗତ କାରଣ ଦର୍ଶାଇ ଛୁଟିରେ ପଳାଇଆସିଥିଲେ। କିନ୍ତୁ ସେ ତାଙ୍କ ରାଜ୍ୟ କ୍ରିକେଟ ସଂଘ କିମ୍ବା ଏନ୍‌ସିଏରେ ରିପୋର୍ଟ କରି ନଥିଲେ। ଏହି ସମୟରେ ରଣଜୀ ଟ୍ରଫି ଚାଲିଥିଲେ ମଧ୍ୟ ସେଥିରେ ଭାଗ ନେଇ ନ ଥିଲେ। ଏହା ବଦଳରେ ସେ ଟିଭି କାର୍ଯ୍ୟକ୍ରମରେ ଭାଗ ନେବା ସହ ଦୁବାଇରେ ମହେନ୍ଦ୍ର ଧୋନିଙ୍କ ସହ ଘରୋଇ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏପରିକି ସେ ନିଜ ରାଜ୍ୟକୁ ନ ଫେରି ପାଣ୍ଡ୍ୟା ଭ୍ରାତାଙ୍କ ସହ ଅଭ୍ୟାସ କରିବାକୁ ପସନ୍ଦ କରିଥିଲେ। ଏଭଳି ଆଚରଣ ବିସିସିଆଇର କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଥିଲା। ଯାହା ଫଳରେ ସେମାନଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଗଲା। ଏହି ନିଷ୍ପତ୍ତି ଉପରେ ସୌରଭ ଗାଙ୍ଗୁଲିଙ୍କ ପରି ଖେଳାଳି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ମଧ୍ୟ କପିଳ ଦେବ ଓ ରବି ଶାସ୍ତ୍ରୀଙ୍କ ପରି ଅନେକ କିମ୍ବଦନ୍ତୀ ସ୍ୱାଗତ କରିଛନ୍ତି।

ବହୁଦିବସୀୟ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ବିସିସିଆଇ

ପୁଣେରେ ମାର୍ଚ୍ଚ ୨୯ରୁ ଆରମ୍ଭ, ଭାଗନେବେ ୬ ଦଳ

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ଏକ ବହୁ ଦିବସୀୟ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ପୁଣେରେ ମାର୍ଚ୍ଚ ୨୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିବେ। ଦେଶର ବିଭିନ୍ନ ଅଞ୍ଚଳକୁ ଭିତ୍ତି କରି ଦଳଗୁଡିକ ଗଠନ କରାଯାଇଛି। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ମଧ୍ୟ, ଉତ୍ତରପୂର୍ବାଞ୍ଚଳ ଦଳଗୁଡିକ ଏଥିରେ ଭାଗ ନେବେ। ଏହି ଦଳଗୁଡିକ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଅଂଶଗ୍ରହଣ କରିବେ। କ୍ୱାର୍ଟର ଫାଇନାଲରୁ ହିଁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡିକ ମାର୍ଚ୍ଚ ୨୯, ୩୦ ଓ ୩୧ରୁ ଆରମ୍ଭ ହେବ। କ୍ୱାର୍ଟର ବିଜେତା ଦଳଗୁଡିକ ସେମିକୁ ଉଠିବେ। ଦୁଇଟି ଯାକ ସେମିଫାଇନାଲ ୫ରୁ ୭ ଏପ୍ରିଲ ପର୍ଯ୍ୟନ୍ତ ଖେଳାଯିବ। ଫାଇନାଲ ମ୍ୟାଚ୍ ୯, ୧୦ ଓ ୧୧ ତାରିଖରେ ୩ ଦିନ ଧରି ଖେଳାଯିବ। ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୧ ଦିନ ପରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ବିସିସିଆଇ ରେଡ୍ ବଲ ଅର୍ଥାତ ବହୁ ଦିବସୀୟ କ୍ରିକେଟକୁ ଅଧିକ ଗୁରୁତ୍ୱ ଦେଉଛି।

ପ୍ରଥମ ଟେଷ୍ଟ: ଅଷ୍ଟ୍ରେଲିଆ ଅଗ୍ରଣୀ

ୱେଲିଂଟନ, ୧।୩(ଏଜେନ୍ସି)

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ କାମେରନ ଗ୍ରୀନ୍ ଓ ଜୋଶ ହାଜଲେଉଡଙ୍କ ରେକର୍ଡ ଭାଗିଦାରୀ ସହାୟତାର ପ୍ରଥମ ପାଳିରେ ବୃହତ୍ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୫.୧ ଓଭରରେ ୩୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୩.୧ ଓଭରରେ ୧୭୯ ରନକରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୨୦୪ ରନରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୮ ଓଭରରେ ଦୁଇ ୱିକେଟ ହରାଇ ୧୩ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ ୮ ୱିକେଟ ବାକିଥାଇ ୨୧୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉସ୍‌ମାନ ଖ୍ୱାଜା ୫ ଓ ରାତ୍ର ଜଗୁଆଳୀ ନାଥନ ଲାୟନ ୬ ରନକରି ଅପରାଜିତ ରହିଛନ୍ତି। ଓପନର ଷ୍ଟିଭ ସ୍ମିଥ୍ ଖାତା ଖୋଲିବା ପୂର୍ବରୁ ଓ ମାର୍ନସ ଲାବୁସେନ ୨ ରନକରି ଟିମ୍ ସାଉଦିଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

୧୦ମ ୱିକେଟରେ ୧୧୬ ରନ ଭାଗୀଦାରି

ଅସମାପ୍ତ ପ୍ରଥମ ପାଳି ସ୍କୋର ୨୭୯/୯ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଅଲଆଉଟ ହୋଇଥିଲା। ୧୦ମ ୱିକେଟରେ ଜୋଶ ହାଜେଲଉଡ ଓ କାମେରନ ଗ୍ରୀନ ୧୮୮ ବଲର ସମ୍ମୁଖୀନ ହୋଇ ୧୧୬ ରନ ସଂଗ୍ରହ କରିଥିଲେ ଓ ଅଷ୍ଟ୍ରେଲିଆ ଟେଷ୍ଟ ଇତିହାସରେ ଚତୁର୍ଥ ବୃହତ୍ ଭାଗୀଦାରି ସ୍ଥାପନ କରିଥିଲେ। ଅପରାଜିତଥିବା ବ୍ୟାଟର ଗ୍ରୀନ ୧୦୩ରୁ ଖେଳ ଆରମ୍ଭ କରି ୧୭୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଶୂନରୁ ଖେଳ ଆରମ୍ଭ କରି ହାଜଲେଉଡ ୨୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନେରୀ ୫, ୱିଲିୟମ ଓ'ରୁର୍କ ଓ ସ୍କଟ କୁଗଲେଜିନ ୨ଟି ଲେଖାଏ ୱିକେଟ ନେଇଥିଲେ।

ଏହାପରେ ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ୧୭୯ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୭୧, ମ୍ୟାନ ହେନେରୀ ୪୨, ଟମ୍ ବ୍ଲଣ୍ଡେଲ ୩୩ ରନକରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଲାୟନ ୪, ହାଜଲେଉଡ ୨, ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର